
# ଭାଷା ମଧୁକ

## ୨

### ଚତୁର୍ଥ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ମୋର ନାମ:.............................................

ମୋ'ବାପାଙ୍କ ନାମ :.............................................

ମୋ'ମା'ଙ୍କ ନାମ :.............................................

ମୋର ବିଦ୍ୟାଳୟର ନାମ:.............................

ମୋର ଶ୍ରେଣୀ ଶିକ୍ଷକ/

ଶିକ୍ଷୟିତ୍ରୀଙ୍କ ନାମ .........................................

ମୋ ଗାଁ/

ସାହିର ନାମ .............................................

DRAFT

# ଭାଷାମାଧୁରୀ

୨

## ଚତୁର୍ଥ ଶ୍ରେଣୀ

DRAFT

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

# ଭାଷାମହକ ( ୨ )

(ପରୀକ୍ଷାମୂଳକ ସଂସ୍କରଣ)
ଭାଷା ଶିକ୍ଷା ନିମନ୍ତେ

## ଚତୁର୍ଥ ଶ୍ରେଣୀ


**ସମ୍ପାଦନା ମଣ୍ଡଳୀ**
ଡ. ଲଳିତ କୁମାର ଲେଙ୍କା
ଶ୍ରୀ ନଳିନୀକାନ୍ତ ପଣ୍ଡା
ଶ୍ରୀ ରଣଜିତ୍ କୁମାର ସ୍ୱାଇଁ
ଶ୍ରୀ ଗଣେଶ ଚନ୍ଦ୍ର ଜେନା

**ସଂଯୋଜିକା**
ଶ୍ରୀମତୀ ବନ୍ଦିତା ପଟ୍ଟନାୟକ

**ମୁଖ୍ୟ ସଂଯୋଜିକା**
ଡକ୍ଟର ସବିତା ସାହୁ

**ସମୀକ୍ଷକ ମଣ୍ଡଳୀ**
ଶ୍ରୀ ବିଷ୍ଣୁ ମୋହନ ପଣ୍ଡା
ଡ. ଅଭୟ କୁମାର ରାଉତ
ଶ୍ରୀ ବନମାଳୀ ପାଣିଗ୍ରାହୀ

**ବିଷୟ ବିଶେଷଜ୍ଞ**
ଡ଼. ନିରଞ୍ଜନ ମହାନ୍ତି



**ପ୍ରକାଶକ**
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ : ୨୦୨୬**

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର ଓ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର


DRAFT

# ପ୍ରସ୍ତାବନା

'ଜାତୀୟ ଶିକ୍ଷାନୀତି-୨୦୨୦' ଦ୍ୱାରା ସୁପାରିଶ୍ କରାଯାଇଛି ଯେ ମୌଳିକ ପର୍ଯ୍ୟାୟରେ ପିଲାମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମ ଦେଶର ସଂସ୍କୃତି ଓ ସାମ୍ବିଧାନିକ ବ୍ୟବସ୍ଥାରୁ ଉପନ୍ନ ଅମୂଲ୍ୟ ସଂସ୍କାରବୋଧକୁ ଗ୍ରହଣକରି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ ନିମିତ୍ତ ମୂଳଭିତ୍ତି ସ୍ଥାପନ କରାଗଲେ ସେମାନେ ଅଧିକ ପ୍ରତିଯୋଗିତା ମୂଳକ (Challanging) ମଧ୍ୟ ସ୍ତର ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇପାରିବେ ।

ପ୍ରସ୍ତୁତି ସ୍ତର, ମୌଳିକ ଓ ମଧ୍ୟମ ସ୍ତର ମଧ୍ୟରେ ଏକ ସଂଯୋଗ ସେତୁ ଭାବେ କାର୍ଯ୍ୟ କରିଥାଏ । ପ୍ରସ୍ତୁତି ସ୍ତରର ଶିକ୍ଷା ଅବଧି ତୃତୀୟରୁ ପଞ୍ଚମ ଶ୍ରେଣୀକୁ ଅନ୍ତର୍ଭୁକ୍ତ କରେ । ଏହି ସ୍ତରର ଛାତ୍ରଛାତ୍ରୀମାନେ ଯେଉଁ ଶିକ୍ଷା ପାଇବେ ତାହା ମୂଳତଃ ମୌଳିକ ଶିକ୍ଷା ପଦ୍ଧତି ଉପରେ ଆଧାରିତ । ଖେଳ ଭିତ୍ତିକ, ବିଜ୍ଞାନ ଭିତ୍ତିକ, କାର୍ଯ୍ୟକଳାପ ଭିତ୍ତିକ ଶିକ୍ଷାଦାନ ସହିତ ଶିକ୍ଷଣ ପଦ୍ଧତି ଜାରି ରହିବ । ଏହା ସହିତ ପିଲାମାନଙ୍କୁ ପାଠ୍ୟପୁସ୍ତକ ଓ ଶ୍ରେଣୀଗୃହ ସହିତ ଆନୁଷ୍ଠାନିକ ଭାବେ ପରିଚିତ କରାଯିବ । ପିଲାମାନଙ୍କର ଶିକ୍ଷଣ ବ୍ୟବସ୍ଥାକୁ ଅଧିକ ଆନନ୍ଦ ଦାୟକ କରାଯିବା ପାଇଁ ସେମାନଙ୍କୁ ପଠନ, ଲିଖନ, ଚିତ୍ରକଳା ଓ ସଙ୍ଗୀତ ମାଧ୍ୟମର ଉପଯୋଗ ସହିତ ଆତ୍ମ-ଅନୁସନ୍ଧାନ ପାଇଁ ଏକ ସୁଯୋଗ ସୃଷ୍ଟି କରାଯିବାର ଲକ୍ଷ୍ୟ ରହିଛି । ତେଣୁ ଏହି ସ୍ତରର ପିଲାମାନଙ୍କୁ ଭାଷା, ଗଣିତ, ପରିବେଶ ବିଜ୍ଞାନ, ଶାରୀରିକ, କଳାଶିକ୍ଷା ସହିତ ପରିଚିତ କରାଯିବ । ଏହା ଫଳରେ ପିଲାମାନଙ୍କର ଜ୍ଞାନାତ୍ମକ, ଭାବନାତ୍ମକ, ଶାରୀରିକ କ୍ଷେତ୍ରରେ ବିକାଶକୁ ସୁନିଶ୍ଚିତ କରି ମଧ୍ୟମ ସ୍ତରରେ ପ୍ରବେଶ କରିବାର ରାସ୍ତା ପ୍ରଶସ୍ତ ହୋଇପାରିବ ।

ଉପରୋକ୍ତ ଉଦ୍ଦେଶ୍ୟ ହାସଲ କରିବାପାଇଁ ଚତୁର୍ଥ ଶ୍ରେଣୀ ନିମିତ୍ତ ବର୍ତ୍ତମାନ ପାଠ୍ୟପୁସ୍ତକ 'ଭାଷା ମହକ-୨' ବିକଶିତ କରାଯାଇଛି । 'ଜାତୀୟ ଶିକ୍ଷାନୀତି-୨୦୨୦' ଏବଂ ବିଦ୍ୟାଳୟ ଶିକ୍ଷାପାଇଁ 'ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୩' ଅନୁଯାୟୀ ଓ 'ଓଡ଼ିଶା ପାଠ୍ୟକ୍ରମ ଆଧାର- ବିଦ୍ୟାଳୟ ଶିକ୍ଷା, ୨୦୨୫'କୁ ଅନୁସରଣ କରି ଏହି ପାଠ୍ୟପୁସ୍ତକ ପିଲାମାନଙ୍କ ମଧ୍ୟରେ ଧାରଣାଗତ ବୁଝାମଣା, ତାର୍କିକ ଚିନ୍ତାଧାରା, ସୃଜନଶୀଳତା, ମୂଲ୍ୟବୋଧ ଭିତ୍ତିକ ମନୋଭାବର ବିକାଶ ଉପରେ ସମାନ ଗୁରୁତ୍ୱ ପ୍ରଦାନ କରେ, ଯାହା ଏହି ସ୍ତରର ଶିକ୍ଷାପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥି ସହିତ ସୂଚନା ଓ ପ୍ରଯୁକ୍ତିବିଦ୍ୟା, ବହୁଭାଷୀବାଦ, ଲିଙ୍ଗଗତ ସମାନତା ଓ ସାଂସ୍କୃତିକ ସମନ୍ୱୟକୁ ଉପଯୁକ୍ତ ଭାବେ ସମନ୍ୱିତ କରାଯାଇଛି । ପାଠ୍ୟପୁସ୍ତକରେ ବିଦ୍ୟାଳୟ ଭିତ୍ତିକ ବ୍ୟାପକ ମୂଲ୍ୟାୟନ ପଦ୍ଧତିର ବିଭିନ୍ନ ବିଷୟ ବିନ୍ଦୁଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି । ଆକର୍ଷଣୀୟ ଚିନ୍ତାଧାରା ଓ ଆନନ୍ଦଦାୟୀ କାର୍ଯ୍ୟକଳାପରେ ପରିପୂର୍ଣ୍ଣ ଏହି ପୁସ୍ତକ ନିଶ୍ଚିତ ଭାବେ ଛାତ୍ରଛାତ୍ରୀମାନଙ୍କପାଇଁ ଆକର୍ଷଣୀୟ ହେବା ସହିତ ସେମାନଙ୍କ ଜ୍ଞାନବୃଦ୍ଧିରେ ସହାୟକ ହୋଇପାରିବ । ପିଲାମାନେ ପାଠ୍ୟାଂଶରେ ଥିବା ସମସ୍ତ ଭାବଧାରାକୁ ଗ୍ରହଣ କରିବା ସଙ୍ଗେସଙ୍ଗେ ସେମାନଙ୍କ ଶିକ୍ଷକ ଓ

DRAFT

ସହପାଠୀମାନଙ୍କ ସହିତ ମିଶି ନିର୍ଦ୍ଦେଶିତ ପରାମର୍ଶଗୁଡ଼ିକୁ ସମ୍ପାଦନ କରିବେ । ଯାହାଦ୍ୱାରା ଏହି ପାଠ୍ୟ ପୁସ୍ତକରେ ଦିଆଯାଇଥିବା ପାଠ୍ୟକ୍ରମରୁ ଶିକ୍ଷା ଗ୍ରହଣ କରି ଛାତ୍ରଛାତ୍ରୀ ଓ ଶିକ୍ଷକ ଉଭୟେ ସେମାନଙ୍କର ଜ୍ଞାନ ଓ ଅଭିଜ୍ଞତାକୁ ପରିମାର୍ଜିତ କରି ଉପଭୋଗ କରିପାରିବେ ।

ଏଠାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପାଠ୍ୟପୁସ୍ତକରେ ଶିକ୍ଷଣଦିଗ, ମୌଳିକତା, ତାର୍କିକ ଚିନ୍ତାଧାରା ଓ ନିଷ୍ପତ୍ତି ଗ୍ରହଣ ଉପରେ ଧ୍ୟାନ ଦିଆଯାଇଛି । ଏହି ପର୍ଯ୍ୟାୟରେ ପିଲାମାନଙ୍କ ମନରେ ସାଧାରଣତଃ ଅନେକ ପ୍ରଶ୍ନ ଉଠିଥାଏ । ତେଣୁ ଏଠାରେ ପିଲାମାନଙ୍କର ଜିଜ୍ଞାସା ଓ ପ୍ରଶ୍ନଗୁଡ଼ିକର ସମାଧାନ ପାଇଁ ମୌଳିକ ସ୍ତରରୁ ଶିକ୍ଷଣ ପ୍ରଣାଳୀକୁ ଖେଳକୁଦ, ଗପ ଓ ଗୀତ ମାଧ୍ୟମରେ ଆକର୍ଷଣୀୟ କରାଯାଇଛି ।

ଏହି ପୁସ୍ତକରୁ ପିଲାମାନେ ଶିଖିବା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ସେମାନଙ୍କ ଜ୍ଞାନର ପରିସୀମା ବୃଦ୍ଧି ପାଇଁ ଶିକ୍ଷକ ପରିବାର ଓ ପାଠାଗାରର ସହାୟତାର ଆବଶ୍ୟକତା ରହିଛି । ଏକ ପ୍ରଭାବଶାଳୀ ଶିକ୍ଷକ ପରିବେଶ ହିଁ ପିଲାମାନଙ୍କୁ ଉତ୍ସାହର ସହିତ ଶିଖିବା ପାଇଁ ଅନୁପ୍ରେରିତ କରିବ । ସେମାନଙ୍କର କୌତୂହଳ ଓ ସୃଜନଶୀଳତାର ବିକାଶ ପାଇଁ ସେମାନଙ୍କୁ ଉତ୍ସାହିତ କରାଯିବା ଉଚିତ ।

ଉପରୋକ୍ତ ସମସ୍ତ ଉଦ୍ଦେଶ୍ୟ ହାସଲ କରିବାରେ ଏହି ପୁସ୍ତକ ସଫଳ ହେବ ବୋଲି ଆଶା କରୁଛି । ପ୍ରାଥମିକ ସ୍ତରରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି ପୁସ୍ତକଟିକୁ ସୁପାରିଶ କରୁଛି । ଏହି ପାଠ୍ୟପୁସ୍ତକ ବିକାଶରେ ଜଡ଼ିତ ସମସ୍ତଙ୍କୁ ମୋର କୃତଜ୍ଞତା ଜଣାଉଛି, ଆଶା କରୁଛି ଏହି ପୁସ୍ତକଟି ସମସ୍ତଙ୍କ ଆଶା ପୂରଣ କରି ପାରିବ ।

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ଏହାର ପ୍ରକାଶନରେ ପଦ୍ଧତିଗତ ଉନ୍ନତି ଓ ସଂସ୍କାର ପାଇଁ ନିରନ୍ତର ପ୍ରତିଶ୍ରୁତିବଦ୍ଧ । ଆପଣଙ୍କ ଗଠନ ମୂଳକ ମତାମତ ଓ ପରାମର୍ଶକୁ ସ୍ୱାଗତ କରୁଛି, ଯାହା ଭବିଷ୍ୟତରେ ଆବଶ୍ୟକ ସଂଶୋଧନରେ ସାହାଯ୍ୟ କରିବ ।


ନିର୍ଦ୍ଦେଶକ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ

ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର


DRAFT

# ପୁସ୍ତକ ବିଷୟରେ

ଚତୁର୍ଥଶ୍ରେଣୀ ପାଠ୍ୟପୁସ୍ତକ 'ଭାଷାମହକ-୨' ପ୍ରସ୍ତୁତ କରିବା ସମୟରେ ମୁଖ୍ୟତଃ ଜାତୀୟ 'ଶିକ୍ଷାନୀତି-୨୦୨୦' ଏବଂ ବିଦ୍ୟାଳୟ ଶିକ୍ଷାପାଇଁ 'ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୩' ଓ 'ଓଡ଼ିଶା ପାଠ୍ୟକ୍ରମ ଆଧାର-ବିଦ୍ୟାଳୟ ଶିକ୍ଷା,୨୦୨୫' ନିର୍ଦ୍ଦେଶାବଳୀକୁ ଧ୍ୟାନରେ ରଖାଯାଇଛି । ଭାଷା ଶିକ୍ଷା ହେଉଛି ଜାତୀୟ ଓ ରାଜ୍ୟ ପାଠ୍ୟକ୍ରମ ଆଧାର- ୨ ୦ ୨ ୩ ବିଦ୍ୟାଳୟ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଭାଷା ସାହାଯ୍ୟରେ ପିଲାମାନେ ସେମାନଙ୍କ ପରିବାର, ପରିବେଶ, ସଂସ୍କୃତି ଏବଂ ରାଷ୍ଟ୍ରୀୟ ଭାବନା ସହିତ ଯୋଡ଼ି ହୁଅନ୍ତି । ଭାଷା ହେଉଛି ପିଲାମାନଙ୍କ ମଧ୍ୟରେ ମୌଳିକ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତିଷ୍ଠା, ସ୍ୱାସ୍ଥ୍ୟ ଓ ସୁରକ୍ଷାପ୍ରତି ସତର୍କତା, ସାମାଜିକ-ଭାବପ୍ରବଣ ଶିକ୍ଷା ଇତ୍ୟାଦିର ଏକ ମାଧ୍ୟମ । ତେଣୁ ଏଠାରେ ଭାଷା ଶିଖିବା ବେଳେ ପଢ଼ିବା ଏବଂ ଲେଖିବା ନୁହେଁ, ବରଂ ଏଥିରେ ପିଲାମାନଙ୍କର ଜୀବନଶୈଳୀ ସମେତ ଆଚରଣଗତ ପରିବର୍ତ୍ତନର ପ୍ରତିଫଳନ ମଧ୍ୟ ଅନ୍ତର୍ଭୁକ୍ତ ।

ଭାଷା ହେଉଛି ଆମ ସାଂସ୍କୃତିକ ପରିଚୟର ମାଧ୍ୟମ। ଭାଷା ବ୍ୟତିରେକେ ସମାଜ କିମ୍ବା ବ୍ୟକ୍ତିର ଆଚରଣ, ଖାଦ୍ୟପେୟ, ଚିନ୍ତାଧାରା, ଐତିହ୍ୟ ଓ ସଂସ୍କୃତିକୁ କରାଯାଇପାରିବ ନାହିଁ । ପିଲାମାନେ ଭାଷାକୁ କେବଳ ଏକ ନିୟମ ଆଧାରିତ ବ୍ୟବସ୍ଥା ଭାବେ ଗ୍ରହଣ କରିବା ଉଚିତ ନୁହେଁ, ବରଂ ଏହାର ସୌନ୍ଦର୍ଯ୍ୟ, ସାମାଜିକ, ସାଂସ୍କୃତିକ, ମନସ୍ତାତ୍ତ୍ୱିକ ଏବଂ ସାହିତ୍ୟିକ ଦିଗଗୁଡ଼ିକୁ ବୁଝିବା ଉଚିତ । ଏହି ସମସ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି, ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ସମୟରେ ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନ ଦିଆଯାଇଛି :-

୧. ପୁସ୍ତକରେ ପିଲାମାନଙ୍କୁ କବିତା, କାହାଣୀ, ପ୍ରବନ୍ଧ, ଜୀବନୀ, ଏକାଙ୍କିକା, ନାଟକ, ପର୍ବପର୍ବାଣି ଆଦି ସହିତ ଆକର୍ଷଣୀୟ ଭାବରେ ପରିଚିତ କରାଯିବାର ପ୍ରୟାସ କରାଯାଇଛି । ଉପରୋକ୍ତ ବିଷୟଗୁଡ଼ିକୁ ଏପରିଭାବେ ବିକଶିତ କରାଯାଇଛି, ଯାହାଦ୍ୱାରା ଶିକ୍ଷାର୍ଥୀମାନେ ଭାଷା ଶିକ୍ଷା ସହିତ ଚିନ୍ତା କରିବା, ବୁଝିବା ଓ ପ୍ରଶ୍ନ ପଚାରିବା ପାଇଁ ଆଗ୍ରହୀ ହେବେ ।

୨. ପାଠ୍ୟକ୍ରମଗୁଡ଼ିକ ସରଳରୁ ଜଟିଳ କ୍ରମରେ ସଜ୍ଜିତ କରାଯାଇଛି । ଆମ ପରଂପରା, ସଂସ୍କୃତିକୁ ଆଧାର କରି ସାଂପ୍ରତିକ ସମୟରେ ଏଗୁଡ଼ିକର ପରିବର୍ତ୍ତିତ ମୂଲ୍ୟବୋଧକୁ ପ୍ରାଧାନ୍ୟ ଦିଆଯାଇଛି ।

୩. ଚିତ୍ରକଥା, ଗୀତ, ଖେଳକୁଦ ମଧ୍ୟରେ ପିଲାମାନଙ୍କର ପରିବେଶ ବିଷୟରେ ସ୍ୱଚ୍ଛ ଧାରଣା ସୃଷ୍ଟି କରିବା ପାଇଁ ପ୍ରୟାସ ହୋଇଛି ।

୪. ଆମ ଦେଶ, ଆମ ରାଜ୍ୟ ବିଷୟରେ ଅଧିକ ଜାଣିବା ସହିତ ପିଲାମାନଙ୍କର ଦକ୍ଷତା ବୃଦ୍ଧି ଓ ବିବେକର ପରିଶୁଦ୍ଧତା ପାଇଁ ଯତ୍ନ କରାଯାଇଛି ।

## ପାଠ୍ୟକ୍ରମର ଲକ୍ଷ୍ୟ

ଭାଷାର ବିଭିନ୍ନ ଦକ୍ଷତା ହାସଲ ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ 'ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୩'ରେ ବିଦ୍ୟାଳୟ ପାଠ୍ୟକ୍ରମର ଲକ୍ଷ୍ୟକୁ ନିମ୍ନ ଆଧାରରେ ସ୍ଥାନିତ କରାଯାଇଅଛି ।

**ପାଠ୍ୟକ୍ରମ-୧ :** ବିଷୟଗତ ଚିନ୍ତାଧାରାକୁ ଉତ୍ତମ ରୂପେ ବୁଝିବା ଓ ପରସ୍ପର ମଧ୍ୟରେ ଭାବ ବିନିମୟ କରିବା ପାଇଁ ବାକ୍ୟଗଠନ ମାଧ୍ୟମରେ ମୌଖିକ ଭାଷା ଦକ୍ଷତାର ବିକାଶ କରିବା ।

**ପାଠ୍ୟକ୍ରମ-୨ :** ପରିଚିତ ଓ ଅପରିଚିତ ପାଠ୍ୟ ବିଷୟ ଯେପରି (ଗଦ୍ୟ ଓ ପଦ୍ୟ ବିଷୟରେ) ମୌଳିକ ବୁଝାମଣା ଓ ବୋଧଗମ୍ୟତାର ଦକ୍ଷତା ବୃଦ୍ଧି ଘଟାଇବା ।

**ପାଠ୍ୟକ୍ରମ-୩ :** ନିଜର ଭାବନା ଓ ଅଭିଜ୍ଞତାକୁ ବ୍ୟକ୍ତ କରିବା ପାଇଁ ବାକ୍ୟଗୁଡ଼ିକ ସରଳ କିମ୍ବା ଯୌଗିକ ରୂପରେ ଲେଖିବାପାଇଁ ଦକ୍ଷତା ହାସଲ କରାଇବା ।

**ପାଠ୍ୟକ୍ରମ-୪ :** ବିଭିନ୍ନ ଉପାୟ ମାଧ୍ୟମରେ ବିଷୟଭୁକ୍ତ (ଗୃହ ଓ ବିଦ୍ୟାଳୟର ଅଭିଜ୍ଞତା) ବ୍ୟାପକ ଶବ୍ଦ ଭଣ୍ଡାରର ବୃଦ୍ଧି କରାଇବା ।

**ପାଠ୍ୟକ୍ରମ-୫ :** ପାଠପଢ଼ା ବିକାଶ କରାଇବା ନିମିତ୍ତ ନିଜର ରୁଚି ଓ ପ୍ରାଥମିକତାର ବିକାଶ ଘଟାଇବା । ପାଠାଗାରରେ ପୁସ୍ତକ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରାଇବା ।

ଏହି ଲକ୍ଷ୍ୟଗୁଡ଼ିକୁ ପୂରଣ କରିବା ମଧ୍ୟ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତିର ଏକ ପ୍ରମୁଖ ଉଦ୍ଦେଶ୍ୟ । ପାଠ୍ୟକ୍ରମର ଉଦ୍ଦେଶ୍ୟକୁ ଧ୍ୟାନରେ ରଖି ଦକ୍ଷତା ନିର୍ଣ୍ଣୟ କରାଯାଇଛି । ଦକ୍ଷତାବୃଦ୍ଧି ନିମିତ୍ତ ଶିକ୍ଷଣ ଫଳାଫଳ ନିର୍ଣ୍ଣୟ କରାଯାଇଛି । ଏହି ପାଠ୍ୟ ପୁସ୍ତକ, ପାଠ୍ୟକ୍ରମର ଦକ୍ଷତା ଏବଂ ଶିକ୍ଷଣ ଫଳାଫଳର ଏକ ସମ୍ମିଳିତ ରୂପକୁ ପ୍ରତିଫଳିତ କରିଅଛି ।

ସଂକ୍ଷେପରେ ଏତିକି କୁହାଯାଇପାରେ ଯେ ପ୍ରସ୍ତୁତ ପୁସ୍ତକରେ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପରିସ୍ଥିତିରେ ମୌଖିକ ଓ ଲିଖିତ ଅଭିବ୍ୟକ୍ତିର ରୂପାୟନ, ପଠନ, ଶ୍ରବଣ, ତର୍କ, ସୃଜନଶୀଳତା, କୌତୂହଳ, କଳ୍ପନା, ମାନବିକତା ଆଦି ଦକ୍ଷତାଗୁଡ଼ିକୁ ପରିପ୍ରକାଶ କରିବାପାଇଁ ଉଦ୍ଦେଶ୍ୟ ରହିଛି । ଆମ ପରମ୍ପରାକୁ ଭାଷା ଓ ସାହିତ୍ୟ ମାଧ୍ୟମରେ ଆଧୁନିକ ବୈଜ୍ଞାନିକ ପ୍ରଗତି ପର୍ଯ୍ୟନ୍ତ ବିଭିନ୍ନ ଭାବଧାରାକୁ ଉପସ୍ଥାପନ କରାଯାଇଛି ।

## ପାଠ୍ୟପୁସ୍ତକର ଉଦ୍ଦେଶ୍ୟ

**(କ)** ମୌଖିକ ଭାଷା ବିକାଶର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଅବାଧରେ ପିଲାମାନେ କଥାବାର୍ତ୍ତା ହୋଇ ତାଙ୍କ ଅଭିବ୍ୟକ୍ତିର ବିକାଶ ଘଟାଇବେ । ଏଥିପାଇଁ ଅଭ୍ୟାସ କାର୍ଯ୍ୟଗୁଡ଼ିକ ବିଷୟବସ୍ତୁର ଶେଷରେ 'ଆସ କଥାବାର୍ତ୍ତା ହେବା' କ୍ରମରେ ସ୍ଥାନିତ କରାଯାଇଛି ଯାହାଦ୍ୱାରା ପ୍ରତ୍ୟେକ ପିଲା ଏଥିରେ ଅଂଶ ଗ୍ରହଣ କରି ପାରିବେ ।

**(ଖ)** ଏହି ପୁସ୍ତକଟି 'କରୁଣା ସାଗର ପ୍ରଭୁହେ...' ପ୍ରାର୍ଥନାରୁ ଆରମ୍ଭ ହୋଇଛି । ଏହି ପ୍ରାର୍ଥନାଟି କୋମଳମତି ଛାତ୍ରଛାତ୍ରୀଙ୍କ ମନରୁ କ୍ରୋଧ, ହିଂସା ଦୂର କରି ଭକ୍ତି, ସେବା, ତ୍ୟାଗ, ସଦ୍‌ଜ୍ଞାନ ବିକାଶ ପାଇଁ ପ୍ରେରିତ କରିବ । ଏହି ଭାବନା ଭାରତୀୟ ପରଂପରା ଏବଂ ସଂସ୍କୃତି ସହିତ ଜଡ଼ିତ । ପରେ 'ଟିକି ଚଢ଼େଇ' କବିତାରେ ଘର ଏବଂ ବାହାର ଦୁନିଆ ଓ ସାଂସାରିକ ଜୀବନର ମଧୁରତାକୁ ସରଳ ଭାଷାରେ ବର୍ଣ୍ଣନା କରାଯାଇଛି । ବାହାର ଦୁନିଆକୁ ଜିଜ୍ଞାସୁ ନୟନରେ ଦେଖିବାପାଇଁ ଛାତ୍ରଛାତ୍ରୀମାନଙ୍କୁ ଏହି କବିତାଟି ଅନୁପ୍ରେରିତ କରିବ । 'ଜୟୀ ରାଜଗୁରୁ' ଓ 'ଆଚାର୍ଯ୍ୟ ହରିହର' କାହାଣୀ ଦୁଇଟି ମାଧ୍ୟମରେ ପିଲାମାନଙ୍କ ମନରେ ଦେଶପ୍ରେମ, ବୀରତ୍ୱ, ତ୍ୟାଗ, ସେବା ଭାବନା ସୃଷ୍ଟି କରିବା ପାଇଁ ପ୍ରୟାସ କରାଯାଇଛି ।

**(ଗ)** ପିଲାମାନଙ୍କୁ ନିଜ ଦେଶ ଓ ରାଜ୍ୟ ସହିତ ପରିଚିତ କରାଇବା ପାଇଁ 'ଓଡ଼ିଶା ମୋର ଦେଶ' କବିତାଟି ସନ୍ନିବେଶିତ କରାଯାଇଛି । ଓଡ଼ିଶାର ଭୌଗୋଳିକ ଅବସ୍ଥିତି, ଐତିହ୍ୟ, ପରମ୍ପରା ଓ ଦେବଦେବୀଙ୍କ ବିଷୟରେ ଏହି କବିତାରେ ଏକ ସ୍ଥୂଳ ଧାରଣା ପ୍ରଦାନ କରାଯାଇଛି । ପିଲାମାନଙ୍କ ମନରେ ଦେଶାତ୍ମବୋଧଭାବ ଜାଗ୍ରତ କରିବା ପାଇଁ 'ସ୍ୱାଧୀନ ଦେଶର ସନ୍ତାନ ଆମେ' ପଦ୍ୟଟିକୁ ସ୍ଥାନିତ କରାଯାଇଛି ।

**(ଘ)** ଆମ ପରିବେଶ ବିଷୟରେ ଜାଣିବା ଓ ଏହାର ସୁରକ୍ଷା କରିବାର ଚିନ୍ତାଧାରାକୁ ଆଧାର କରି 'ମୁଁ ନିମ୍ବଗଛ', 'ଗଛ ଓ କାଠୁରିଆ' ଓ 'ନିବେଦନ'କୁ ସ୍ଥାନ ଦିଆଯାଇଛି । 'ବୃକ୍ଷ, ଜଳ ହେଉଛି ଆମର ଜୀବନ' – ଏହାକୁ ଛାତ୍ରଛାତ୍ରୀମାନେ ପଠନ, ଦଳଗତ ଆଲୋଚନା ଓ ପ୍ରକଳ୍ପ କାର୍ଯ୍ୟକରି ସଚେତନ ହେବେ ଓ ଅନ୍ୟମାନଙ୍କୁ ଅବଗତ କରାଇବେ ।

**(ଙ)** ଆମ ସଂସ୍କୃତିର ଏକ ବିଭବ ହେଉଛି ବିଭିନ୍ନ ଯାତ୍ରା, ଉତ୍ସବ ଓ ପର୍ବପର୍ବାଣି । ଏହି ଉତ୍ସବ ମାଧ୍ୟମରେ ଆମେ ଆମର ଐତିହ୍ୟ ଓ ପରମ୍ପରାକୁ ମନେରଖିଥାଉ । ତେଣୁ 'ବୋଇତ ବନ୍ଦାଣ ଓ ବାଲିଯାତ୍ରା' ଗଦ୍ୟ ରଚନାରେ ପିଲାମାନେ ଆମ ଅତୀତ ପରମ୍ପରା ସମ୍ପର୍କରେ ଜାଣିବାକୁ ପାଇବେ । ଏଥି ସହିତ ଦଳଗତ ଆଲୋଚନା କ୍ରମରେ ନିଜ ନିଜର ଅଞ୍ଚଳର ଯାନିଯାତ୍ରା ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିପାରିବେ ଓ ଆମ ଦେଶର ସାଂସ୍କୃତିକ ବିବିଧତା ବିଷୟରେ ଜାଣିବେ ।

**(ଚ)** ବୈଜ୍ଞାନିକ ପ୍ରଗତି ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ପରିଚୟ । ଯେଉଁ ଦେଶ ସୂର୍ଯ୍ୟଙ୍କୁ ନମସ୍କାର କରି ନିଜର ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରେ, ସେ ଏବେ ସୂର୍ଯ୍ୟଯାନ ନିର୍ମାଣ କରି ନିଜ ପ୍ରତିଭାର ପରିଚୟ ଦେଇପାରିଛି । ଏହି ବିଜ୍ଞାନ ଚିନ୍ତନକୁ ପୁସ୍ତକରେ 'ଆମ ସୂର୍ଯ୍ୟଯାନ' ବିଜ୍ଞାନ ଭିତ୍ତିକ ଏକାଙ୍କିକା ମାଧ୍ୟମରେ ପିଲାମାନେ ଜାଣିବାର ସୁଯୋଗ ପାଇବେ । 'କମ୍ପ୍ୟୁଟର ଏକ ପରିଚୟ' ପ୍ରବନ୍ଧରେ ପିଲାମାନେ କମ୍ପ୍ୟୁଟରର ବିଭିନ୍ନ କାର୍ଯ୍ୟ ବିଷୟରେ ଅଧିକ ଜାଣିବାର ସୁଯୋଗ ପାଇବେ । କମ୍ପ୍ୟୁଟର ଦ୍ୱାରା କିପରି ସହଜ ଓ ଅଳ୍ପ ସମୟ ଭିତରେ ଅନେକ କାର୍ଯ୍ୟ ସମ୍ପାଦିତ ହୋଇ ପାରୁଛି ତାହା ଜାଣିବେ ।

(ଛ) ପଢ଼ିବା ସହିତ ଖେଳକୁଦ ହେଉଛି ଆମ ଶିକ୍ଷଣ ପ୍ରଣାଳୀର ଏକ ବିଶିଷ୍ଟ ଦିଗ । 'କବାଡ଼ି ଖେଳର ମଜା' ବିଷୟରେ ଆମ ଦେଶ, ରାଜ୍ୟ ଓ ନିଜ ଅଞ୍ଚଳରେ ଖେଳାଯାଉଥିବା ବିଭିନ୍ନ ଖେଳ ବିଷୟରେ ପିଲାମାନେ ଜାଣିବାର ସୁଯୋଗ ପାଇବେ । 'ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ' ପଠନ ଓ ଲିଖନଦ୍ୱାରା ପିଲାମାନଙ୍କର ଲିଖନ ଶୈଳୀର ବିକାଶ ପାଇଁ ଚେଷ୍ଟା କରାଯାଇଛି ।

ଶିକ୍ଷଣକୁ ଆକର୍ଷଣୀୟ କରିବା ପାଇଁ ବିଷୟ ଭିତ୍ତିକ ଆଲୋଚନା, କାର୍ଯ୍ୟ କଳାପ, ଖେଳକୁଦ, ଅଭିନୟ ଉପରେ ଗୁରୁତ୍ୱ ଦିଆଯାଇଛି, ଯାହାଦ୍ୱାରା ଛାତ୍ରଛାତ୍ରୀ ଓ ଶିକ୍ଷକ ଉଭୟେ ସେମାନଙ୍କ ଭାବଧାରାକୁ କାର୍ଯ୍ୟକଳାପଦ୍ୱାରା ଉପଯୋଗ କରିବେ। ଛାତ୍ରଛାତ୍ରୀମାନଙ୍କ ଜିଜ୍ଞାସାକୁ ଉତ୍ସାହର ସହିତ ସମାଧାନ କରିବାପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରୟାସ କରିବେ ।

ଏକ ପ୍ରଭାବଶାଳୀ ଶିକ୍ଷଣ ପରିବେଶ ସୃଷ୍ଟି କରାଗଲେ ପିଲାମାନଙ୍କର ଶିକ୍ଷା ପ୍ରତି ଉତ୍ସାହ ତଥା ଆଗ୍ରହ ବଢ଼ିବ । ସେମାନଙ୍କର କୌତୂହଳ ଓ ସୃଜନଶୀଳତାର ବିକାଶ ପାଇଁ ସେମାନଙ୍କୁ ନିରନ୍ତର ଉତ୍ସାହିତ କରାଯିବା ଉଚିତ । ଶିକ୍ଷାଦାନ ଓ ଶିକ୍ଷଣରେ ଖେଳର ପ୍ରୟୋଗ ପାଇଁ ସୁଯୋଗ ସୃଷ୍ଟି ଉପରେ ପ୍ରାଧାନ୍ୟ ଦିଆଯାଇଛି । ଅଧିକ ଜାଣିବା ପାଇଁ ପିଲାମାନଙ୍କୁ ଅଧିକ ପୁସ୍ତକ ପଢ଼ିବା ନିମନ୍ତେ ପାଠାଗାରଗୁଡ଼ିକର ଉନ୍ନତି ହେବା ନିତାନ୍ତ ଆବଶ୍ୟକ । ଆଶା କରାଯାଏ ଯେ, ଏହି ପୁସ୍ତକ ମାଧ୍ୟମରେ ପିତାମାତା, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସେମାନଙ୍କ ପିଲାମାନଙ୍କ ପଠନ ଆଗ୍ରହ ବୃଦ୍ଧି ନିମିତ୍ତ ଅଧିକ ପ୍ରଭାବଶାଳୀ ହୋଇପାରିବ।

ଉପରୋକ୍ତ ଲକ୍ଷ୍ୟ ପୂରଣ କରିବାରେ ଏହି ପୁସ୍ତକ ସଫଳ ହେବ ବୋଲି ଆତ୍ମବିଶ୍ୱାସର ସହିତ ଚତୁର୍ଥ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ନିମନ୍ତେ ଏହି ପୁସ୍ତକଟିକୁ ସୁପାରିଶ କରାଯାଉଛି । ସାଂପ୍ରତିକ ପରିସ୍ଥିତିରେ ଏହି ପୁସ୍ତକଟି ତା'ର ଉଦ୍ଦେଶ୍ୟ ପୂରଣରେ ସହାୟକ ହେବ ।

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ, ଏହାର ପ୍ରକାଶନର ପଦ୍ଧତିଗତ ଉନ୍ନତି ଏବଂ ନିରନ୍ତର ସଂସ୍କାର ପାଇଁ ପ୍ରତିବଦ୍ଧ । ଶେଷରେ ଆପଣଙ୍କର ଗଠନ ମୂଳକ ମତାମତ ଓ ପରାମର୍ଶକୁ ସ୍ୱାଗତ କରାଯାଇଛି, ଯାହାକି ଭବିଷ୍ୟତରେ ପୁସ୍ତକଟିର ସଂଶୋଧନରେ ସାହାଯ୍ୟ କରିବ ।

DRAFT

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍.ସି.ଇ.ଆର.ଟି. ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ୍ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |

DRAFT

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।

ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

**(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)**

DRAFT




## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମେ ନିଜକୁ ଅର୍ପଣ କରୁଅଛୁ ।

# ସୂଚୀପତ୍ର

## ନୀତିଶିକ୍ଷା


- କରୁଣା ସାଗର ପ୍ରଭୁହେ (ପ୍ରାର୍ଥନା) ୧

୧. ଟିକି ଚଢ଼େଇ (ପଦ୍ୟ) ୨


- ଭାରତର ମହିଳା ବିମାନ ଚାଳିକା (ପଠନ ନିମନ୍ତେ) ୭

୨. ସ୍ୱାଧୀନ ଦେଶର ସନ୍ତାନ ଆମେ ୯

- ବାପୁଙ୍କଠାରୁ ଶିଖିଛି ମୁହିଁ(ପଠନ ନିମନ୍ତେ) ୧୪

୩. ନକଲି ହୀରା (ଚିତ୍ରକଥା) ୧୫

- ଶପଥ (ପଠନ ନିମନ୍ତେ) ୨୩



## ଦେଶପ୍ରେମ


୪. ଜୟୀ ରାଜଗୁରୁ (ଗଦ୍ୟ) ୨୪

- ସହିଦ ରେଣ୍ଡୋ ମାଝି (ପଠନ ନିମନ୍ତେ) ୩୧

୫. ଓଡ଼ିଶା ମୋର ଦେଶ (ପଦ୍ୟ) ୩୨

- ଆମେ ଓଡ଼ିଆ ଆମ ଖାଦ୍ୟ ବଡ଼ିଆ (ପଠନ ନିମନ୍ତେ) ୩୮

୬. ଆଚାର୍ଯ୍ୟ ହରିହର (ଜୀବନୀ) ୪୦

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ (ପଠନ ନିମନ୍ତେ) ୪୮


## ଜ୍ଞାନ-ବିଜ୍ଞାନ


୭. ଆମ ସୂର୍ଯ୍ୟଯାନ (ଏକାଙ୍କିକା) ୪୯

- ଆମ ସୌର ଜଗତ (ପଠନ ନିମନ୍ତେ) ୫୯

୮. କମ୍ପ୍ୟୁଟର-ଏକ ପରିଚୟ (ଗଦ୍ୟ) ୬୦

- ଆସ, କମ୍ପ୍ୟୁଟରର ବିଭିନ୍ନ ଯନ୍ତ୍ରପାତି ଚିହ୍ନିବା (ପଠନ ନିମନ୍ତେ) ୬୮




## ପ୍ରକୃତି ଓ ପରିବେଶ


୯. ମୁଁ ନିୟଗଛ (ଗଦ୍ୟ) ୭୦
- ଗଛର ପତର ଦିଅଇ ଛାଇ (ପଠନ ନିମନ୍ତେ) ୭୬

୧୦. ଗଛ ଓ କାଠୁରିଆ (ପଦ୍ୟ) ୭୭
- ଦୁଇଟି ହାତ କାମ ବହୁତ (ପଠନ ନିମନ୍ତେ) ୮୩

୧୧. ନିବେଦନ (ଶିଶୁନାଟକ) ୮୪
- ଆସ ଲଗାଇବା ଗଛ (ପଠନ ନିମନ୍ତେ) ୯୨




## ଆମ କଥା




୧୨. ବୋଇତ ବନ୍ଦାଣ ଓ ବାଲିଯାତ୍ରା (ଗଦ୍ୟ) ୯୩
- ଆମ ପର୍ବପର୍ବାଣି (ପଠନ ନିମନ୍ତେ) ୧୦୩

୧୩. କବାଡ଼ି ଖେଳର ମଜା (ଗଦ୍ୟ) ୧୦୫


## ଆବେଦନ ପତ୍ର


୧୪. ଆବେଦନ ପତ୍ର
- ଦରଖାସ୍ତ ଲିଖନ ୧୧୨
- ନମୁନା-୧ ୧୧୩
- ନମୁନା-୨ ୧୧୪




DRAFT





# ଶିକ୍ଷକଙ୍କ ପାଇଁ ସୂଚନା

- ଯେକୌଣସି ପାଠ ଆରମ୍ଭରୁ ଆବଶ୍ୟକ ଶିକ୍ଷଣ ସାମଗ୍ରୀ ସଂଗ୍ରହ ଏବଂ ପ୍ରସ୍ତୁତ କରି ଶ୍ରେଣୀରେ ସେଗୁଡ଼ିକୁ ବ୍ୟବହାର କରିବେ ।
- କବିତା ପଢ଼ାଇବା ପାଇଁ ଉପଯୁକ୍ତ ଅଙ୍ଗଭଙ୍ଗୀ କରି ଗାଇବେ ଓ ପିଲାମାନଙ୍କଦ୍ୱାରା ସେହିପରି ଅଭ୍ୟାସ କରାଇବେ ।
- ଗଳ୍ପ, ପ୍ରବନ୍ଧ ଇତ୍ୟାଦି ପଢ଼ାଇବା ପୂର୍ବରୁ ସରଳ ଭାଷାରେ ପ୍ରଥମେ ବିଷୟବସ୍ତୁଟିକୁ ଉପସ୍ଥାପନ କରିବେ । ଏଥିପାଇଁ ଶିକ୍ଷକ ନିଜସ୍ୱ ଶୈଳୀ ପ୍ରୟୋଗ କରିବେ ।
- ଏକାଙ୍କିକା ପଢ଼ାଇବାପାଇଁ ଅଭିନୟ ସହ ଚରିତ୍ର ଉପଯୋଗୀ ସଂଳାପ ଉପସ୍ଥାପନ କରିବେ । ଅଭ୍ୟାସ ପାଇଁ ପିଲାମାନଙ୍କଦ୍ୱାରା ଶ୍ରେଣୀ ଗୃହରେ ଅଭିନୟ କରାଇବେ ।
- ଯେକୌଣସି ପାଠ ପଢ଼ାଇବା ଆରମ୍ଭରୁ ବିଷୟ ସମ୍ପର୍କରେ ଛୋଟଛୋଟ ଗୀତ ଢଗଢମାଳି ଓ କାହାଣୀ କହି ସକ୍ରିୟାତ୍ମକ ପଦକ୍ଷେପ ନେବେ ।

DRAFT



# କରୁଣା ସାଗର ପ୍ରଭୁ ହେ

କରୁଣା ସାଗର ପ୍ରଭୁ ହେ ଜଗତର ଠାକୁର
ଘେନ ଆମ ଶିଶୁ ବିନତି ସର୍ବେ ଯୋଡ଼ୁଛୁ କର ।।

ଦେଇଛ ଜନମ ଜଗତ-ସେବା କରିବା ପାଇଁ
ଅବାଟରେ ଗଲେ ଆମକୁ ବାଟ ଦିଅ ବତାଇ ।।

ତୁମରି ଦାନ ଏ ଜୀବନ ଲାଗୁ ବିଶ୍ୱ କଲ୍ୟାଣେ
ରହିଥାଉ ଆମ ଭକତି ଗୁରୁଜନ ଚରଣେ ।।

ଦୁଃଖୀ ରଙ୍କୀ ରୋଗୀ ସେବାରେ ଲାଗୁ ମନ ଆମ୍ଭର
ଝଡ଼ଝଞ୍ଜା ଡେଇଁଯିବାକୁ ଦିଅ ମନରେ ବଳ ।।

କ୍ରୋଧ ହିଂସାଠାରୁ ଦୂରରେ ଆମେ ରହିବା ପାଇଁ
ଦିଅ ଭରି ତବ ଶକତି ସବୁ ଯିବୁ ଏଡ଼ାଇ ।।

ମନ୍ଦ ଚିନ୍ତା ମନ୍ଦ କରମ ଯାଉ ଆମକୁ ଛାଡ଼ି
ଦିଅ ସଦଜ୍ଞାନ ସୁବୁଦ୍ଧି ମାଗୁଛୁ ହାତ ଯୋଡ଼ି ।।

DRAFT

୧

# ଟିକି ଚଢ଼େଇ

ଗଛ ଡାଳଟିରେ ଘରଟି ମୋର
ଅତି ଛୋଟ ଅଟେ ଅଣ୍ଡା ଆକାର ।
ମାଆ ସହ ମୁହିଁ ଅତି ଖୁସିରେ
ଖଣ୍ଡିଉଡ଼ା ଦେଇ ଉଡ଼ଇ ଧୀରେ ॥୧॥

ମାଆ ଚାଲିଯାଏ ଆହାର ପାଇଁ
ବସାଟି ଭିତରେ ବୁଲଇ ମୁହିଁ ।
ବାହାର ଦୁନିଆ ଦେଖିତ ନାହିଁ
ବସାଟି ସଂସାର ମୋହରି ପାଇଁ ॥୨॥

ବଡ଼ ହୋଇ ଯେବେ ବାହାର ଦେଖେ
ସବୁଜିମା ଭରା ମୋ ଚାରିପାଖେ ।
ଭାବିଲି ବସାଟି ନିହାତି ଛୋଟ
ବାହାର ଦୁନିଆ କେଡ଼େ ବିରାଟ ! ॥୩॥

DRAFT



ପୁଣି ଦିନେ ମୁହିଁ ବସାରୁ ଆସି
ଗଛରେ ବସି ମୁଁ ହୋଇଲି ଖୁସି ।
ଭାବିଲି ଦୁନିଆ କେଡ଼େ ସୁନ୍ଦର
ଫୁଲ ଫଳେ ହସେ ସାରା ସଂସାର ॥୪॥

ନୀଳ ଆକାଶର ବିରାଟ ଦେହ
ଦେଖି ମୋ ମନରେ ଆସିଲା ଭୟ ।
ବିଶାଳ ବିଶ୍ୱର ବିସ୍ମୟ କଥା
ଭାବି ବସିଲେ ମୋ ଘୂରଇ ମଥା ॥୫॥




ସକାଳ ସୂରୁଜ କଅଁଳ ଖରା
ମନରେ ଭରିଲା ଭାବ ନିଆରା ।
ଟିକି ଚଢ଼େଇ ମୁଁ ଟିକି ମୋ ଡେଣା
ଉଡ଼େ ମୁଁ ଆକାଶେ ନମାନି ମନା ॥୬॥



## ଆସ ନୂଆ ଶବ୍ଦ ଜାଣିବା

| | | | | |
|---|---|---|---|---|
| ଟିକି | ସଂସାର | ଧରା | ବିଶ୍ୱ | ବିଶାଳ |
| ଆହାର | ସବୁଜିମା | କଅଁଳ | ବିସ୍ମୟ | ନିଆରା |



DRAFT



## ଆସ କଥା ହେବା

(୧) ସବୁ ଜୀବଜନ୍ତୁ ଘରେ ରହିବାର ଆବଶ୍ୟକତା ଅଛି କି ନାହିଁ, କାରଣ ସହ ଉତ୍ତର କୁହ ?

(୨) ପଶୁପକ୍ଷୀମାନେ କେଉଁଠି ରୁହନ୍ତି ?

(୩) ତୁମ ପରିବାର ସଦସ୍ୟମାନେ କାହିଁକି ଘରୁ ବାହାରକୁ ଯାଆନ୍ତି ?

(୪) ତୁମ ଘରକୁ କିଏ ଆସିଲେ ବା ତୁମେ କାହା ଘରକୁ ବୁଲିବାକୁ ଗଲେ କିପରି ଅନୁଭବ କର ?

(୫) ତୁମେ ଭାବୁଛ କି ପକ୍ଷୀମାନଙ୍କ ପରି ଆମେ ବି ଧୀରେଧୀରେ ବଡ଼ ହେଉ ଓ ସଂସାରକୁ ଦେଖୁ ।

(ପ୍ରତ୍ୟେକ ପିଲାଙ୍କ ଅନୁଭୂତିକୁ ମନଦେଇ ଶୁଣ । ଏ ସଂପର୍କରେ ତୁମ ଅନୁଭୂତି କୁହ ।)



## ଭାଷାର କଥା ପଢ଼ ଓ ବୁଝ

**୧. ଅସଜଡ଼ାପଦକୁ ସଜାଡ଼ି ପାଖ କୋଠରିରେ ଲେଖ ।**

ଭାବିଲି ସୁନ୍ଦର କେଡ଼େ ଦୁନିଆ
ବସାରୁ ପୁଣି ଆସି ମୁହିଁ ଦିନେ
ହସେ ସଂସାର ଫୁଲ ଫଳେ ସାରା
ବସି ମୁଁ ହୋଇଲି ଗଛରେ ଖୁସି ।

**୨. କବିତାରେ 'ଅଣ୍ଡା ପରି ଆକାର' ପଦ ସହିତ କେଉଁ ଶବ୍ଦଟି ମେଳ ଖାଉଛି କୁହ ଏବଂ ଲେଖ ।**

- ସଂସାର
- ଆକାଶ
- ପକ୍ଷୀର ବସା
- ଘର

**୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଫୁଲ ପାଖୁଡ଼ାରୁ ଖୋଜି ଖାଲି ସ୍ଥାନରେ ଲେଖ ।**

ବୃକ୍ଷ
ମାତା
ଧରା
ବିହଙ୍ଗ
ନୀଡ଼




DRAFT

୪. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଚାରୋଟି ବିକଳ୍ପ ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତଳେ ଦିଆଯାଇଥିବା କୋଠରିରେ ଲେଖ ।

(କ) କବିତା ଅନୁସରଣରେ ବାହାର ଦୁନିଆ ସହିତ କେଉଁ ଶବ୍ଦ ଜଡ଼ିତ ବୋଲି ତୁମେ ଭାବୁଛ ?

- ବସା
- ଅଣ୍ଡା
- ଡେଣା
- ଆକାଶ

(ଖ) କାହାର ବିରାଟ ଦେହ ଦେଖି ପକ୍ଷୀ ଶାବକଟି ଭୟଭୀତ ହୋଇଗଲା ?

- ଆକାଶ
- ବସା
- ବିଶ୍ୱ
- ସୁରୁଜ

(ଗ) ପକ୍ଷୀଛୁଆଟିର ବସାଟି କିପରି ଥିଲା ?

- ଛୋଟ
- ବିରାଟ
- ବହୁତ ଲମ୍ବା
- ରଙ୍ଗୀନ୍

(ଘ) କବିତାଟିରେ ସକାଳ ସୂରୁଜ କିରଣକୁ କ'ଣ କୁହାଯାଇଛି ?

- ଟାଣ ଖରା
- ନରମ ଖରା
- କଅଁଳ ଖରା
- ସୁନ୍ଦର ଖରା



## ଆସ ଉତ୍ତର ଲେଖିବା

(୧) ପକ୍ଷୀଛୁଆଟିର ଭାବନାକୁ ନିଜ ଭାଷାରେ ଲେଖ ।

(୨) ପକ୍ଷୀଛୁଆଟି ଖୁସି ହେବାର କାରଣ କ'ଣ ?

(୩) ତୁମେ ବଡ଼ ହେଲେ କ'ଣ କରିବ, ନିଜ ମନରୁ ଭାବି ଲେଖ ।

DRAFT

(୪) ନିମ୍ନଲିଖିତ କୋଠରିରେ ଲେଖାଯାଇଥିବା ବର୍ଣ୍ଣଗୁଡ଼ିକୁ ମିଳାଇ ବିଭିନ୍ନ ପକ୍ଷୀମାନଙ୍କର ନାମ ଲେଖ ।

| | | | |
|---|---|---|---|
| ବ | ଗ | ଲି | ଇ |
| ଚ | ଶୁ | ପା | ବି |
| ବ | କୋ | ଉ | ଟି |
| ଆ | ରା | ଲ | ରା |

---------------------------------

---------------------------------

---------------------------------


---------------------------------

## ତୁମ ପାଇଁ କାମ

**ଭାବଭଙ୍ଗୀରେ ପ୍ରକାଶ କରି ଦେଖାଅ ।**

- ଧୀରେ ଧୀରେ
- ଖୁସି
- ଭୟ
- ଖଣ୍ଡିଉଡ଼ା
- ଉଭା


## ରଙ୍ଗ ଦିଅ



କୋଇଲି



ଚଢ଼େଇ ବସା



ଶୁଆ


DRAFT

ପଠନ ନିମନ୍ତେ

# ଭାରତର ମହିଳା ବିମାନ ଚାଳିକା



ଆସ ପିଲାଏ ଭାରତର ପ୍ରଥମ ମହିଳା ବିମାନ ଚାଳିକାଙ୍କ ବିଷୟରେ ଜାଣିବା । ସେ ହେଉଛନ୍ତି ସରଳା ଠକ୍ରାଲ । ତାଙ୍କୁ ସ୍ନେହରେ ସମସ୍ତେ 'ମତି' ବୋଲି ଡାକୁଥିଲେ । ସେ ୧୯୧୪ ମସିହାରେ ଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ । ସରଳା ଠକ୍ରାଲ୍ ମାତ୍ର ୨୧ ବର୍ଷ ବୟସରେ ପାଇଲଟ୍ ବା ବିମାନ ଚାଳନା ପାଇଁ ଅନୁମତିପତ୍ର ପାଇଥିଲେ । ସେ ୧୯୩୬ ମସିହା ଲାହୋରଠାରେ ଜିପ୍ସମଥ୍ ନାମକ ଏକ ଦୁଇ ଆସନ ବିଶିଷ୍ଟ ବିମାନ ଏକାକୀ ଉଡ଼ାଇଥିଲେ । ସେ ହେଉଛନ୍ତି ପ୍ରଥମ ମହିଳା ଯେ କି ଶାଢ଼ୀ ପିନ୍ଧି ବିମାନ ଉଡ଼ାଇଥିଲେ । ସେ ବିମାନ ଚାଳନାର ଅନୁମତିପତ୍ର ପାଇବାପାଇଁ ଏକ ହଜାର ଘଣ୍ଟା ବିମାନ ଉଡ଼ାଇବାର ଅଭ୍ୟାସ କରିଥିଲେ ।



DRAFT

# ଆସ ଜାଣିବା ଆମ ଓଡ଼ିଆ ମହିଳା ବିମାନ ଚାଳିକାଙ୍କୁ



### ଶ୍ରୀମତୀ ଜ୍ଞାନ ପଟ୍ଟନାୟକ

ଶ୍ରୀମତୀ ଜ୍ଞାନ ପଟ୍ଟନାୟକ ହେଉଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୟାନନ୍ଦ ପଟ୍ଟନାୟକଙ୍କ ଧର୍ମପତ୍ନୀ । ସେ ୧୯୪୦ ମସିହାରେ ବାଣିଜ୍ୟିକ ବିମାନ ଉଡ଼ାଣ ପାଇଁ ଅନୁମତି ପତ୍ର ପାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ବିଜୟାନନ୍ଦ ପଟ୍ଟନାୟକଙ୍କ ସହ-ବିମାନ ଚାଳିକା ଭାବେ କାର୍ଯ୍ୟ କରିଥିଲେ ।



### ଶ୍ରୀମତୀ ଗିରିବାଳା ମହାନ୍ତି

ଶ୍ରୀମତୀ ଗିରିବାଳା ମହାନ୍ତି ହେଉଛନ୍ତି ଓଡ଼ିଶାର ବେସରକାରୀ ମହିଳା ବିମାନ ଚାଳିକା । ସେ ୧୯୬୭ ମସିହାରେ ବିମାନଚାଳନା ନିମିତ୍ତ ଅନୁମତିପତ୍ର ପାଇଥିଲେ । ଆନ୍ତର୍ଜାତିକ ମହିଳା ବିମାନ ଚାଳିକା ସଂଗଠନରେ ଯୋଗ ଦେବାପାଇଁ ସେ ୱାସିଂଟନ ଡି.ସି (ଆମେରିକା) ଯାତ୍ରା କରିଥିଲେ ।

DRAFT

# ୨ ସ୍ୱାଧୀନ ଦେଶର ସନ୍ତାନ ଆମେ



ସ୍ୱାଧୀନ ଦେଶର ସନ୍ତାନ ଆମେ
ଭାରତ ଆମର ଜନମଭୂଇଁ,
ଖେଳି ବୁଲି ବଢୁ, ତାହାରି କୋଳରେ
ତା'ର ନଦନଦୀ କାନନ ଛୁଇଁ।
ଶକ୍ତି ଭରିଛି ଶରୀରେ ଆମର
ତାହାରି ସମୀର ତାହାରି ଜଳ,
ଚଉଦିଗ ହସେ ତାହାରି ଆଲୋକେ
ମାଟି ତା'ର ଦିଏ ଶସ୍ୟ ଫଳ।
ତା' ଆଖିରେ ଆମେ ସଭିଏଁ ସମାନ
ସାନ ଅବା ବଡ଼ ଯେତେକ ପ୍ରାଣୀ,
ତାହାରି ବୁଦ୍ଧ ବିଶ୍ୱେ ପହିଲେ
ଶୁଣାଇଲା ତା'ର ସାମ୍ୟ ବାଣୀ।
ତାହାରି ଗାନ୍ଧୀ ଜନତାର କାନେ
ମୁକ୍ତିର ଡାକ ଶୁଣାଇ ବାରେ
ନିର୍ଭୟେ ହସି ସତ୍ୟର ଜୟ
ଲେଖିଗଲା ନିଜ ରକତଧାରେ।



ଅନୁସରି ସେହି ସତ୍ୟର ପଥ
ପୂର୍ବପୁରୁଷ କୀରତି ହେଜି,
ଉତ୍ସାହେ ମାତି ଦେଶର କର୍ମେ
ଆସରେ ଲାଗିବା ଜଡ଼ତା ତେଜି।
ଅଗ୍ରଣୀ ହେବା ଶିକ୍ଷାରେ ଆମେ
ରଖିବାନି ଦେଶେ ଅଜ୍ଞ ଜଣେ,
ଆସିଲେ ଅରାତି ଗ୍ରାସିବାକୁ ଦେଶ
ପଣ କରି ପ୍ରାଣ ପଶିବା ରଣେ।
ଅରଜିବା ଯେତେ ବିଜ୍ଞାନ-ଧନ
ସରଜିବା ନୂଆ ଶିଳ୍ପରାଜି,
ବରଜିବା ଯେତେ ଭେଦାଭେଦ ଭାବ
ନବ ଭାରତର ସେବକ ସାଜି।
ଯିଏ ଯହିଁ ଥାଉ ଜନମ ଭୂଇଁର
କଲ୍ୟାଣେ ସଦା ରହିବା ରତ,
ସ୍ୱାଧୀନ ଦେଶର ସନ୍ତାନ ଆମେ
ସ୍ୱାଧୀନତା ଆମ ଜୀବନ ବ୍ରତ।



## ଆସ ନୂଆ ଶବ୍ଦ ଜାଣିବା

| | | | | |
|---|---|---|---|---|
| କାନନ | ସାମ୍ୟ | ଅଜ୍ଞ | ଅରଜିବା | କୀରତି |
| ସମୀର | ହେଜି | ଗ୍ରାସିବା | ସରଜିବା | ଜନତା |



## ଆସ କଥା ହେବା

୧. ଆମ ଦେଶର ନାମ କୁହ ?

୨. ଆମ ଦେଶ ବିଶ୍ୱକୁ କ'ଣ ଶିଖାଇଲା ?

୩. କବିତାରେ ଅଜ୍ଞତାକୁ କିପରି ନଷ୍ଟ କରିବା କଥା କୁହାଯାଇଛି ?

୪. ଆମେ ଦେଶକୁ କିପରି ରକ୍ଷା କରିବା ?

୫. କାହା ଆଖିରେ ଆମେ ସମସ୍ତେ ସମାନ ?



## ଆସ ଉତ୍ତର ଲେଖିବା

୧. ଆମ ଦେଶ କେବେ ସ୍ୱାଧୀନ ହୋଇଥିଲା ?

..........................................................................................................

୨. ଆମ ଶରୀରକୁ କିଏ ଶକ୍ତି ଯୋଗାଇଛି ?

..........................................................................................................

୩. ଆମେ ଶସ୍ୟ କେଉଁଠାରୁ ପାଉ ?

..........................................................................................................

୪. ପରାଧୀନତାରୁ ମୁକ୍ତି ପାଇଁ କିଏ ଜନତାଙ୍କୁ ପ୍ରେରଣା ଯୋଗାଇଥିଲେ ?

..........................................................................................................

୫. ବିଜ୍ଞାନର ଅଗ୍ରଗତି ହେଲେ ଆମେ କ'ଣ କରିପାରିବା ?

..........................................................................................................

DRAFT



## ଭାଷାର କଥା ପଢ଼, ବୁଝ ଓ ଲେଖ

(ପ୍ରତ୍ୟେକ ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ପାର୍ଶ୍ୱସ୍ଥ କୋଠରିରେ ଲେଖ।)

୧. ଆମେ କେଉଁଠି ଖେଳି ବୁଲି ବଢ଼ିଛୁ ?

(କ) କାନନରେ

(ଖ) ନଦନଦୀରେ

(ଗ) ଜନମ ଭୂଇଁର କୋଳରେ

(ଘ) ଚଉଦିଗରେ

୨. 'ସତ୍ୟର ଜୟ' କଥା କିଏ ଶିଖାଇଲେ ?

(କ) ଜବାହରଲାଲ୍ ନେହେରୁ

(ଖ) ମହାତ୍ମାଗାନ୍ଧୀ

(ଗ) ବାଲ୍ ଗଙ୍ଗାଧର ତିଳକ

(ଘ) ସର୍ଦ୍ଦାର ବଲ୍ଲଭଭାଇ ପଟେଲ

୩. ନବ ଭାରତର ସେବକ ସାଜି ଆମେ କ'ଣ କରିବା ?

(କ) ଭେଦାଭେଦ ଭାବ ଦୂର କରିବା

(ଖ) ଖେଳି ବୁଲି ବଡ଼ ହେବା

(ଗ) ଶରୀରରେ ଶକ୍ତି ସଞ୍ଚୟ କରିବା

(ଗ) ବୁଦ୍ଧି ବଢ଼ାଇବା

୪. ଆମେ ଜଡ଼ତା ତେଜି କ'ଣ କରିବା ?

(କ) ମୁକ୍ତିର କଥା ଶୁଣାଇବା

(ଖ) ଯୁଦ୍ଧ କରିବା

(ଗ) ଶିକ୍ଷା କ୍ଷେତ୍ରରେ ଆଗେଇବା

(ଘ) ଦେଶ ପାଇଁ କାମ କରିବା

DRAFT



## କବିତାରୁ ଖୋଜି ଲେଖ

୧. ଯେପରି :

ଜଳ ଫଳ

ସେହିପରି

(କ) ପ୍ରାଣୀ ....................

(ଖ) ହେଜି ....................

(ଗ) ଜଣେ ....................

(ଘ) ଶିଳ୍ପରାଜି ....................

(ଙ) ବାରେ ....................

୨. ପଦ୍ୟର ଅଂଶକୁ ସଜାଡ଼ି ଖାଲି ଘରେ ଲେଖ।

(କ) ଆମର ଜନମ ଭୂଇଁ ଭାରତ

..........................................................................................

(ଖ) ଶସ୍ୟଫଳ ମାଟି ଦିଏ ତା'ର

..........................................................................................

(ଗ) ଶିଳ୍ପରାଜି ନୂଆ ସରଜିବା

..........................................................................................

(ଘ) ଜୀବନବ୍ରତ ସ୍ୱାଧୀନତା ଆମ

..........................................................................................

(ଙ) ଲାଗିବା ଆସରେ ତେଜି ଜଡ଼ତା

..........................................................................................

୩. ନିମ୍ନ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦଗୁଡ଼ିକୁ ଖାଲି ଘରେ ଲେଖ।

(କ) ସ୍ୱାଧୀନ ...........................

(ଖ) ଜନମ ...........................

(ଗ) ଆଲୋକ ...........................

(ଘ) ଅଜ୍ଞ ...........................

(ଙ) ନଦ ...........................

DRAFT

## ତୁମ ପାଇଁ କାମ

ନିମ୍ନ ଚିତ୍ରକୁ ଦେଖି ଦୁଇଧାଡ଼ି କବିତା ଲେଖ।



ପଠନ ନିମନ୍ତେ

# ବାପୁଙ୍କଠାରୁ ଶିଖିଛି ମୁହିଁ



ବାପୁଙ୍କଠାରୁ ଶିଖିଛି ମୁହିଁ, ମିଛ କହିବି ନାହିଁ,
ସତ୍ୟ ଅହିଂସା ପଥେ ଚାଲିବି, ବାଟ ହୁଡ଼ିବି ନାହିଁ ।
ମନଦେଇ ମୁଁ ପଢ଼ିବି ପାଠ, କପି କରିବି ନାହିଁ,
ଠକିବି ନାହିଁ ଜୀବନେ କେବେ ଆପଣା ସ୍ୱାର୍ଥ ପାଇଁ ।
ସମୟ ମୂଲ୍ୟ ବୁଝିବି ମୁହିଁ, ଅଳସ ହେବି ନାହିଁ,
ନିଜର କାମ ନିଜେ କରିବି, ବୋଝ ହୋଇବି ନାହିଁ ।
କାହା ମନରେ ଦେବିନି ଦୁଃଖ, ଯିବି ମୁଁ ପଛେ ସହି,
ସଭିଙ୍କ ମନ ଜିଣିବି ମୁହିଁ, ସହନଶୀଳ ହୋଇ ।
ସଫାସୁତୁରା ରହିବି ମୁହିଁ, ଅସନା ହେବି ନାହିଁ,
ପରିବେଶର ଯତନ ନେବି ଆପଣା ହିତ ପାଇଁ ।
ଭୋକିଲା ମୁହେଁ ଆହାର ଦେଇ, ବାଣ୍ଟି ଖାଇବି ମୁହିଁ,
ଜୀବହତ୍ୟା ମୁଁ କରିବି ନାହିଁ, ଜିହ୍ୱାଲାଳସା ପାଇଁ ।



ସବୁ ମଣିଷ ଗୋଟିଏ ଜାତି, ଭେଦ ରଖିବି ନାହିଁ,
ପରସେବାରେ ନିଜକୁ ନିତି, ଧନ୍ୟ ମଣିବି ମୁହିଁ ।
ସତ୍ୟ ଓ ନ୍ୟାୟ ପାଇଁ ଲଢ଼ିବି, ସମାଜ ହିତ ପାଇଁ,
ବାପୁଙ୍କ ପରି ସାହସୀ ହେବି, ମୁଣ୍ଡ ନୋଇଁବି ନାହିଁ ।
ନିଶା ଦରବ ସେବନ କଲେ, ଯାତନା ମିଳେ ଭାଇ,
ଏସବୁ କଥା କହିବି ଆନେ, ବାପୁଙ୍କ ଦୂତ ହୋଇ ।
ପିତାମାତାଙ୍କ ସେବା କରିବି, ଠାକୁର ସେ' ମୋ ପାଇଁ
ତାଙ୍କ ଆଶିଷେ ଜଗତଜିତା, ହୋଇବି ଦିନେ ମୁହିଁ ।

-ସନାତନ ପଣ୍ଡା

DRAFT

୩


# ନକଲି ହୀରା

ପୁରୁଣା ଦିନର କଥା । କୋରାପୁଟର ଜୟପୁର ରାଜ୍ୟରେ ଜଣେ ରାଜା ଥିଲେ । ସେ ଜଣେ ବୁଦ୍ଧିମାନ ଶାସକ ଥିଲେ । କାଳକ୍ରମେ ସେ ବୁଢ଼ା ହୋଇଗଲେ । ନିଜ ପୁଅକୁ ରାଜପଦରେ ବସାଇବା ପାଇଁ ଇଚ୍ଛା କଲେ । ତାଙ୍କ ପୁତ୍ରକୁ ରାଜ୍ୟ ଶାସନରେ ସହାୟତା କରିବାପାଇଁ ଜଣେ ଜ୍ଞାନୀ ତଥା ବୁଦ୍ଧିମାନ ପରାମର୍ଶଦାତା ଖୋଜିବାକୁ ମନସ୍ଥ କଲେ । କାରଣ ରାଜା ଚାହୁଁଥିଲେ ତାଙ୍କ ପରେ ତାଙ୍କର ଏକମାତ୍ର ପୁଅ ଜଣେ ଲୋକପ୍ରିୟ ରାଜା ଭାବରେ ଖ୍ୟାତି ଅର୍ଜନ କରୁ । ରାଜଦରବାରରେ ମନ୍ତ୍ରୀ ଓ ପାରିଷଦବର୍ଗ ଉପସ୍ଥିତ ରହିଥାନ୍ତି । ରାଜା ସମସ୍ତଙ୍କୁ ସମ୍ବୋଧନ କରି ପଚାରିଲେ, –



ଏହି ସମୟରେ ରାଜା ଦେଖିଲେ ସବୁ ପାରିଷଦ ହୀରା ମୋହର ନେଇ ଖୁସିରେ ଚାଲିଗଲେ । ମାତ୍ର ଜଣେ ଯୁବକ ଚୁପ୍‌ଚାପ୍ ଗୋଟିଏ ପାଖରେ ଠିଆ ହୋଇ ରହିଥିଲା ।




ଅପେକ୍ଷାକର ।
ତୁମର ସବୁ ପ୍ରଶ୍ନର ଉତ୍ତର ଦେଉଛି-
''ତୁମେମାନେ ସମସ୍ତେ ମୋତେ ସନ୍ତୁଷ୍ଟ କରିବା ପାଇଁ ଭୁଲ ଉତ୍ତର ଦେଇଛ । ସେଥିପାଇଁ ତୁମକୁ ନକଲି ହୀରା ଦିଆଯାଇଛି ।''
''କିନ୍ତୁ ଏହି ଯୁବକ ମୋ ପ୍ରଶ୍ନର ଉପଯୁକ୍ତ ଉତ୍ତର ଦେଇଥିବାରୁ ତାହାକୁ ଅସଲି ହୀରା ଦେଇଛି ।''
''ସମସ୍ତେ ଜାଣିରଖ ମୋ ଅନ୍ତେ ମୋ ପୁତ୍ରର ମୁଖ୍ୟ ପରାମର୍ଶଦାତା ଭାବେ ଏହି ଯୁବକ ନିଯୁକ୍ତ ହେବେ ।''
''କ୍ଷମା କରନ୍ତୁ ମହାରାଜ, ଆମର ବଡ଼ ଭୁଲ୍ ହୋଇଗଲା । ଭବିଷ୍ୟତରେ ଏପରି ଭୁଲ୍ କେବେ କରିବୁ ନାହିଁ ।''


''ମୋତେ ଖୁସି କରିବାକୁ ତୁମ୍ଭେମାନେ ଭୁଲ୍ ଉତ୍ତର ଦେଇ ସତ୍ୟଠାରୁ ଦୂରେଇଗଲ । ତୁମକୁ ତୁମ ପଦବୀରୁ ବରଖାସ୍ତ କରାଯିବ ।''
''କର୍ମ ହିଁ ଭଗବାନ, ସତ୍ୟ, ଅହିଂସା, ସଚ୍ଚୋଟ ପଣିଆ, ମଣିଷର ପରମଧର୍ମ । ସତ୍‌କର୍ମର ଫଳ ସର୍ବଦା ମିଠା ହୋଇଥାଏ ।''
''ଆଜ୍ଞା ! ମଣିମା''
''ଆପଣଙ୍କ ଗୋଡ଼ ଧରୁଛୁ । ଆମକୁ କ୍ଷମା କରି ଦିଅନ୍ତୁ ।''
''ମନେରଖ, କର୍ମ ହିଁ ଭଗବାନ । ସତ୍‌କର୍ମ, ସତ୍‌ଚିନ୍ତା ମାନବ ଉନ୍ନତିର ମୂଳ ଆଧାର । ସଚ୍ଚୋଟ ପଣିଆ ହେଉଛି ମାନବିକତା । ତୋଷାମଦ କରିବା ଅନୁଚିତ । ତୁମ୍ଭମାନଙ୍କର ପ୍ରତ୍ୟେକ କାର୍ଯ୍ୟ ପ୍ରଜାମାନଙ୍କ ହିତପାଇଁ ହେବା ଉଚିତ ।''



## ଆସ ନୂଆ ଶବ୍ଦ ଜାଣିବା

| | | |
|---|---|---|
| ଏକମାତ୍ର | ସଙ୍କୋଚପଣିଆ | ବିଧାତା |
| ପରାମର୍ଶଦାତା | ନିଃସନ୍ଦେହ | ହିତ |
| ବିଶ୍ୱସ୍ତ | ନକଲି | ଅହିଂସା |
| ପାରିଷଦ | | |



## ଆସ କଥା ହେବା

(୧) ରାଜା ଜଣେ କେଉଁଭଳି ଶାସକ ଥିଲେ ?

(୨) ରାଜା କାହାକୁ ତାଙ୍କ ପୁଅର ପରାମର୍ଶଦାତା ଭାବରେ ବାଛିଲେ ?

(୩) ରାଜା କେଉଁମାନଙ୍କୁ ପ୍ରଶ୍ନ ପଚାରିଲେ ?

(୪) ଯୁବକ ଜଣଙ୍କ ନୀରବ ଥିଲେ କାହିଁକି ?

(୫) ରାଜା ଯୁବକଙ୍କ ଉପରେ କାହିଁକି ଖୁସି ହେଲେ ?

(୬) ପାରିଷଦମାନଙ୍କୁ ମହାରାଜ ଶେଷରେ କ'ଣ କହିଲେ ?

(୭) ଯୁବକ ଜଣଙ୍କୁ ରାଜା ଅସଲି ହୀରା କାହିଁକି ଦେଲେ ?

(୮) ପାରିଷଦମାନଙ୍କୁ ରାଜା ନକଲି ହୀରା ଦେବାର କାରଣ କ'ଣ ?



## ଆସ ଉତ୍ତର ଲେଖିବା

୧. ଆସ ନିମ୍ନ ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖିବା ।

ପୁରୁଣା ------------------

ଦୁଃଖ ------------------

ଉପସ୍ଥିତ ------------------

ସନ୍ଦେହ ------------------

DRAFT

ସନ୍ତୁଷ୍ଟ ---------------------

ନକଲି ---------------------

୨. ଆସ ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ଉତ୍ତର ଲେଖିବା ।
(ଶିକ୍ଷକ ଦଳଗତ ଆଲୋଚନା ପାଇଁ ସୁଯୋଗ ଦେବେ)

(କ) ରାଜା ପାରିଷଦମାନଙ୍କୁ ସମ୍ବୋଧନ କରି କେଉଁ ପ୍ରଶ୍ନ ପଚାରିଲେ ?

ଉ:- ---------------------------------------------------------------

(ଖ) ପାରିଷଦମାନେ କ'ଣ ଶିକ୍ଷା ପାଇଲେ ?

ଉ:- ---------------------------------------------------------------

(ଗ) ଏହି ପାଠରୁ ଆମେ କେଉଁ ଶିକ୍ଷା ପାଇଲୁ ?

ଉ:- ---------------------------------------------------------------



## ଭାଷାର କଥା ପଢ଼, ବୁଝ ଓ ଲେଖ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନ ଦିଅ ।

- ବୃଦ୍ଧ ରାଜାଙ୍କର କେତେଜଣ ପୁଅ ଥିଲେ ?
  (କ) ଜଣେ (ଖ) ଦୁଇଜଣ (ଗ) ତିନିଜଣ (ଘ) ଚାରିଜଣ

- ରାଜା ତାଙ୍କ ପୁଅ ପାଇଁ କ'ଣ ଖୋଜୁଥିଲେ ?
  (କ) ରାଣୀ (ଖ) ଘର (ଗ) ପରାମର୍ଶଦାତା (ଘ) ଗୁରୁ

- ''ତୁମେ କାହିଁକି ଚୁପ୍‌ଚାପ୍ ଛିଡ଼ା ହୋଇଛ ଉତ୍ତର ଦିଅ ।'' -ଏକଥା କିଏ କହିଥିଲେ ?
  (କ) ଯୁବକ (ଖ) ପାରିଷଦ (ଗ) ରାଜା (ଘ) ମନ୍ତ୍ରୀ

DRAFT

- ''ମହାରାଜ ଆମକୁ କ୍ଷମା କରନ୍ତୁ, ଆମର ଭୁଲ୍ ହୋଇଛି ।'' -ଏକଥା କିଏ କହିଥିଲେ ?

  (କ) ରାଜା (ଖ) ଯୁବକ (ଗ) ପାରିଷଦ (ଘ) ମନ୍ତ୍ରୀ

- ରାଜା ଅସଲି ହୀରା କାହାକୁ ଦେଇଥିଲେ ?

  (କ) ବୃଦ୍ଧ (ଖ) ସେନାପତି (ଗ) ପାରିଷଦ (ଘ) ଯୁବକ

- କିଏ ବଡ଼ ବଳବାନ ?

  (କ) ରାଜା (ଖ) ମନ୍ତ୍ରୀ (ଗ) ପାରିଷଦବର୍ଗ (ଘ) ସମୟ


**୨. ଆସ ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ସେମାନଙ୍କର ଉପଯୁକ୍ତ ଅର୍ଥ ସହିତ ମେଳ କରିବା ।**

| | |
|---|---|
| ରାଜା | ଖୁସି |
| ପୁଅ | ଦିବସ |
| ଦିନ | ପୁତ୍ର |
| ଆନନ୍ଦ | ନୃପତି |



## ଆସ ଚିନ୍ତା କରିବା ଓ ଲେଖିବା

**୬. ପାଠ୍ୟରୁ ଚାରୋଟି ଚିତ୍ର ନିମ୍ନରେ ଦିଆଯାଇଛି, ଆସ ସେଗୁଡ଼ିକ ନାମ ଲେଖିବା ।**









DRAFT

୭. ରାଜ ଦରବାରରେ କେଉଁମାନେ ଥାଆନ୍ତି ଲେଖ ।



## ତୁମ ପାଇଁ କାମ

୮. ମନରୁ ଦଶଧାଡ଼ିର ଗପଟିଏ ଲେଖି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଦେଖାଅ ।

DRAFT

ପଠନ ନିମନ୍ତେ

# ଶପଥ



ଘରଟି ମୋହର　　ସୁନ୍ଦର ମନ୍ଦିର
ଦେବତା ମୋ' ପିତାମାତା
ତାଙ୍କରି ସେବାରେ　　ସବୁ ପୁଣ୍ୟ ମିଳେ
ଭୁଲିବିନି ଏଇ କଥା ।



ଛୋଟ ଶିଶୁ ମୁହିଁ　　ଶପଥ କରଇ
ରଖିବି ମୋ ଦେଶ ମୁକ୍ତ
ଦରକାର ହେଲେ　　ଢାଳି ଦେଇପାରେ
ବୁକୁର ଉଷୁମ ରକ୍ତ ।
ଆଜି ଅଛି କଳି　　ବଢ଼ିଯିବି କାଲି
ପଢ଼ିବି ବହୁତ ପାଠ
କରି ଭଲ କାମ　　ଅରଜିବି ନାମ
ଯିବିନି ଖରାପ ବାଟ ।

ମରିଲେ ମରିବି　　ସତ ମୁଁ କହିବି
ଅନ୍ୟାୟ କରିବି ନାହିଁ
ପରଦୁଃଖ ଦେଖି　　ବୁଜିବିନି ଆଖି
ପୋଛିବି ତା' ଲୁହ ଯାଇ ।

ମନ୍ଦ କଥା ପୁଣି　　ଜମା କହିବିନି
ମନ୍ଦକଥା ଶୁଣିବିନି
ମନ୍ଦକଥା ଯାହା　　କହିବାକୁ ତାହା
କେବେ ତୁଣ୍ଡ ଖୋଲିବିନି ।



ଶାରଦା ପ୍ରସାଦ ମିଶ୍ର

DRAFT

୪




# ଜୟୀ ରାଜଗୁରୁ

୧୮୦୩ ମସିହାରେ ଓଡ଼ିଶା ଇଂରେଜ ଶାସନାଧୀନ ହେଲା । ଇଂରେଜ ଶାସକ ଗଜପତି ମୁକୁନ୍ଦଦେବଙ୍କୁ ତାଙ୍କ ଅଧୀନରେ ରହିବାକୁ କହିଥିଲେ । ଗଜପତି ମୁକୁନ୍ଦଦେବ ତାଙ୍କର କୁଳପୁରୋହିତ ଜୟୀ ରାଜଗୁରୁଙ୍କ ପରାମର୍ଶରେ ଇଂରେଜମାନଙ୍କ କଥାରେ ରାଜି ହେଲେ ନାହିଁ। କାରଣ ସେହି ସମୟରେ ସ୍ୱୟଂ ଗଜପତି ଜୟୀ ରାଜଗୁରୁଙ୍କ ପରାମର୍ଶରେ ହିଁ ଶାସନ କାର୍ଯ୍ୟ ପରିଚାଳନା କରୁଥାଆନ୍ତି । ତେଣୁ ରାଜଗୁରୁଙ୍କ ଉପଦେଶ ମାନି ରାଜା ଇଂରେଜମାନଙ୍କ ଅଧୀନ ହେବାପାଇଁ ମନା କରିଦେଲେ । ଦେଶଭକ୍ତ ଜୟୀ ରାଜଗୁରୁ ଗଜପତିଙ୍କୁ କ'ଣ କହିଥିଲେ ଜାଣ ? ସେ କହିଥିଲେ, "ଗୋଟିଏ ବିଦେଶୀ ଜାତି ଆଗରେ ଠାକୁର ରାଜା ମୁଣ୍ଡ ନୁଆଁଇବେ ନାହିଁ । ତାହାହେଲେ ଓଡ଼ିଆ ଜାତି ଓ ଶ୍ରୀଜଗନ୍ନାଥଙ୍କ ଗୌରବ ରହିବ ନାହିଁ । ବରଂ ଶରୀରରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଦେଶର ଓ ଜାତିର ଗୌରବ ପାଇଁ ଲଢ଼େଇ କରିବା ।"

ଜୟୀ ରାଜଗୁରୁଙ୍କର ଏଭଳି କଥା ଇଂରେଜ ଶାସକ ଶୁଣିଲେ । ସେ ରାଜଗୁରୁଙ୍କୁ ଆଦେଶ ଦେଲେ ତାଙ୍କୁ ଦେଖା କରିବାକୁ । ରାଜଗୁରୁ ଇଂରେଜମାନଙ୍କର ଏହି ଆଦେଶକୁ ମାନିଲେ ନାହିଁ । ସେ ଜାଣିଥିଲେ ଯେ ଇଂରେଜମାନେ ତାଙ୍କୁ ପାଇଲେ କଠିନ ଦଣ୍ଡ ନ ଦେଇ ଛାଡ଼ିବେ ନାହିଁ । ତେଣୁ ସେ ଇଂରେଜ ଶାସକଙ୍କୁ ଦେଖାକରିବାକୁ ମନା କରିଦେଲେ । ତା' ସଙ୍ଗେ ସଙ୍ଗେ ସେ ପାଇକମାନଙ୍କୁ ଲଢ଼େଇ ପାଇଁ ସଜବାଜ ହେବାପାଇଁ ଆଦେଶ ଦେଲେ ।

DRAFT

ଇଂରେଜମାନେ ଖୋର୍ଦ୍ଧା ଦଖଲ କରିବା ପାଇଁ ଲଢ଼େଇ ଆରମ୍ଭ କରିଦେଲେ । ଓଡ଼ିଆ ପାଇକମାନେ ବି କମ୍ ବଳବାନ୍ ଓ ସାହସୀ ନଥିଲେ । ଜୟୀ ରାଜଗୁରୁ ଏହି ପାଇକମାନଙ୍କ ନେତା ହୋଇ ଲଢ଼ିବାପାଇଁ ଆଗେଇ ଆସିଲେ । ପାଇକମାନେ ଢାଲ, ତରବାରି ଧରି ଲଢୁଥାନ୍ତି । ଇଂରେଜ ସୈନ୍ୟମାନଙ୍କ ମଧ୍ୟରୁ ଅନେକଙ୍କୁ ସେମାନେ ମାରି ପକାଇଲେ । କିଛିଦିନ ଧରି ଜୋର୍‌ରେ ଲଢ଼େଇ ଚାଲିଲା । ପାଇକମାନେ ଶତ୍ରୁର ଗୁଳିଗୋଳା, ତୋପ, କମାଣ ଆଗରେ ଅଧିକ ଦିନ ଲଢ଼ି ପାରିଲେ ନାହିଁ ।



ଶେଷରେ ପାଇକମାନେ ହାରିଗଲେ । ଯୁଦ୍ଧରେ ହାରିଯାଇ ଗଜପତି ମୁକୁନ୍ଦଦେବ ଇଂରେଜମାନଙ୍କଦ୍ୱାରା ବନ୍ଦୀ ହେଲେ । ଇଂରେଜମାନେ ଖୋର୍ଦ୍ଧା ଦଖଲ କଲେ । ହେଲେ ପାଇକମାନଙ୍କ ନେତା ଅସଲ ବୀର ଜୟୀ ରାଜଗୁରୁଙ୍କୁ ଇଂରେଜମାନେ ଖୋଜି ପାଇଲେ ନାହିଁ । ତେଣୁ ସେମାନେ ଘୋଷଣା କଲେ – "ଯଦି ଜୟୀ ରାଜଗୁରୁ ହାଜର ହୋଇ ଦୋଷ ମାନିଯିବେ, ତେବେ ତାଙ୍କୁ ବିନା ବିଚାରରେ ଛାଡ଼ି ଦିଆଯିବ ।"

DRAFT

ଇଂରେଜମାନଙ୍କ ଘୋଷଣା ଶୁଣି ଜୟୀ ରାଜଗୁରୁ କହିଲେ, – "ଓଡ଼ିଆ ବୀର ଜାତି । ସେ ଲଢ଼େଇ କରି ପ୍ରାଣ ଦେଇ ଜାଣେ। ବିଦେଶୀ ବେପାରୀଙ୍କ ପାଖରେ ଭୁଲ୍ ସ୍ୱୀକାର କରିବା ସେ ଜାଣେନା । ଆମ ଗଜପତି ମୁକୁନ୍ଦଦେବଙ୍କୁ ଶୀଘ୍ର ମୁକ୍ତ କର ।"



କିଛିଦିନ ପରେ ଇଂରେଜମାନେ କୌଶଳ କରି ଜୟୀ ରାଜଗୁରୁଙ୍କୁ ବନ୍ଦୀ କରିଦେଲେ । ତାଙ୍କ ଅପରାଧର ବିଚାର କରିବା ଆବଶ୍ୟକ ନଥିଲା।



କାହିଁକିନା, ସେ ତ ଥିଲେ ସେମାନଙ୍କର ପ୍ରଥମ ଶତ୍ରୁ । ତେଣୁ ସମସ୍ତଙ୍କ ସମ୍ମୁଖରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବାର ଘୋଷଣା କରାଗଲା । ତଥାପି ସେ ଭୟ କଲେ ନାହିଁ କି ଭୁଲ ସ୍ୱୀକାର କଲେ ନାହିଁ ।

ଶେଷରେ ମେଦିନିପୁର ନିକଟରେ ଥିବା ବାଘିତୋଟା ନାଳକୂଳରେ ଥିବା ଏକ ଝଙ୍କାଳିଆ ବରଗଛ ନିକଟକୁ ଜୟୀ ରାଜଗୁରୁଙ୍କୁ ନିଆଗଲା । ସେଠାରେ ଥିବା ବରଗଛର ଦୁଇଟି ଡାଳକୁ ଏକାଠି ବାନ୍ଧି ସେଥିରେ ତାଙ୍କ ଦୁଇଗୋଡ଼କୁ ବାନ୍ଧି ଦିଆଗଲା । ତା'ପରେ ସେହି ବରଡ଼ାଳ ଦୁଇଟିକୁ ଫିଟାଇ ଦିଆଗଲା । ଏଥିରେ ତାଙ୍କର ଶରୀର ଦୁଇଫାଳ ହୋଇଗଲା । ବୀର ରକ୍ତରେ ଦେଶର ମାଟି ଓଦା ହୋଇଗଲା ।

ଆଜି ବି ବାଘିତୋଟା ଅଛି । ଫାଶୀଦିଆ ବରଗଛ ବି ଅଛି । ଆଉ ଓଡ଼ିଆ ଜାତି ଆଜିବି ଜୟୀ ରାଜଗୁରୁଙ୍କ ବଳିଦାନର ଅମର କାହାଣୀକୁ ମନେ ରଖିଛି ।



## ଆସ ନୂଆ ଶବ୍ଦ ଜାଣିବା

ଅଧୀନ, କୁଳପୁରୋହିତ, ପରାମର୍ଶ, ଗୌରବ, ବନ୍ଦୀ, ଫାଶି, ଝଙ୍କାଳିଆ, ବଳିଦାନ, ଢାଲ, ପାଇକ, ଅପରାଧ, ଦେଖଣାହାରୀ



## ଆସ କଥା ହେବା

(୧) ଗଜପତି କାହାର ପରାମର୍ଶରେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ ?

(୨) ଇଂରେଜମାନେ କେଉଁ ରାଜାଙ୍କୁ ନିଜ ଅଧୀନରେ ରଖିବାକୁ ଚାହୁଁଥିଲେ ?

(୩) ଓଡ଼ିଆ ପାଇକମାନଙ୍କର ନେତା କିଏ ଥିଲେ ?

(୪) ଓଡ଼ିଆ ପାଇକମାନେ କାହା ଆଗରେ ବେଶି ଦିନ ଲଢ଼ି ପାରିଲେ ନାହିଁ ?

(୫) ଜୟୀ ରାଜଗୁରୁଙ୍କୁ କେଉଁଠି ଓ କିପରି ଫାଶି ଦିଆଯାଇଥିଲା ?



## ଭାଷାର କଥା ପଢ଼, ବୁଝ ଓ ଲେଖ

**୧. ନିମ୍ନଲିଖିତ ଶବ୍ଦକୁ ବ୍ୟବହାର କରି ଗୋଟିଏ ଗୋଟିଏ ସାର୍ଥକ ବାକ୍ୟ ଗଢ଼ ।**

ଗଜପତି, ପାଇକ, ପରାମର୍ଶ, ଆଦେଶ, ଗୌରବ, ବେପାରୀ, ବଳିଦାନ

**୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ କୁହ ଓ ଲେଖ ।**


| | |
|---|---|
| ରାଜି | |
| କଠିନ | |
| ସାହସୀ | |
| ଦୋଷ | |
| ହାରିବା | |
| ଶେଷ | |

DRAFT

୩. ଚିତ୍ର ଦେଖି ପ୍ରଥମେ ଚିହ୍ନ ଓ ତାଙ୍କର ନାମ ଲେଖ











## ଆସ ଉତ୍ତର ଲେଖିବା

(୧) ମୁକୁନ୍ଦଦେବ କିଏ ?

---

(୨) ଜୟୀ ରାଜଗୁରୁ କିଏ ?

---

(୩) ଖୋର୍ଦ୍ଧା ବୀରମାନଙ୍କୁ କ'ଣ ବୋଲି ଡକାଯାଉଥିଲା ?

---

(୪) ଖୋରଧା ବୀର କେଉଁ ଅସ୍ତ୍ରନେଇ ଲଢୁଥିଲେ ?

---

(୫) ରାଜଗୁରୁଙ୍କର କାହିଁକି ବିଚାର ହେଲା ନାହିଁ ?

---

DRAFT

## ୬. ଚିତ୍ରକୁ ଦେଖି ଅସ୍ତ୍ର ଓ ସ୍ଥାନଗୁଡ଼ିକର ନାମ କୁହ ।



---------------------------------------------



---------------------------------------------



---------------------------------------------



---------------------------------------------

DRAFT



## ଆସ ଚିନ୍ତା କରିବା ଓ ଲେଖିବା

୧. **କିଏ କାହାକୁ କହିଛନ୍ତି ?**

(କ) ''ମୁକୁନ୍ଦଦେବଙ୍କୁ ଶୀଘ୍ର ମୁକ୍ତକର ।''

(ଖ) ''ଆମ ଗଜପତି ମୁକୁନ୍ଦଦେବଙ୍କୁ ଶୀଘ୍ର ମୁକ୍ତକର ।''

(ଗ) ''ଶରୀରରେ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ଦେଶ ଓ ଜାତିର ଗୌରବ ପାଇଁ ଲଢ଼ିବା ।''

(ଘ) ''ଗୋଟିଏ ବିଦେଶୀ ଜାତି ଆଗରେ ଠାକୁର ରାଜା ମୁଣ୍ଡ ନୁଆଁଇବେ ନାହିଁ ।''

୨. **ଓଡ଼ିଶାର ଚାରିଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ଲେଖ**

(କ) ----------------------------------------

(ଖ) ----------------------------------------

(ଗ) ----------------------------------------

(ଘ) ----------------------------------------

୩. **ସରଳ ଭାଷାରେ ବୁଝାଇ ଲେଖ ।**

(କ) ବରଂ ଏ ଶରୀରରେ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ଦେଶ ଓ ଜାତିର ଗୌରବ ପାଇଁ ଲଢ଼େଇ କରିବା ।

(ଖ) ଆଉ ଓଡ଼ିଆ ଜାତି ଆଜି ବି ଜୟୀ ରାଜଗୁରୁଙ୍କ ବଳିଦାନର ଅମର କାହାଣୀକୁ ମନେ ରଖିଛି ।



## ତୁମ ପାଇଁ କାମ

୧. **ଜୟୀ ରାଜଗୁରୁଙ୍କ ବିଷୟରେ ନିଜ ମନରୁ ପାଞ୍ଚ ଧାଡ଼ି ଲେଖ ।**

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------





DRAFT

পঠন নিমন্তে

# ସହିଦ ରେଣ୍ଡୋ ମାଝି

କଳାହାଣ୍ଡି ଜିଲ୍ଲାର ଉର୍ଲାଦାନୀ ଗ୍ରାମରେ କନ୍ଧ ସର୍ଦ୍ଦାର ରେଣ୍ଡୋ ମାଝି ଜନ୍ମ ଗ୍ରହଣ କରିଥିଲେ । ସେ ଥିଲେ ବରକିୟା କନ୍ଧ ସମ୍ପ୍ରଦାୟର ଡାବିଶ ମାଝିଙ୍କ ପୁତ୍ର । ପିଲାଦିନରୁ ସେ ତୀର ଚାଳନା ସହିତ ନୌକା ଚଳାଇବାର ଦକ୍ଷତା ହାସଲ କରିଥିଲେ ।



୧୮୪୦-୫୦ ମସିହା ମଧ୍ୟରେ ଇଂରେଜମାନେ ଜମିଦାରୀ ପ୍ରଥା ଉଚ୍ଛେଦ କରିବା ସହିତ ମେରିଆବଳି ପ୍ରଥାକୁ ବନ୍ଦ କରିବା ପରେ ଆଦିବାସୀ ଓ ଇଂରେଜମାନଙ୍କ ଭିତରେ ବିଦ୍ରୋହ ଆରମ୍ଭ ହୋଇଥିଲା । କାରଣ ଜମିଦାରୀ ଉଚ୍ଛେଦ ହେତୁ ଆଦିବାସୀମାନେ ଏକ ପ୍ରକାର ଭୂମିହୀନ ହୋଇ ପଡ଼ିଲେ । ଏହି ସମୟରେ ରେଣ୍ଡୋ ମାଝି ଆଦିବାସୀମାନଙ୍କୁ ଏକତ୍ରିତ କରି ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ ।

ଇଂରେଜମାନେ ଆଦିବାସୀମାନଙ୍କ ଉପରେ ଜୁଲୁମ୍ କରି ସେମାନଙ୍କ ଘର ଜାଳି ଦେଉଥିଲେ । ୧୮୪୧ ମସିହା ମଇ ମାସ । ରେଣ୍ଡୋ ମାଝି ନିଜ ସାଥି ଡୁଡୁ ମାଝି, ନୂଆ ମାଝି, ଟ୍ରାଙ୍ଗୁ ମାଝିଙ୍କ ସହିତ ମିଶି ଆରମ୍ଭ କରିଦେଲେ ଇଂରେଜମାନଙ୍କ ବିପକ୍ଷରେ ରକ୍ତରଙ୍ଗା ଲଢ଼େଇ । ବାଟରେ ଘାଟରେ ଯେଉଁଠି ପାଇଲେ ଇଂରେଜ ସିପାହୀମାନଙ୍କୁ ଏମାନେ ହତ୍ୟା କରିବାକୁ ଲାଗିଲେ । ଗୁଞ୍ଜିନାଲାର ପାଣି ଶତ୍ରୁ ରକ୍ତରେ ଲାଲ ହୋଇଗଲା ।

ଦିନକୁ ଦିନ ରେଣ୍ଡୋ ମାଝିଙ୍କ ନେତୃତ୍ୱରେ କନ୍ଧମେଳି ଉଗ୍ରରୂପ ଧାରଣ କଲା । ବିଦ୍ରୋହ ଦମନ ପାଇଁ ମାନ୍ଦ୍ରାସରୁ ମେକ୍‌ଫରସନ ସାହେବ ଆସି ପହଞ୍ଚିଲେ । ପ୍ରାଣ୍ଡାଖୋଲ, ବାଲିଗୁଡ଼ା, କୋଟଗଡ଼, ରାମପୁର, ସୁବର୍ଣ୍ଣଗିରି ପ୍ରଭୃତି ଗାଁରେ ବିଦ୍ରୋହର ନିଆଁ ଜଳି ଉଠିଲା । ରେଣ୍ଡୋ ମାଝିଙ୍କ ଡାକରାରେ କନ୍ଧ ମେଳି ୧୮୫୫ ମସିହା ପର୍ଯ୍ୟନ୍ତ ଚାଲିଲା । ଇଂରେଜ ସରକାର କିଛି ଉପାୟ ନପାଇ କନ୍ଧମାଳର ପ୍ରତ୍ୟକ୍ଷ ଶାସନ ଦାୟିତ୍ୱ ନିଜ ହାତକୁ ନେଲେ । ଲେଫ୍ଟନାଣ୍ଟ ମ୍ୟାକ୍‌ନିଏଲ୍ କନ୍ଧମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବାପାଇଁ ଉଦ୍ୟମ ଆରମ୍ଭ କଲେ ।

୧୮୫୫ ମସିହା ଡିସେମ୍ବର ମାସ ୧୦ ତାରିଖରେ ରେଣ୍ଡୋ ମାଝି ତାଙ୍କର ଅନୁଗାମୀ କନ୍ଧମାନଙ୍କ ସହିତ ମିଶି ଅରଳାଧୋନିଠାରେ ଥିବା ମ୍ୟାକ୍‌ନିଏଲ୍‌ଙ୍କ ଶିବିର ଉପରେ ଆକ୍ରମଣ କଲେ । ଦୁଇ ପକ୍ଷଙ୍କ ମଧ୍ୟରେ ପ୍ରବଳ ଲଢ଼େଇ ହେଲା । ଶେଷରେ ରେଣ୍ଡୋ ମାଝି ଇଂରେଜମାନଙ୍କଦ୍ୱାରା ବନ୍ଦୀ ହେଲେ । ତାଙ୍କୁ ଗୁଳିକରି ହତ୍ୟା କରାଯିବା ସମୟରେ ନିର୍ଭୀକ ରେଣ୍ଡୋ ମାଝିଙ୍କ ପାଟିରୁ ସ୍ୱତଃ ଉଚ୍ଚାରିତ ହୋଇଥିଲା – "ମୋ ଭାରତ ମହାନ" ।

ସାବାସ୍ ରେଣ୍ଡୋ, ସାବାସ୍ ଦେଶପ୍ରେମୀ, ଧନ୍ୟ ତୁମର ସାହସ ଓ ଧନ୍ୟ ଜନ୍ମମାଟି ପ୍ରୀତି । ଆଜି ତୁମର ଦେଶଭକ୍ତି ନିକଟରେ ଓଡ଼ିଆ ଜାତି ଚିର କୃତଜ୍ଞ ।

୪

# ଓଡ଼ିଶା ମୋର ଦେଶ

ଓଡ଼ିଆ ମୁହିଁ ଓଡ଼ିଆ ମୁହିଁ ଓଡ଼ିଶା ମୋର ଦେଶ ।
ଏହି ଦେଶରେ ଜନମ ମୋର ଏହି ଦେଶରେ ବାସ ॥
ଧନ ନଥିଲେ ଭାବନା ନାହିଁ ମନରେ ଅଛି ବଳ ।
ମନର ବଳେ କରିପାରେ ମୁଁ ଦୁନିଆ ଟଳମଳ ॥
ଆମ ଦେଶରେ ମହାନଦୀଟି ସାଗର ସଙ୍ଗେ ମିଶେ ।
ଗଡ଼ଜାତର ପାହାଡ଼ମାଳା ପାଚେରି ପରି ଦିଶେ ॥
ଏହି ଦେଶର ବଡ଼ ଦେଉଳେ ଜଗତନାଥ ବିଜେ ।
ଏହି ଦେଶର କୀରତିମାଳା ଚଉଦିଗରେ ରାଜେ ॥
ଓଡ଼ିଶା ଦେଶ ଗଛ ପତର ଓଡ଼ିଶା ଦେଶ ମାଟି ।
ଓଡ଼ିଆ ଘର ଭାତ ତିଅଣ ଓଡ଼ିଆ ପିଲା ପାଟି ॥
କେଡ଼େ ମଧୁର କି ମନୋହର ଆମରି ଦେଶ କଥା ।
ଆମରି ବିଲ ଆମରି ଫୁଲ ଆମରି ତରୁଲତା ॥
ଏହି ଦେଶରେ ଚିଲିକା ହ୍ରଦ ଭୁବନେଶ୍ୱର ପୁରୀ ।
କୋଣାରକର ଦେଉଳ ଦେଖି ମରନ୍ତି ଲୋକେ ଝୁରି ॥
ଓଡ଼ିଶା ଆମ ଜନମଭୂମି ହୋଇଛି ଆଜି ହୀନ ।
ଆମେ ଆଣିବୁ ଫେରାଇ ତାର ସୁଖ ଶିରୀର ଦିନ ॥
ଏଇ ଦେଶର ପାଣି ପବନେ ଶରୀର ହେଲା ଗଢ଼ା ।
ଏଇ ଦେଶର ଚାଟଶାଳୀରେ ଶିଖିଲୁ ପାଠପଢ଼ା ॥
ଏଇ ଦେଶର ସେବାରେ ଆମ ଜୀବନ ହେଉ ଶେଷ ।
ଓଡ଼ିଆ ଆମେ ଓଡ଼ିଆ ଆମେ ଓଡ଼ିଶା ଆମ ଦେଶ ॥

-ରାମକୃଷ୍ଣ ନନ୍ଦ



## ଆସ ନୂଆ ଶବ୍ଦ ଜାଣିବା

ବାସ, ଟଳମଳ, କୀରତି, ହ୍ରଦ, ତରୁଲତା, ଗଡ଼ଜାତ, ଶିରୀ, ଚାଟଶାଳୀ, ହୀନ, ରାଜେ



## ଆସ କଥା ହେବା

(୧) ଆମ ରାଜ୍ୟର ନାମ କାହିଁକି 'ଓଡ଼ିଶା' ରଖାଗଲା ?

(୨) କାହାର ପାହାଡ଼ମାଳା ପାଚେରି ପରି ଦିଶେ ?

(୩) ଚିଲିକାହ୍ରଦ କେଉଁଠାରେ ଅଛି ?

(୪) ଓଡ଼ିଶାର ବଡ଼ନଦୀର ନାମ କ'ଣ ?

(୫) ଆମ ରାଜ୍ୟର କ'ଣ ଦେଖି ଅନ୍ୟମାନେ ଝୁରି ମରନ୍ତି ?

(୬) ଆମ ରାଜ୍ୟର କେଉଁ କଥାଟି ଫେରାଇ ଆଣିବା ବୋଲି କୁହାଯାଇଛି ?



## ଆସ ଉତ୍ତର ଲେଖିବା

**୧. ଆମ ରାଜ୍ୟର ବିଭିନ୍ନ ତୀର୍ଥକ୍ଷେତ୍ର ସଂପର୍କରେ ଜାଣିବା ଓ ଏହାର ଅବସ୍ଥିତି ଲେଖିବା ।**

(୧) ଶ୍ରୀଜଗନ୍ନାଥ ମନ୍ଦିର ------------------------------------------------

(୨) ଲିଙ୍ଗରାଜ ମନ୍ଦିର ------------------------------------------------

(୩) କୋଣାର୍କ ମନ୍ଦିର ------------------------------------------------

(୪) ସମଲେଶ୍ୱରୀ ମନ୍ଦିର ------------------------------------------------

(୫) ହରିଶଙ୍କର ମନ୍ଦିର ------------------------------------------------

**୨. ନିମ୍ନରେ ଶୂନ୍ୟସ୍ଥାନ ଥାଇ କେତୋଟି ବାକ୍ୟ ଲେଖାଯାଇଛି । ଏହାର ପାର୍ଶ୍ୱରେ ଥିବା କୋଠରି ମଧ୍ୟରୁ ଉପଯୁକ୍ତ ପଦ ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ଏହି ଦେଶରେ .................. ମୋର ଏହି ଦେଶରେ ବାସ ।

(ଖ) ମନରବଳେ କରିପାରେ ମୁଁ ଦୁନିଆ .................. ।

(ଗ) ଓଡ଼ିଆ ଘର ଭାତ .................. ଓଡ଼ିଆ ପିଲା ପାଟି ।

(ଘ) କେଡ଼େ ମଧୁର କି .................. ଆମରି ଦେଶ କଥା ।

(ଙ) ଆମେ ଆଣିବୁ ଫେରାଇ ତାର .................. ଦିନ ।

| |
|---|
| ଟଳମଳ |
| ତିଅଣ |
| ସୁଖ ଶିରୀର |
| ଜନମ |
| ମନୋହର |

DRAFT

୩. ନିମ୍ନରେ କେତୋଟି ପ୍ରତିଶବ୍ଦ ଦିଆଯାଇଛି । ଖାଲିଥିବା ପାର୍ଶ୍ୱ କୋଠରିରେ ଉପଯୁକ୍ତ ପ୍ରତିଶବ୍ଦଟି ବାଛି ପୂରଣ କର ।

ଗଛ, ସୁନ୍ଦର, ଉପବନ, ଶୋଭା, ଘର, ବିରାଜେ

| | | | |
|---|---|---|---|
| ବାସ | | ଶିରୀ | |
| ମନୋହର | | ରାଜେ | |
| ବଗିଚା | | ତରୁ | |



## ଭାଷାର କଥା ପଢ଼, ବୁଝ ଓ ଲେଖ

୧. ପାଠ୍ୟାଂଶରୁ ଯୋଡ଼ି ଶବ୍ଦ ବାଛି ଲେଖ ।

ଯଥା - ପାହାଡ଼ମାଳା

ତରୁ- ......................

ଭାତ- ......................

ପାଣି- ......................

ଗଛ- ......................

ସୁଖ- ......................

୨. ଓଡ଼ିଶାର ଅଧିବାସୀଙ୍କୁ 'ଓଡ଼ିଆ' କୁହାଯାଏ । ସେହିପରି ଆମ ଦେଶର ଅନ୍ୟ ରାଜ୍ୟର ଅଧିବାସୀମାନଙ୍କୁ କ'ଣ କୁହାଯାଏ ?

ଓଡ଼ିଶା - ଓଡ଼ିଆ

ବିହାର - ....................

କେରଳ- ....................

ପଞ୍ଜାବ - ....................

ଆସାମ - ....................

ମହାରାଷ୍ଟ୍ର - ....................

ଗୁଜୁରାଟ - ....................

ପଶ୍ଚିମବଙ୍ଗ - ....................

DRAFT

**୩.  ନିମ୍ନଲିଖିତ ପଦଗୁଡ଼ିକର ଗଦ୍ୟରୂପ ଲେଖ ।**

| | | | |
|---|---|---|---|
| ଜନମ- | ..................... | କୋଣାରକ- | ..................... |
| ଜଗତନାଥ- | ..................... | ପତର- | ..................... |
| ଜନମଭୂମି- | ..................... | କୀରତି- | ..................... |

**୪.  କବିତାରେ ବର୍ଣ୍ଣିତ ପଦକୁ ଆଧାର କରି ଡାହାଣ ପାଖରୁ ଶବ୍ଦ ଆଣି ନୂତନ ଶବ୍ଦ ଖାଲି ସ୍ଥାନରେ ଲେଖ ।**

| 'କ' | 'ଖ' | |
|---|---|---|
| ପାଣିପବନ | ଜଗତନାଥ | |
| ପାହାଡ଼ମାଳ | ପାଟି | |
| ବଡ଼ଦେଉଳ | ପାଠପଢ଼ା | |
| ଭାତ ତିଅଣ | ଶରୀରଗଢ଼ା | |
| ଚାଟଶାଳୀ | ଗଡ଼ଜାତ | |

**୫.  ମନରୁ ପାଞ୍ଚୋଟି ପଦ ଲେଖି ପ୍ରତ୍ୟେକର ଦୁଇଟି ଲେଖାଏଁ ସମତାନ ଶବ୍ଦ ଲେଖ ।**

ଯେପରି- ଝରଝର - ସରସର



## ଆସ ଚିନ୍ତା କରିବା ଓ ଲେଖିବା

**୧.  ପଦ୍ୟରୁ କ'ଣ ବୁଝିଲ, ତାହା ଲେଖ ।**

(କ)  ଏହି ଦେଶ କହିଲେ କେଉଁ ଦେଶକୁ ବୁଝାଉଛି ?

---------------------------------------------------------------

(ଖ)  ପାଠପଢ଼ା ଶିଖାଯାଏ କେଉଁଠି ?

---------------------------------------------------------------

(ଗ)  'କୀରତିମାଳା' କହିଲେ କ'ଣ ବୁଝ ?


---------------------------------------------------------------

(ଘ)  ପାହାଡ଼ମାଳା କିପରି ଦିଶେ ?

---------------------------------------------------------------

DRAFT

୨. ଓଡ଼ିଶାର ମାନଚିତ୍ର ଅଙ୍କନ କରି ଏଥିରେ ମହାନଦୀ, ଚିଲିକାହ୍ରଦ, ପୁରୀ, କୋଣାର୍କ ଓ ଲିଙ୍ଗରାଜ ମନ୍ଦିର ପ୍ରଭୃତି ଦର୍ଶାଇବା ।




୩. ଓଡ଼ିଶାର ନଦୀ, ପାହାଡ଼ ଓ ହ୍ରଦ ସମ୍ପର୍କରେ ଛାତ୍ର/ଛାତ୍ରୀମାନଙ୍କୁ ପରିଚିତ କରାଇବା ।

| | | | |
|---|---|---|---|
| ଦେଓମାଳି | ମହାନଦୀ | ସାବେରୀ | ଲୁଣା |
| ମହେନ୍ଦ୍ରଗିରି | ବୈତରଣୀ | ତେଲ | ଚିତ୍ରୋତ୍ପଳା |
| ମେଘାସନ | ଋଷିକୁଲ୍ୟା | ଅଂଶୁପା | ରାମଗିରି |
| ସୋଲରି | ବ୍ରାହ୍ମଣୀ | ଗୋବରୀ | ବୁଢ଼ାବଳଙ୍ଗ |
| ଖଣ୍ଡାଧାର | ବାହୁଦା | ବଂଶଧାରା | ଚିଲିକା |

DRAFT

୪.   ପଠିତ କବିତା ମଧ୍ୟରୁ ପାଞ୍ଚୋଟି ଯୁଗ୍ମଶବ୍ଦ ଲେଖ ।

(ଉଦାହରଣ – ଗଛପତର)

.............................   ...........................   ......................

.............................   ........................... ।



## ତୁମ ପାଇଁ କାମ

ବାମ ଚିତ୍ରକୁ ଦେଖି, ଡାହାଣ କୋଠରିରେ ଚିତ୍ରଟିକୁ ପୂରାକରି ରଙ୍ଗ ଦିଅ ।



DRAFT

ପଠନ ନିମନ୍ତେ

# ଆମେ ଓଡ଼ିଆ - ଆମ ଖାଦ୍ୟ ବଢ଼ିଆ





ଆମେ ଓଡ଼ିଆ ଖାଦ୍ୟ ବଢ଼ିଆ
ସୁନ୍ଦର ତା'ର ବାସ,
କେଉଁ ଜାଗାରେ କ'ଣ ମିଳେ
ଏବେ ଜାଣିବା ଆସ ।





ବାରିପଦାର ଗରମ ମୁଢ଼ି
କେନ୍ଦୁଝରର ବଡ଼ି,
ବଲାଙ୍ଗିରର ଚାଉଳ ବରା
ବ୍ରହ୍ମପୁର ପାମ୍ପୁଡ଼ି ।





ସାଲେପୁରର ବିକଳକର
ରସଗୋଲାର ନାଆଁ
କେନ୍ଦ୍ରାପଡ଼ାର ରସାବଳୀକୁ
ଅତି ଆନନ୍ଦେ ଖାଆ ।





ନିମାପଡ଼ାର ଛେନା ଝିଲ୍ଲୀ
ନୟାଗଡ଼ର ପୋଡ଼
ସମ୍ବଲପୁର ସରସତିଆ
ବାସଇ ଚାରିଆଡ଼ ।





DRAFT



ବାଲିଯାତରା ଠୁଙ୍କାପୁରି
ଦହିବରାର ମଜା
ଅନୁଗୁଳର ଦହି ପଖାଳ
ବାଲେଶ୍ୱରର ଗଜା ।





ଢେଙ୍କାନାଳର ବିରି ବରା
ଖାଅ ଗୋଟିକୁ ଗୋଟି
ଭଦ୍ରକର ପାଳୁଅ ଲଡୁ
ବାନ୍ଧି ଦିଅଇ ପାଟି ।





ଲିଙ୍ଗରାଜଙ୍କ କୋରାଖଇର
ବିଶ୍ୱରେ ଅଛି ନାଆଁ
ବଡ଼ ଠାକୁରଙ୍କ ମହାପ୍ରସାଦ
ଜିଇବା ପାଇଁ ରାହା ।




(ବିଦ୍ୟୁତଲତା ପଣ୍ଡା)





୬

# ଆଚାର୍ଯ୍ୟ ହରିହର



ଛୋଟ ପିଲାଟିଏ ବାପାଙ୍କଠାରୁ ପୁରାଣ ଯୁଗର ମୁନିଋଷିମାନଙ୍କ କଥା ଶୁଣୁଥାଏ । ବାପା କହୁଥାନ୍ତି; ମୁନିଋଷିମାନେ ସମାଜର ଉପକାର ପାଇଁ ଜୀବନ ଧାରଣ କରିଥାନ୍ତି । ସେମାନେ ନିଜ ବିଷୟରେ ଚିନ୍ତା ନକରି ସମସ୍ତଙ୍କ ମଙ୍ଗଳ କଥା ଭାବିଥାନ୍ତି । ବାପାଙ୍କ କଥା ଶୁଣି ପିଲାଟି ମନରେ କୌତୂହଳ ଜାତ ହେଲା । ସେ ପଚାରିଲା, -"ବାପା ଏବେ କ'ଣ ସେ ମୁନିଋଷିମାନେ ଅଛନ୍ତି ?"

ପିଲାଟିର କଥା ଶୁଣି ତା'ର ବାପା ହାତଠାରି ଜଣକ ଆଡ଼କୁ ଦେଖାଇ ଦେଇ କହିଲେ, - "ସେ ହେଉଛନ୍ତି ଜଣେ ଋଷି ।" ପିଲାଟି ଆଶ୍ଚର୍ଯ୍ୟ ହୋଇ କହିଲା, - "ଆରେ, ସେ ତ ଆମ ହରି ଦଦେଇ । ଆଉ ଋଷି କ'ଣ ? ତାଙ୍କର ତ ଜଟା ନାହିଁ, ଗେରୁଆ ଲୁଗା କି କୌପୁନି ନାହିଁ କି ସେ ଆଖିବୁଜି ମାଳା ଜପ କରନ୍ତି ନାହିଁ । ସେ କି ଋଷି !"

ବାପା କହିଲେ- "ହଉ ଅପେକ୍ଷା କର ଜାଣିବୁ । କିଛି ସମୟ ପରେ ଖାଇବା ପାଇଁ ଯିବାକୁ ଡାକରା ଆସିଲା । ପିଲାଟି ଓ ତା' ବାପା ବସିଥିବା ଘର ଆଗରେ ଗୋଟିଏ ବଗିଚା ଥାଏ ଏବଂ ସେହି ବଗିଚା ଆଗରେ ଗୋଟିଏ ବାଉଁଶର ଫାଟକ ଥାଏ । ଫାଟକ ଖୋଲି ସମସ୍ତେ ଖାଇବାକୁ ଚାଲିଗଲେ । ପିଲାଟି ମଧ୍ୟ ବାପାଙ୍କ ହାତ ଧରି ବାହାରିଲା । ପଛକୁ ରହିଲେ ହରି ଦଦେଇ । ସେ ଫାଟକଟିକୁ ଭଲକରି ବନ୍ଦ କରି ଖାଇବାକୁ ଆସିଲେ ।

ବାପା ପିଲାଟିକୁ କହିଲେ; - "ଏବେ ଜାଣିଲୁ, ଖାଲି ଆଖି ବୁଜି ମାଳା ଜପିଲେ କେହି ଋଷି ହୋଇଯାଏ ନାହିଁ । ସମସ୍ତେ ଫାଟକ ମେଲାକରି ଚାଲିଗଲେ । ବଗିଚାଟି ବିଭିନ୍ନ ଫୁଲ ଓ ଫଳ ଗଛରେ ଭର୍ତ୍ତି ହୋଇଛି । ଫାଟକ ମେଲା ରହିଲେ ବୁଲା ଗାଈଗୋରୁ ସେ ଗଛ ସବୁକୁ କ'ଣ ରଖିବେ ?" ଆଜି ସେହି ମହାପୁରୁଷ ଆଚାର୍ଯ୍ୟ ହରିହରଙ୍କ ବିଷୟରେ କହୁଛି ଶୁଣ ।

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଗାଆଁରେ ମାର୍ଚ୍ଚ ମାସ ୮ ତାରିଖ ୧୮୭୯ ମସିହାରେ ହରିହର ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ମହାଦେବ ବ୍ରହ୍ମା ଓ ମାତାଙ୍କ ନାମ ଶ୍ରଦ୍ଧାଦେବୀ । ପିଲାଦିନରୁ ତାଙ୍କର ମାତୃ ବିୟୋଗ ହୋଇଥିବାରୁ ସେ ତାଙ୍କ ସାବତ ମାଆ ଓ ଜେଜେମାଆଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ ।

ଗାଁ ଚାଟଶାଳୀରୁ ପାଠପଢ଼ା ସାରି ସେ ଭର୍ଣ୍ଣାକୁଲାର ସ୍କୁଲରେ ପଢ଼ିଲେ । ସେଠାରୁ କୃତିତ୍ୱର ସହ ଉତ୍ତୀର୍ଣ୍ଣହୋଇ ବୃତ୍ତି ପାଇଲେ । ବୃତ୍ତି ପାଇ ସେ ପୁରୀ ଜିଲ୍ଲା ସ୍କୁଲରେ ପଢ଼ିବା ପାଇଁ ପୁରୀ ଗଲେ । ପୁରୀରେ ପଢ଼ିବା ସମୟରେ ମଶା ଓ ମଇଳା ଦାଉରୁ ପୁରୀ ସହରକୁ ରକ୍ଷା କରିବାପାଇଁ ସେ ସାଥୀମାନଙ୍କୁ ଧରି ବୁଲିବୁଲି ପୋଖରୀଗୁଡ଼ିକରୁ ଦଳ ସଫା କରୁଥିଲେ । ପୁରୀରୁ ପଢ଼ା ସାରି ସେ



୧୯୦୧ ମସିହାରେ ଏଫ୍.ଏ. ପଢ଼ିବା ପାଇଁ ରେଭେନ୍ସା କଲେଜରେ ନାମ ଲେଖାଇଲେ । ସେଇଠି ତାଙ୍କର ଗୋପବନ୍ଧୁ ଦାସଙ୍କ ସହିତ ଘନିଷ୍ଠତା ବଢ଼ିଲା । ପିଲାଦିନୁ ସେ ଆତ୍ମନିର୍ଭରଶୀଳ ଓ ସ୍ୱାଧୀନଚେତା ଥିଲେ । ନିଜ ପିତାଙ୍କ ଉପରେ କଲେଜ ପଢ଼ିବାର ଭାର ନ ପକାଇବା ପାଇଁ ସେ ଟିଉସନ୍ କରି ନିଜ ଖର୍ଚ୍ଚ ତୁଲାଉଥିଲେ ।

ଏଫ୍.ଏ. ପାସ୍ କଲାପରେ ସେ ବି.ଏ.ନ ପଢ଼ି ଓକିଲାତି ପଢ଼ିବାପାଇଁ କଲିକତା ଗଲେ । ତାଙ୍କ ପିତାଙ୍କର ଇଚ୍ଛା ଥିଲା ହରି ଓକିଲ ହେଉ ଓ ଅଧିକ ପଇସା ରୋଜଗାର କରି ବଡ଼ଲୋକ ହେଉ । ମାତ୍ର ଓକିଲାତି ପଢ଼ିଲାବେଳେ ସେ



ଜାଣିଲେ ଯେ ଜଣେ ଓକିଲକୁ ବ୍ୟବସାୟରେ ମିଛ କହିବାକୁ ଓ ମିଛ ଶିଖାଇବାକୁ ହୁଏ । ତେଣୁ ସେ ଓକିଲାତି ପରୀକ୍ଷା ନ ଦେଇ କଲିକତାରୁ ଫେରି ଆସିଲେ ।

କଲିକତାରୁ ଫେରି ହରିହର କିଛିଦିନ ପୁରୀ ଜିଲ୍ଲା ସ୍କୁଲରେ ଶିକ୍ଷକତା କରିଥିଲେ । ଏହାପରେ ନୀଳଗିରିରେ ନୂଆକରି ସ୍ଥାପିତ ହୋଇଥିବା ହାଇସ୍କୁଲରେ ସେ ଶିକ୍ଷକ ଭାବେ ଯୋଗଦେଲେ । ସେତେବେଳେ ସେଠାରେ ଜାତିଭେଦ ଓ ଛୁଆଁଅଛୁଆଁ ଭେଦଭାବ ରହିଥିଲା । ଥରେ ସ୍କୁଲ ପାଖରେ ଜଣେ ଅଛୁଆଁ ବ୍ୟକ୍ତିର ଶବ ପଡ଼ିଥିବା ଦେଖି ହରିହର ତାକୁ ନେଇ ଶ୍ମଶାନରେ ସଂସ୍କାର କରିଥିଲେ । ଏଥିପାଇଁ ତତ୍କାଳୀନ ବ୍ରାହ୍ମଣମାନଙ୍କଦ୍ୱାରା ସମାଲୋଚିତ ହୋଇଥିଲେ ମଧ୍ୟ ତାଙ୍କର ଏହି ମହନୀୟ କାର୍ଯ୍ୟକୁ ଅନେକ ପ୍ରଶଂସା କରିଥିଲେ । ସେ କହୁଥିଲେ, "ମୁଁ ଗୋଟିଏ ଜାତି ଭିତରେ ବାନ୍ଧି ହେବାଟା କ'ଣ ଠିକ୍ ହେବ ?"


ହରିହର ନିଜ ଜୀବନର ଆଦର୍ଶ ଭାବେ ଗୋପବନ୍ଧୁଙ୍କୁ ଗ୍ରହଣ କରିଥିଲେ ।

ସେ ଯେଉଁଠି ଥିଲେ ବି ଗୋପବନ୍ଧୁଙ୍କ କଥା ତାଙ୍କ କାନରେ ସର୍ବଦା ଅନୁରଣିତ ହେଉଥିଲା – "ଆମେ ବଡ଼ ହୋଇ ଦେଶପାଇଁ କିଛି କରିବା । ଜନ୍ମବେଳେ ଦେଶକୁ ଯେମିତି ଦେଖୁଛେ, ତା'ଠାରୁ ଆଉ ସୁନ୍ଦରତର କରି ଗଢ଼ିବା ।" ଏହି କଥାରେ ଅନୁପ୍ରାଣିତ ହୋଇ ହରିହର ୧୯୧୨ ମସିହାରେ ଗୋପବନ୍ଧୁଙ୍କଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗଦେଲେ । ଏହିଠାରେ ହରିହରଙ୍କ ଚରିତ୍ରର ପୂର୍ଣ୍ଣ ବିକାଶ ଘଟିଥିଲା । ସେ ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ । ସେବାକୁ ସେ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ବନବିଦ୍ୟାଳୟର କୌଣସି ଛାତ୍ର ଅସୁସ୍ଥ ହେଲେ ସେ ରାତିରାତି ଅନିଦ୍ରା ହୋଇ ତାଙ୍କର ସେବା କରୁଥିଲେ । ପିଲାମାନଙ୍କଠାରେ କାଛୁକୁଣ୍ଡିଆ ହେଲେ ସେ ନିର୍ବିକାର ଭାବରେ ନିମ୍ବପତ୍ର ସିଝା ପାଣିରେ ତାହାକୁ ନିଜ ହାତରେ ସଫା କରି ଦେଉଥିଲେ । ଥରେ ଜଣେ ଛାତ୍ରର ଦେହ ଖରାପହେଲା । ହରିହରଙ୍କ ବାରଣ ସତ୍ତ୍ୱେ ପିଲାଟିର ଅଭିଭାବକ ତାକୁ ଘରକୁ ନେଇଗଲେ । ତା'ପରଦିନ ଦେଖାଗଲା ସେହି ପିଲାଟି ପୁଣି ସକାଳୁ ଛାତ୍ରାବାସକୁ ଫେରି ଆସିଛି । ହରିହର ଏପରି ଶ୍ରଦ୍ଧାଶୀଳ ଥିଲେ ଯେ ପିଲାମାନେ ଘର ଅପେକ୍ଷା ଛାତ୍ରାବାସରେ ରହିବାକୁ ଭଲ ପାଉଥିଲେ ।



ସତ୍ୟବାଦୀ ବନବିଦ୍ୟାଳୟ ଜାତୀୟ ବିଦ୍ୟାଳୟରେ ପରିଣତ ହେବା ପରେ ସତ୍ୟବାଦୀର ପଞ୍ଚସଖା ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ ମିଶ୍ର ଓ ଆଚାର୍ଯ୍ୟ ହରିହର ପ୍ରଭୃତି ସମସ୍ତେ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । କିନ୍ତୁ ଶେଷ ପର୍ଯ୍ୟନ୍ତ ଆଚାର୍ଯ୍ୟ ହରିହର ଓ କୃପାସିନ୍ଧୁ ସେଠାରେ ରହିଥିଲେ । ପରେ ହରିହର ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗରେ





ଚାଲି ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବହୁବାର କାରାବରଣ କରିଥିଲେ । କାରାଗାରରେ ମଧ୍ୟ ବନ୍ଦୀମାନଙ୍କୁ ସେ ପଢ଼ାଇବାର ଦାୟିତ୍ୱ ନେଇଥିଲେ ।

ଆଚାର୍ଯ୍ୟ ହରିହରଙ୍କର ଯୁବାବସ୍ଥାରୁ ଦୃଷ୍ଟିଶକ୍ତି କମ୍ ଥିଲା । ତଥାପି ସେ ପରିଣତ ବୟସରେ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସହାୟତା କରିବା ପାଇଁ ନିଜ ଆଖିର ବାହ୍ୟ ପରଳ (Cornea) ଦାନ କରିବାକୁ ଏସ୍.ସି.ବି ମେଡ଼ିକାଲ କଲେଜ କଟକର ଚକ୍ଷୁବିଭାଗର ଡାକ୍ତରଙ୍କୁ ଅନୁରୋଧ କରିଥିଲେ । ହରିହରଙ୍କ ପରଳଦାନ କରିବା ଅନୁରୋଧ ଶୁଣି ସେଠାରେ ଉପସ୍ଥିତ ଥିବା ଡାକ୍ତରମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ।

ଆଚାର୍ଯ୍ୟ ହରିହର ଥିଲେ ଜଣେ ଅସାଧାରଣ ଶିକ୍ଷକ । ନୂଆକରି ଇଂରାଜୀ ପଢୁଥିବା ପିଲାମାନଙ୍କ ପାଇଁ ସେ 'Child's easy first grammar' (ପିଲାଙ୍କ ସହଜ ପ୍ରଥମ ଇଂରାଜୀ ବ୍ୟାକରଣ) ରଚନା କରିଥିଲେ । ଯାହାର ଲୋକପ୍ରିୟତା ଆଜି ପର୍ଯ୍ୟନ୍ତ ରହିଅଛି । ଏହି ମହାନ ତ୍ୟାଗୀ, ଆଦର୍ଶ ଦେଶସେବକ, କର୍ମଯୋଗୀଙ୍କ ଦେହାନ୍ତ ୧୯୭୧ ମସିହା ଫେବୃଆରୀ ମାସ ୨୧ ତାରିଖରେ ହୋଇଥିଲା । ତାଙ୍କର ନିରଳସ ସେବା ଓ ନିଃସ୍ୱାର୍ଥପର ତ୍ୟାଗପୂତ ଜୀବନ ପାଇଁ ସେ ପ୍ରତିଟି ଓଡ଼ିଆଙ୍କ ହୃଦୟରେ କାଳକାଳକୁ ଅମର ହୋଇ ରହିବେ ।





## ଆସ ନୂଆ ଶବ୍ଦ ଶିଖିବା

କୌତୂହଳ, ଆଚରଣ, ଭର୍ଣ୍ଣାକୁଲାର, ଆତ୍ମନିର୍ଭରଶୀଳ, ଶ୍ମଶାନ, ଅନୁରଣିତ, ଅନୁପ୍ରାଣିତ, ନିର୍ବିକାର, କର୍ମଯୋଗ



## ଆସ କଥା ହେବା

୧. ତୁମେ କେଉଁ ପୁରାଣ ଗପ ଶୁଣିଛ ?

୨. ପୁରାଣର କେଉଁ ଋଷି ମୁନିମାନଙ୍କ କଥା ତୁମକୁ ଭଲ ଲାଗେ ?

୩. ଅନ୍ୟକୁ ସାହାଯ୍ୟ କଲେ ତୁମେ କ'ଣ ଅନୁଭବ କର ?

୪. ସତ୍ୟବାଦୀ ଯୁଗର ପଞ୍ଚସଖା କାହାକୁ କୁହାଯାଏ ?

୫. ପଞ୍ଚସଖାଙ୍କ ଭିତରେ ଆଚାର୍ଯ୍ୟ କିଏ ?



## ଆସ ଉତ୍ତର ଲେଖିବା

**୧. ଆଚାର୍ଯ୍ୟ ହରିହର ଓକିଲାତି ପାଠ ନ ପଢ଼ି କଲିକତାରୁ ଫେରି ଆସିଲେ କାହିଁକି ?**

**ନିମ୍ନଲିଖିତ ବାକ୍ୟରୁ ଠିକ୍ ଉତ୍ତର ବାଛି ଖାଲି ଘରେ ଲେଖ ।**

(କ) କଲିକତାର ଜଳବାୟୁ ଭଲ ନ ଲାଗିବାରୁ

(ଖ) ମିଛ କହିବାକୁ ଓ ଅନ୍ୟକୁ ମିଛ ଶିଖେଇବାକୁ ପଡୁଥିବାରୁ

(ଗ) ପାଠପଢ଼ାର ଅଧିକ ଖର୍ଚ୍ଚ ତୁଲାଇ ନ ପାରିବାରୁ

(ଘ) କଲିକତାରେ ରହିବାକୁ ଘରେ ମନା କରିବାରୁ

DRAFT

୨. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର ।

ପ୍ରତିଷ୍ଠିତ: ..........................................................................................

ମଙ୍ଗଳ : ..........................................................................................

ଓକିଲାତି :........................................................................................

ଅଛୁଆଁ : ..........................................................................................

ଆଦର୍ଶ : ..........................................................................................

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଚାରିଗୋଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେମାନଙ୍କ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଠିକ୍ ଚିହ୍ନ (✓) ଦିଅ ।

୩. ମୁନିଋଷିମାନେ ସର୍ବଦା କ'ଣ ଚିନ୍ତା କରନ୍ତି ?

(କ) ନିଜେ ଭଲରେ ରହିବା ପାଇଁ

(ଖ) ନିଜେ ଦୁଃଖରେ ରହିବା ପାଇଁ

(ଗ) ସମାଜର ମଙ୍ଗଳ ଚିନ୍ତା କରନ୍ତି

(ଘ) ସମାଜର ମଙ୍ଗଳ ଚିନ୍ତା କରନ୍ତି ନାହିଁ

୪. ହରି ଦଦେଇ ବଗିଚାର ଫାଟକଟିକୁ ବନ୍ଦ କଲେ କାହିଁକି ?

(କ) ବଗିଚାକୁ ବୁଲା ଗୋରୁଗାଈଙ୍କଠାରୁ ରକ୍ଷା କରିବାପାଇଁ

(ଖ) ବଗିଚାକୁ କେହି ନଦେଖିବା ପାଇଁ

(ଗ) ବଗିଚାରୁ କେହି ଫୁଲ ନତୋଳିବା ପାଇଁ

(ଘ) ବଗିଚାରୁ ଫଳ ଚୋରି ହେବାଭୟରେ

୫. ପିଲାଙ୍କ ସହଜ ପ୍ରଥମ ଇଂରାଜୀ ବ୍ୟାକରଣ କାହା ଦ୍ୱାରା ରଚିତ ?

(କ) ମହାତ୍ମା ଗାନ୍ଧୀ (ଖ) ଆଚାର୍ଯ୍ୟ ହରିହର (ଗ) ଗୋପବନ୍ଧୁ (ଘ) କୃପାସିନ୍ଧୁ

୬. ଅସହଯୋଗ ଆନ୍ଦୋଳନର ଡାକରା କିଏ ଦେଇଥିଲେ ?

(କ) ଗୋପବନ୍ଧୁ (ଖ) ଆଚାର୍ଯ୍ୟ ହରିହର

(ଗ) ଗାନ୍ଧିଜୀ (ଘ) ପଣ୍ଡିତ ନୀଳକଣ୍ଠ

DRAFT



## ଭାଷାର କଥା ପଢ଼, ବୁଝ ଓ ଲେଖ

(କ) ଗାଇଗୋରୁ ପରି ଆଉ ତିନୋଟି ଯୋଡ଼ିଶବ୍ଦ କୁହ ଓ ଲେଖ ।

| | | | |
|---|---|---|---|
| ଗାଇଗୋରୁ | | | |

(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

| ଆଚାର୍ଯ୍ୟ | ସକାଳ | ମାଆ | ଛାତ୍ର |
|---|---|---|---|
| | | | |
| | | | |

(ଗ) ନିମ୍ନ କୋଠରିରେ ଦିଆଯାଇଥିବା ଉଦାହରଣକୁ ଭଲଭାବେ ପଢ଼ ଓ ନିଜେ ନୂଆଶବ୍ଦ ଗଠନ କରି ବାକ୍ୟରେ ପରିଣତ କର ।

| ଉପସର୍ଗ | ଶବ୍ଦ | ନୂଆଶବ୍ଦ | ବାକ୍ୟଗଠନ |
|---|---|---|---|
| ବି | ଶେଷ | ବିଶେଷ | ଆଜି ଦିନଟି ମୋ ପାଇଁ ବିଶେଷ ଅଟେ |
| ପ୍ରତି | | | |
| ଅନୁ | | | |
| ପ୍ର | | | |

DRAFT



## ଆସ ଚିନ୍ତାକରି କହିବା ଓ ଲେଖିବା

୧. (କ) ମୁନିଋଷିମାନେ ସମାଜର ଉପକାର ପାଇଁ କ'ଣ କରନ୍ତି ?

..........................................................................................

(ଖ) ଗୋପବନ୍ଧୁଙ୍କ କେଉଁକଥା ହରିହରଙ୍କ କାନରେ ସର୍ବଦା ଅନୁରଣିତ ହେଉଥିଲା ?

..........................................................................................

(ଗ) କେଉଁଠାରେ ଆଚାର୍ଯ୍ୟ ହରିହରଙ୍କ ଚରିତ୍ରର ପୂର୍ଣ୍ଣ ବିକାଶ ହୋଇଥିଲା ?

..........................................................................................

(ଘ) କେଉଁ କାର୍ଯ୍ୟରୁ ଆଚାର୍ଯ୍ୟ ହରିହରଙ୍କ ସେବା ମନୋଭାବର ପରିଚୟ ମିଳିଥାଏ ?

..........................................................................................


୨. ଆଚାର୍ଯ୍ୟ ହରିହରଙ୍କ କେଉଁ ଗୁଣଗୁଡ଼ିକ ତୁମକୁ ଭଲ ଲାଗୁଛି ଖାଲିଥିବା କୋଠରିରେ ଲେଖ ।






## ତୁମ ପାଇଁ କାମ


ଆଚାର୍ଯ୍ୟ ହରିହରଙ୍କ ପରି ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟ ଶିକ୍ଷକଙ୍କ ଜୀବନୀ ସଂଗ୍ରହ କର ଓ ପଢ଼ ।




ଉତ୍କଳମଣି
ପଣ୍ଡିତ ଗୋପବନ୍ଧୁ ଦାସ



ପଣ୍ଡିତ
ନୀଳକଣ୍ଠ ଦାସ



ପଣ୍ଡିତ
ଗୋଦାବରୀଶ ମିଶ୍ର



ଆଚାର୍ଯ୍ୟ
ହରିହର ଦାସ



ପଣ୍ଡିତ
କୃପାସିନ୍ଧୁ ମିଶ୍ର

DRAFT

ପଠନ ନିମନ୍ତେ

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

## ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରେରଣାଦାୟକ ଜୀବନ



ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଭାରତର ପ୍ରଥମ ଜନଜାତି ମହିଳା ରାଷ୍ଟ୍ରପତି ଓ ଆମଦେଶର ପ୍ରଥମ ନାଗରିକ । ସେ ୨୦ ଜୁନ୍ ୧୯୫୮ ମସିହାରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ଉପରବେଡ଼ା ଗାଁରେ ସାନ୍ତାଳ ଜନଜାତି ପରିବାରରେ ଜନ୍ମଗ୍ରହଣ କରିଥିଲେ । ଅଭାବ ଅନଟନ ଓ ସାମାଜିକ ପରିସ୍ଥିତି ଯୋଗୁ ସେତେବେଳେ ତାଙ୍କ ଗାଁର ଝିଅମାନେ ବିଦ୍ୟାଳୟକୁ ଯିବା ଏକ ବଡ଼ ଆହ୍ୱାନ ଥିଲା । କିନ୍ତୁ ଦ୍ରୌପଦୀଙ୍କ ସ୍ୱପ୍ନ ବଡ଼ ଥିଲା । ସେଥିପାଇଁ ସେ କେବେ ହାର ମାନି ନଥିଲେ ।

ସେ ପ୍ରାଥମିକ ଶିକ୍ଷା ନିଜ ଗାଁରେ ହିଁ ସମାପ୍ତ କରିଥିଲେ ଏବଂ ୧୯୭୪ ମସିହାରେ ଭୁବନେଶ୍ୱରସ୍ଥିତ ୟୁନିଟ୍- ୨ ବାଳିକା ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିଥିଲେ । ୧୯୭୯ ମସିହାରେ ସେ ନିଜ ଅଧ୍ୟବସାୟ ବଳରେ ଭୁବନେଶ୍ୱରର ରମାଦେବୀ ମହିଳା ମହାବିଦ୍ୟାଳୟରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଶିକ୍ଷା ପ୍ରତି ତାଙ୍କର ନିଷ୍ଠା ଓ ଅନୁରାଗ ତାଙ୍କୁ ଗ୍ରାମର ପ୍ରଥମ ମହିଳା ଭାବରେ ସ୍ନାତକ ଡିଗ୍ରୀ ହାସଲ କରିବାର ଗୌରବ ଆଣିଦେଇଥିଲା । ମାଟ୍ରିକ୍ ପାସ୍ କରିବାରେ ସେ ମଧ୍ୟ ତାଙ୍କ ଗାଁର ପ୍ରଥମ ଝିଅ ।

ଦ୍ରୌପଦୀ ମୁର୍ମୁ ୧୯୭୯ ରୁ ୧୯୮୩ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଜଳସେଚନ ଏବଂ ଶକ୍ତି ବିଭାଗରେ ଜଣେ କନିଷ୍ଠ ସହାୟକ ଭାବରେ କାର୍ଯ୍ୟ କରିଥିଲେ । ସେ ରାଇରାଙ୍ଗପୁର ଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅବୈତନିକ ଶିକ୍ଷୟିତ୍ରୀ ହୋଇଥିଲେ, ଯେଉଁଠାରେ ସେ ପିଲାମାନଙ୍କୁ ନିଷ୍ଠାର ସହିତ ପାଠ ପଢ଼ାଇଥିଲେ । ସେ ବିଶ୍ୱାସ କରୁଥିଲେ ଯେ ଶିକ୍ଷା ସମାଜରେ ପରିବର୍ତ୍ତନ ଆଣିବାର ଏକ ବଳିଷ୍ଠ ମାଧ୍ୟମ । ଦୟାଭାବ ଓ କର୍ତ୍ତବ୍ୟପରାୟଣତା ପାଇଁ ସେ ବିଦ୍ୟାର୍ଥୀମାନଙ୍କର ଆଦର୍ଶ ଥିଲେ ।

୧୯୯୭ ମସିହାରେ, ଦ୍ରୌପଦୀ ମୁର୍ମୁ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ । ରାଇରଙ୍ଗପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଜଣେ କାଉନ୍‌ସିଲର ଭାବରେ ସେ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ ଏବଂ ପରିଷଦର ଉପାଧ୍ୟକ୍ଷ ପଦ ମଧ୍ୟ ମଣ୍ଡନ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ରାଇରଙ୍ଗପୁର ଏକ ପରିଚ୍ଛନ୍ନ ସହରରେ ପରିଣତ ହୋଇଥିଲା । ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ସେ ରାଇରଙ୍ଗପୁରରୁ ଓଡ଼ିଶା ବିଧାନସଭାର ସଦସ୍ୟ ଥିଲେ । ଏହି ସମୟ ମଧ୍ୟରେ ସେ ପରିବହନ, ବାଣିଜ୍ୟ, ମତ୍ସ୍ୟଚାଷ ଏବଂ ପ୍ରାଣୀ ସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉନ୍ନତି ଆଣିବା ସହିତ ଜଣେ ସଫଳ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ସେ ନିରାଡ଼ମ୍ବର ତଥା ଆଧ୍ୟାତ୍ମିକ ଜୀବନଯାପନ କରନ୍ତି ଏବଂ ଗରିବ ତଥା ଅବହେଳିତଙ୍କ ପାଇଁ କାମ କରିବାକୁ ଭଲ ପାଆନ୍ତି । ଲୋକମାନେ ତାଙ୍କ କାର୍ଯ୍ୟ ଦକ୍ଷତାକୁ ସବୁବେଳେ ପ୍ରଶଂସା କରୁଥିଲେ । ୨୦୦୭ ମସିହାରେ ସେ ଶ୍ରେଷ୍ଠ ବିଧାୟିକା ଭାବରେ ପଣ୍ଡିତ ନୀଳକଣ୍ଠ ପୁରସ୍କାର ପ୍ରାପ୍ତ ହୋଇଥିଲେ ।

ଦ୍ରୌପଦୀ ମୁର୍ମୁ ୧୮ ମଇ ୨୦୧୫ ମସିହାରେ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଥିଲେ । ସେ ସେଠାରେ ଆଦିବାସୀ ସମ୍ପ୍ରଦାୟର ଅଧିକାରର ସୁରକ୍ଷା ଏବଂ ଶିକ୍ଷାର ଉନ୍ନତି ପାଇଁ ଅନେକ କାର୍ଯ୍ୟ କରିଥିଲେ । ତାଙ୍କର ନେତୃତ୍ୱ ଏତେ ପ୍ରେରଣାଦାୟକ ଥିଲା ଯେ ୨୫ ଜୁଲାଇ ୨୦୨୨ରେ ସେ ଆମ ଦେଶର ୧୫ତମ ରାଷ୍ଟ୍ରପତି ହେବାର ଗୌରବ ଅର୍ଜନ କରିଥିଲେ । ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଓ କାର୍ଯ୍ୟଶୈଳୀ ଆମ ପାଇଁ ପ୍ରେରଣାଦାୟକ । ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଦୃଢ଼ ଇଚ୍ଛା ଶକ୍ତି, ପରିଶ୍ରମ ଓ ନିଷ୍ଠା ବଳରେ ସେ ଦେଶର ଶୀର୍ଷ ପଦବୀ ଅଳଙ୍କୃତ କରିବାକୁ ସକ୍ଷମ ହୋଇଛନ୍ତି । ସେବା ଓ ସମର୍ପଣ କେବେ ବୃଥା ଯାଏ ନାହିଁ କିମ୍ବା ଅସଫଳ ହୁଏ ନାହିଁ, ତାଙ୍କ ଜୀବନୀରୁ ଆମକୁ ଏହି ଶିକ୍ଷା ମିଳେ ।

୭

# ଆମ ସୂର୍ଯ୍ୟଯାନ

(ଶିକ୍ଷକ ଶ୍ରେଣୀ କୋଠରି ଭିତରକୁ ପ୍ରବେଶ କରିବା ମାତ୍ରେ ସମସ୍ତ ଛାତ୍ରଛାତ୍ରୀ ତାଙ୍କୁ ପ୍ରଣାମ କରନ୍ତି ।)

ଛାତ୍ରଛାତ୍ରୀ – ଶୁଭ ସକାଳ ଗୁରୁଜୀ ।

ଗୁରୁଜୀ – ଶୁଭ ସକାଳ ପିଲାମାନେ । ତୁମେମାନେ କେମିତି ଅଛ ?

ଛାତ୍ରଛାତ୍ରୀ – ଭଲ ଅଛୁ ଗୁରୁଜୀ ।

ଗୁରୁଜୀ – ପୂର୍ବ ଶ୍ରେଣୀରେ ଆମେ 'ଚନ୍ଦ୍ରଯାନ' ବିଷୟରେ ଜାଣିଥିଲେ । ଆଜି 'ସୂର୍ଯ୍ୟଯାନ' ବିଷୟରେ କଥାହେବା ।

ରବି – ଗୁରୁଜୀ ! ମୁଁ ଶୁଣିଛି ଯେ ସୂର୍ଯ୍ୟ ଜଣେ ଦେବତା, ଯିଏ ସାତଟି ଘୋଡ଼ାଦ୍ୱାରା ଟଣାଯାଉଥିବା ରଥରେ ଆକାଶରେ ଭ୍ରମଣ କରନ୍ତି ।



ଭାନୁ – ହଁ... ହଁ... ମୁଁ ମଧ୍ୟ ସମାନ କଥା ଶୁଣିଛି ।

ଭାସ୍କର – ନା, ସୂର୍ଯ୍ୟ ଏକ ଅଗ୍ନି ପିଣ୍ଡୁଳା ।

ସବିତା – ନା, ଏହା ଏକ ତାରା ।

ଗୁରୁଜୀ – ଠିକ୍ କହିଛ । (ଖୁସି ମନରେ) ସୂର୍ଯ୍ୟ ଏକ ତାରା ଓ ଏହା ବହୁତ ଉତ୍ତପ୍ତ; ତେଣୁ ଲୋକମାନେ ଏହାକୁ 'ଅଗ୍ନି ପିଣ୍ଡୁଳା' ବୋଲି କହନ୍ତି ।

DRAFT

ଛାତ୍ରଛାତ୍ରୀ – ହଁ, ଗୁରୁଜୀ, ସତରେ ଏହା ବହୁତ ଉତ୍ତପ୍ତ ହୋଇଥିବ !

ସବିତା – ଗୁରୁଜୀ ! ସୂର୍ଯ୍ୟ ପୃଥିବୀଠାରୁ ବହୁତ ଦୂରରେ ଅବସ୍ଥିତ ତଥାପି ଏହା ଏତେ ଉତ୍ତପ୍ତ କିରଣ ପ୍ରଦାନ କରିଥାନ୍ତି ।

ଭାନୁ – ସେଥିପାଇଁ ମୁଁ ଗ୍ରୀଷ୍ମ ଋତୁରେ ସୂର୍ଯ୍ୟଙ୍କୁ ଆଦୌ ପସନ୍ଦ କରେନାହିଁ ।

ରବି – ମୁଁ କିନ୍ତୁ ଶୀତଦିନେ ସୂର୍ଯ୍ୟ କିରଣ ପାଖରୁ ଜମାରୁ ଉଠେନାହିଁ । ମୋ ଜେଜେମା'ଙ୍କୁ ବହୁତ ଥଣ୍ଡା ସେଥିପାଇଁ ସେ ଦିନସାରା ଖରାରେ ବସନ୍ତି ।

ଗୁରୁଜୀ – ସୂର୍ଯ୍ୟ ଏତେ ଉତ୍ତପ୍ତ କାହିଁକି ? ତୁମେ ସମସ୍ତେ କେବେ ଏ ବିଷୟରେ କେବେ କିଛି ଭାବିଛ କି ?

ସବିତା – ସୂର୍ଯ୍ୟ ଉପରେ ସବୁବେଳେ ନିଆଁ ଜଳୁଛି, ସେଥିପାଇଁ ବୋଧହୁଏ ତାଙ୍କର କିରଣ ଆମକୁ ବହୁତ ଉତ୍ତପ୍ତ ଲାଗେ ।

ରବି – ଯଦି ଏହା ସତ, ତେବେ ସେଠାରେ କିଏ ନିଆଁ ଲଗାଇଥାଇପାରେ !

ଭାସ୍କର – ତୁମେ ଦୁହେଁ ଠିକ୍ ଭାବୁନାହଁ । ସୂର୍ଯ୍ୟ ଉପରେ ନିଆଁ ଜଳିବାରୁ ଉତ୍ତପ୍ତ ଆସିନଥାଏ । ସୂର୍ଯ୍ୟ ଏପରି ଗ୍ୟାସ୍‌ରେ ଗଠିତ ଯାହା ଅତ୍ୟନ୍ତ ଉତ୍ତପ୍ତ । ମୋ ବାପା ଗୋଟିଏ ବହିରୁ ପଢ଼ି ମୋତେ ବୁଝାଉଥିଲେ ।

ଗୁରୁଜୀ – ଭାସ୍କର ଠିକ୍ କହିଛି । ସୂର୍ଯ୍ୟ ହେଉଛି ମୁଖ୍ୟତଃ ହାଇଡ୍ରୋଜେନ୍ ଓ ହିଲିୟମ୍ ଗ୍ୟାସ୍‌ଦ୍ୱାରା ଗଠିତ ଏକ ଉତ୍ତପ୍ତ ପିଣ୍ଡ । ଏହା ପୃଥିବୀଠାରୁ ଆନୁମାନିକ ୧.୫ ନିୟୁତ କିଲୋମିଟର ଦୂରରେ ଅବସ୍ଥିତ ।

ଭାସ୍କର – ତେବେ ଆମେ ଚନ୍ଦ୍ରକୁ ଯିବାପରି ସୂର୍ଯ୍ୟ ପାଖକୁ ଯାଇ ପାରିବା କି ?
(ଆଶ୍ଚର୍ଯ୍ୟ ହୋଇ ସମସ୍ତେ ଶିକ୍ଷକଙ୍କୁ ଚାହିଁଲେ)

ଭାନୁ – ସେଠାକୁ କିପରି ଯିବା ? ଯିଏ ଯିବ ସିଏ ତ ଜଳିଯିବ !

ଭାସ୍କର – ଗୁରୁଜୀ ! ସୂର୍ଯ୍ୟ ବହୁତ ଉତ୍ତପ୍ତ ସେଥିପାଇଁ ଏହା ଚମକୁଛି ବୋଧେ !

ଶିକ୍ଷକ – ହଁ, ସୂର୍ଯ୍ୟ ପାଖରେ ପହଞ୍ଚିବା ସହଜ ନୁହେଁ । ଏହା ଚନ୍ଦ୍ରପରି ଆମ ପୃଥିବୀର ନିକଟରେ ନାହିଁ । ଏହା ବହୁତ ଦୂରରେ ଅଛି । ଯେପରି ଚନ୍ଦ୍ରର କିଛି ରହସ୍ୟ ଅଛି, ସେହିପରି

DRAFT

ସୂର୍ଯ୍ୟର ମଧ୍ୟ କିଛି ରହସ୍ୟ ଅଛି । ଏହି ରହସ୍ୟଗୁଡ଼ିକୁ ଉନ୍ମୋଚନ କରିବା ପାଇଁ ଆମର ବୈଜ୍ଞାନିକମାନେ ଆଦିତ୍ୟ-L1 ନିର୍ମାଣ କରିଛନ୍ତି ।

(କୌତୂହଳ ସହ ଉପସ୍ଥାପନା)



ଛାତ୍ରଛାତ୍ରୀ - ଆଦିତ୍ୟ- L1 (ଆଶ୍ଚର୍ଯ୍ୟ ହୋଇ) ।

ଭାସ୍କର - ଗୁରୁଜୀ ! ଏଇଟା ପୁଣି କ'ଣ ?

ଗୁରୁଜୀ - ଭାସ୍କର ! ତୁମେ ନିଜେ !

ଭାସ୍କର - ମୁଁ କିଛି ବୁଝିପାରିଲି ନାହିଁ ଗୁରୁଜୀ ।

ଗୁରୁଜୀ - ଆଦିତ୍ୟର ଅର୍ଥ ସୂର୍ଯ୍ୟ, ପୁଣି ଏହାର ଅନ୍ୟ ନାମ 'ଭାସ୍କର' ସେହିପରି ଆହୁରି ଦୁଇଜଣ ପିଲା ମଧ୍ୟ ଆଦିତ୍ୟ ନାମରେ ଏ ଶ୍ରେଣୀରେ ଅଛନ୍ତି ।

ସବିତା - ହଁ, ମୁଁ ଜାଣିଛି ଭାନୁ ଏବଂ ରବି ।

ରବି - 'ସବିତା' ମଧ୍ୟ ସୂର୍ଯ୍ୟଙ୍କର ଆଉ ଗୋଟିଏ ନାମ ।

ଶିକ୍ଷକ - ଆରେ ତମେ ତ ବଢ଼ିଆ କହିଲ ତୁମେମାନେ ସୁନାପିଲା । ଆଜି ଆମେ ଆଦିତ୍ୟ- L1 ବିଷୟରେ ଜାଣିବା ।

ଭାସ୍କର - ଗୁରୁଜୀ ! ଏହା କ'ଣ ଚନ୍ଦ୍ରଯାନ ପରି ନୁହେଁ କି ?

DRAFT

ଗୁରୁଜୀ – ହଁ, ଭାସ୍କର, ଆଦିତ୍ୟ- L1 ହେଉଛି ଚନ୍ଦ୍ରଯାନ ପରି ସମାନ ପ୍ରକାରର ଏକ ମହାକାଶଯାନ । ଏହାର କାର୍ଯ୍ୟ ହେଉଛି ସୂର୍ଯ୍ୟ ବିଷୟରେ ତଥ୍ୟ ସଂଗ୍ରହ କରିବା । ଯେମିତି ସେ କେଉଁ ସମୟରେ କିପରି ହୋଇଥାଏ । ଏହା ଭିତରେ ଜଳୁଥିବା ନିଆଁର ଉତ୍ତାପ କେତେ ? ତାହାର ପ୍ରଭାବ ପାଖରେ କେମିତି ହୋଇଥାଏ । ଆମ ପୃଥିବୀକୁ ଏହା କେତେ ପ୍ରଭାବିତ କରିଥାଏ ।

ସବିତା – ଗୁରୁଜୀ, ଏହା ସୂର୍ଯ୍ୟଙ୍କ ନିକଟରେ ପହଞ୍ଚି ଯାଇଛି କି ?

ଗୁରୁଜୀ – ସୂର୍ଯ୍ୟଙ୍କ ନିକଟରେ ତ ନୁହେଁ, ଏହା ସୂର୍ଯ୍ୟଠାରୁ ଅନେକ ଦୂରରେ ରହି ସୂର୍ଯ୍ୟର ଆଶ୍ଚର୍ଯ୍ୟଜନକ ଫଟୋ ଉଠାଇ ପଠାଇଛି, ଯାହା ଦେଖିଲେ ତୁମେମାନେ ଆଶ୍ଚର୍ଯ୍ୟ ହୋଇଯିବ ।

ସବିତା – ଗୁରୁଜୀ, ଏତେ ପାଖରେ, ସେ କ'ଣ ତା'ର ଉତ୍ତାପରେ ପୋଡ଼ି ଯାଉନାହିଁ ।

ଗୁରୁଜୀ – ନା, ଆଦିତ୍ୟ- L1 ସୂର୍ଯ୍ୟଙ୍କଦ୍ୱାରା ନଷ୍ଟ ହୋଇପାରିବ ନାହିଁ । କାରଣ ଏହା ଏକ ସୁରକ୍ଷିତ ଦୂରତାରେ ଅବସ୍ଥିତ ରହି ସମୟ ସମୟରେ ଭିନ୍ନ ଭିନ୍ନ ଫଟୋ ଉଠାଇଥାଏ ।


ରବି – ଗୁରୁଜୀ, କିନ୍ତୁ ଏହି ଯାନକୁ ମହାକାଶକୁ କେବେ ପଠାଯାଇଥିଲା ?

ଗୁରୁଜୀ – ଆମ ଦେଶର 'ଭାରତୀୟ ମହାକାଶ ସଂସ୍ଥା' (ISRO)ଦ୍ୱାରା ୨୦୨୩ ମସିହା ସେପ୍ଟେମ୍ବର ମାସ ୨ ତାରିଖ ଦିନ ଆଦିତ୍ୟ- L1 ର ଉତ୍‌କ୍ଷେପଣ କରାଯାଇଥିଲା । ଯାହା ବିଶ୍ୱବାସୀଙ୍କୁ ଚକିତ ଓ ସ୍ତମ୍ଭୀଭୂତ କରିଦେଇଥିଲା । ଏହି ଯାନ ସେଠାରେ ପ୍ରାୟ ପାଞ୍ଚବର୍ଷ ପର୍ଯ୍ୟନ୍ତ ସୂର୍ଯ୍ୟ ଚାରିପଟେ ଘୂରିବା ସହ ସୂର୍ଯ୍ୟଙ୍କର ଫଟୋ ସହ ରହସ୍ୟ ଉନ୍ମୋଚନ କରିବ ।

ଭାନୁ – ସବୁ ଠିକ୍ ଯେ - କିନ୍ତୁ ମୁଁ ଆଜି ପର୍ଯ୍ୟନ୍ତ ସୂର୍ଯ୍ୟଙ୍କୁ ଭଲ ଭାବରେ ଦେଖିନାହିଁ । ମୋ ବାପା ମୋତେ ସୂର୍ଯ୍ୟଙ୍କୁ ଦେଖିବାକୁ ମନା କରିଦେଇଛନ୍ତି ।

ଗୁରୁଜୀ – ତୁମ ବାପା ଠିକ୍ କହିଛନ୍ତି । ପିଲାମାନେ, ତୁମେ କେବେବି ସିଧାସଳଖ ସୂର୍ଯ୍ୟଙ୍କୁ ଦେଖିବ ନାହିଁ । ଏହା ଆଖି ପାଇଁ ଭଲ ନୁହେଁ । ମୁଁ ଆଜି ତୁମପାଇଁ ସୂର୍ଯ୍ୟଙ୍କର ବହୁତଗୁଡ଼ିଏ ଫଟୋ ଆଣିଛି ଦେଖ –

DRAFT



(ଆଦିତ୍ୟ- L1, ISRO ଦ୍ୱାରା ଉଠାଯାଇଥିବା ଫଟୋ)

ଭାସ୍କର - ସତରେ ଏହି ଫଟୋଗୁଡ଼ିକ ଆଶ୍ଚର୍ଯ୍ୟଜନକ ଅଟେ ।

ଶିକ୍ଷକ - ସୂର୍ଯ୍ୟ ଭିତରେ ଥିବା ଗ୍ୟାସ୍‌ଗୁଡ଼ିକ ପରସ୍ପର ମଧ୍ୟରେ ଧକ୍କା ହେବା ଫଳରେ ବିସ୍ଫୋରଣ ଘଟି ପ୍ରଚୁର ଶକ୍ତି ଉତ୍ପନ୍ନ ହୋଇଥାଏ । ଏହା ଦ୍ୱାରା ସୂର୍ଯ୍ୟ ଦେହରେ ସୌରଝଡ଼ ସୃଷ୍ଟି ହୋଇ ଏହାକୁ ଉତ୍ତପ୍ତ କରାଇଥାଏ ।

ଛାତ୍ରଛାତ୍ରୀ - ଗୁରୁଜୀ, ଆଜି ବହୁତ କିଛି ନୂଆ କଥା ଜାଣି ଖୁସି ହେଲୁ ।

ଶିକ୍ଷକ - ପିଲାଏ ! ଖାଲି ଏତିକି ନୁହେଁ, ଆମ ଦେଶର ବୈଜ୍ଞାନିକମାନେ ଚନ୍ଦ୍ରଯାନ, ସୂର୍ଯ୍ୟଯାନ ନିର୍ମାଣ ପରେ ଏବେ ଗଭୀର ସମୁଦ୍ରର ରହସ୍ୟ ଜାଣିବାପାଇଁ ସମୁଦ୍ରଯାନ ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି । ଯାହାର ନାମ ରହିଛି - 'ମତ୍ସ୍ୟ-୬୦୦୦' । ଏହି ଯାନ ମାଧ୍ୟମରେ ୨୦୨୬ ମସିହାରେ ବଙ୍ଗୋପସାଗରର ୬୦୦୦ ମିଟର ଗଭୀରକୁ ଯାଇ ବିଭିନ୍ନ ତଥ୍ୟ ଅନୁସନ୍ଧାନ କରିବାର ଲକ୍ଷ୍ୟ ରଖାଯାଇଛି ।

ଛାତ୍ରଛାତ୍ରୀ - (ସମସ୍ତେ ଏକସ୍ୱରରେ କହିଲେ) - "ଗୁରୁଜୀ, ଆମ୍ଭେମାନେ ବଡ଼ ହେଲେ ଜଣେ ଜଣେ ବୈଜ୍ଞାନିକ ହେବୁ । ନୂଆ ନୂଆ ତଥ୍ୟ ଉନ୍ମୋଚନ କରି ଦେଶ ଓ ଜାତିର ଟେକ ରଖିବୁ ।"

DRAFT



## ଆସ ନୂଆ ଶବ୍ଦ ଜାଣିବା

| | | |
|---|---|---|
| ଚନ୍ଦ୍ରଯାନ | ଆଦିତ୍ୟ | ସ୍ତମ୍ଭୀଭୂତ |
| ରହସ୍ୟ | ସୁରକ୍ଷିତ | ଉତ୍ପନ୍ନ |
| ଭାସ୍କର | ଗବେଷଣା | ଅନୁସନ୍ଧାନ |
| | | ଉନ୍ମୋଚନ |



## ଆସ କଥା ହେବା

(୧) ତୁମେ ଆକାଶରେ ଅନେକ ନକ୍ଷତ୍ର ଦେଖିଥିବ । କିନ୍ତୁ ଯେଉଁ ନକ୍ଷତ୍ର ଆମକୁ ସକାଳେ ଆଲୋକ ପ୍ରଦାନ କରେ ତାହାକୁ ଆମେ କ'ଣ କହୁ ?

(୨) ରାତିରେ ଆକାଶରେ କ'ଣ ସବୁ ଦେଖା ଯାଆନ୍ତି ?

(୩) ରାତିରେ ଆମକୁ କିଏ ଶୀତଳ ଆଲୋକ ଦିଅନ୍ତି ?

(୪) କେବେ ଆଦିତ୍ୟ- L1 ଉତ୍‌କ୍ଷେପଣ କରାଯାଇଥିଲା ?

(୫) ତୁମେମାନେ ଚନ୍ଦ୍ରଯାନ ବିଷୟରେ ଯାହା ଜାଣିଛ କୁହ ।

(ଶିକ୍ଷକ ଅଧିକ ତଥ୍ୟ ପ୍ରଦାନ ସହ ଖୋଲା ଆଲୋଚନା ପାଇଁ ସୁଯୋଗ ଦେବେ)



## ଆସ ଉତ୍ତର ଲେଖିବା

୧. (କ) ବୈଜ୍ଞାନିକମାନେ ଆଦିତ୍ୟ- L1 କାହିଁକି ନିର୍ମାଣ କଲେ ?

........................................................................................................

(ଖ) ଆଦିତ୍ୟ- L1 ର କାର୍ଯ୍ୟ କ'ଣ ?

........................................................................................................

(ଗ) ଆମ ଦେଶରେ ଥିବା ମହାକାଶ ଗବେଷଣା ସଂଗଠନର ନାମ କ'ଣ ?

........................................................................................................

(ଘ) ସୌରଝଡ଼ କିପରି ସୃଷ୍ଟି ହୁଏ ?

........................................................................................................

(ଙ) 'ମତ୍ସ୍ୟ-୬୦୦୦' କ'ଣ ?

........................................................................................................

DRAFT

୨. ସୂର୍ଯ୍ୟଙ୍କୁ 'ସକଳ ଶକ୍ତିର ଆଧାର' କାହିଁକି କୁହାଯାଏ ଲେଖ ।

ଉ:- ____________________

____________________

____________________

____________________

୩. ସକାଳର ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆମେ ଆସିବାଦ୍ୱାରା ଆମ ଶରୀରର କ'ଣ ଲାଭ ହୁଏ ଲେଖ ।



ଉ:- ____________________

____________________

____________________



## ଭାଷାର କଥା ପଢ଼, ବୁଝ ଓ ଲେଖ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ପାଖରେ ସୂର୍ଯ୍ୟଙ୍କ ଚିତ୍ର କର ।

କ) ସୂର୍ଯ୍ୟ ମୁଖ୍ୟତଃ କେଉଁ ଗ୍ୟାସର ଏକ ବିଶାଳ ଅଗ୍ନିପିଣ୍ଡ ?



ଅକ୍ସିଜେନ୍ ହିଲିୟମ୍

ନାଇଟ୍ରୋଜେନ୍ ଲିଥିୟମ୍

ଖ) ସୂର୍ଯ୍ୟ ପୃଥିବୀଠାରୁ କେତେ କିଲୋମିଟର ଦୂରରେ ଅବସ୍ଥିତ ?

୧.୮ ନିୟୁତ କିଲୋମିଟର

୨.୫ ନିୟୁତ କିଲୋମିଟର

୫.୧ ନିୟୁତ କିଲୋମିଟର

୧.୫ ନିୟୁତ କିଲୋମିଟର

(ଗ) 'ଭାସ୍କର' କହିବା ଅନୁସାରେ ସୂର୍ଯ୍ୟ କ'ଣ ଅଟନ୍ତି ?

| | |
|---|---|
| ଥଣ୍ଡା | ଗରମ |
| ନରମ | ଟାଣ |

(ଘ) ଆଦିତ୍ୟ- L1 ସୂର୍ଯ୍ୟଙ୍କର କେତୋଟି ରଙ୍ଗୀନ୍ ପ୍ରତିଛବି ପଠାଇଛି ?

| | |
|---|---|
| ଆଠ | ସାତ |
| ଦଶ | ଏଗାର |

(ଙ) ସମୁଦ୍ରର ରହସ୍ୟ ଜାଣିବା ପାଇଁ କେଉଁ ଯାନଟି ନିର୍ମାଣ କରାଯାଇଛି ?

| | |
|---|---|
| ଆଦିତ୍ୟ- L1 | ଅଗ୍ନି- ୧ |
| ମତ୍ସ୍ୟ-୬୦୦୦ | ପୃଥିବୀ- ୨ |

**୨. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ଖାଲି ସ୍ଥାନ ପୂରଣ କର ।**

ହିଲିୟମ୍, ସୂର୍ଯ୍ୟ, ଉତ୍ତପ୍ତ, ଆଦିତ୍ୟ- L1, ଇସ୍ରୋ

(କ) ସୂର୍ଯ୍ୟ କିରଣ ଆମକୁ .................. ଲାଗେ ।

(ଖ) ଆଦିତ୍ୟର ଅର୍ଥ .................. ।

(ଗ) ସୂର୍ଯ୍ୟ ହେଉଛି ମୁଖ୍ୟତଃ ହାଇଡ୍ରୋଜେନ୍ ଓ ..................ଦ୍ୱାରା ଗଠିତ ।

(ଘ) ସୂର୍ଯ୍ୟ ବିଷୟରେ ସୂଚନା ଦେଉଥିବା ମହାକାଶ ଯାନର ନାମ .................. ।




DRAFT




## ଆସ ଚିନ୍ତା କରିବା ଓ ଲେଖିବା

୧. ଏଠାରେ ଆଦିତ୍ୟ- L1 ଓ ସୂର୍ଯ୍ୟ ମଧ୍ୟରେ କଥାବାର୍ତ୍ତା ଚାଲିଛି । ତୁମେ ବାର୍ତ୍ତାଳାପକୁ ଆଗକୁ ନିଅ ।




୨. ସୂର୍ଯ୍ୟଙ୍କର ବିଭିନ୍ନ ନାମ ସଂଗ୍ରହ କରି ଖାଲିଥିବା କୋଠରିରେ ଲେଖ ।

ଯେପରି : ସୂର୍ଯ୍ୟ - ଆଦିତ୍ୟ





## ତୁମ ପାଇଁ କାମ


ସୂର୍ଯ୍ୟର ଏକ ଚିତ୍ର ଅଙ୍କନ କରି ରଙ୍ଗ ଦିଅ ।

DRAFT

ପଠନ ନିମନ୍ତେ

# ଆମ ସୌର ଜଗତ

ସୌର ଜଗତର କେନ୍ଦ୍ରବିନ୍ଦୁ ସୂର୍ଯ୍ୟ
ଚାରିପାଖେ ଆଠଗ୍ରହ
କିଏ ଅବା ପାଖେ କିଏ ରହି ଦୂରେ
ଘୂରୁଛନ୍ତି ଅହରହ ।
ବୁଧ ଶୁକ୍ର ପରେ ପୃଥିବୀ ମଙ୍ଗଳ
ବୃହସ୍ପତି ପରେ ଶନି
ଶନି ପରେ ଘୂରେ ୟୁରେନ୍ସ ନେପ୍‌ଚୁନ୍
ନିଜ ଉପଗ୍ରହ ଘେନି ।
ସୂର୍ଯ୍ୟର ନିକଟତମ ଗ୍ରହ ବୁଧ
ନେପଚୁନ୍ ଦୂରତମ
ସବୁଠୁ ଉତ୍ତପ୍ତ ଗ୍ରହ ଅଟେ ଶୁକ୍ର
ୟୁରେନ୍ସ ଶୀତଳତମ ।
ଅନେକ ଗ୍ରହାଣୁପୁଞ୍ଜ ଧୂମକେତୁ
ଉଲ୍‌କାପିଣ୍ଡ ଶୂନ୍ୟେ ରହି
ସୌର ଜଗତର ପରିବାର ଭାବେ
ଥାଆନ୍ତି ଏକାଠି ହୋଇ ।
କ୍ଷୁଦ୍ରତମ ଗ୍ରହ ନାମଟି ଯେ ବୁଧ
ବୃହତ୍ତମ ବୃହସ୍ପତି
ସୂର୍ଯ୍ୟ ଆଲୋକରେ ହୋଇ ଆଲୋକିତ
ନିଜ ଜ୍ୟୋତି ପ୍ରକାଶନ୍ତି ।
ଲୋହିତ ଗ୍ରହଟି ଅଟଇ ମଙ୍ଗଳ
ବଳୟ ଗ୍ରହ ଯେ ଶନି
ସୌର ଜଗତ ଯେ ଗଠିତ ହୋଇଛି
ଏମାନଙ୍କୁ ସାଥେ ଘେନି ।




ଦୂରତା କ୍ରମରେ ତୃତୀୟ ଗ୍ରହଟି
ଅଟେ ପୃଥିବୀ ଆମର
ଯେଉଁଠାରେ ଅଛି ବାୟୁ ଜଳମାଟି
ସାଥୀ ଜୀବ ଜଗତର ।
ସକଳ ଶକ୍ତିର ଆଧାର ସୂରୁଜ
ମହାକର୍ଷଣରେ ତା'ର
ଘୂରାଉ ଅଛି ସେ ଗ୍ରହ ଉପଗ୍ରହ
ମାସ ବର୍ଷ ନିରନ୍ତର ।

-ପ୍ରଫୁଲ୍ଲ କୁମାର ସାହୁ

DRAFT

୮

# କମ୍ପ୍ୟୁଟର ଏକ ପରିଚୟ



ସହଜରେ ଓ ଶୀଘ୍ର କାମ କରିବାପାଇଁ ମଣିଷ ଯୁଗେଯୁଗେ ଉଦ୍ୟମ କରିଆସିଛି । ଆପଣାର ବୁଦ୍ଧି ଓ କର୍ମକୁଶଳତା ବଳରେ ସେ ଉଦ୍ଭାବନ କରିଛି ଯନ୍ତ୍ର । ନିର୍ମିତ ହୋଇଛି ଉନ୍ନତରୁ ଉନ୍ନତତର, ଜଟିଳରୁ ଜଟିଳତର ଯନ୍ତ୍ରରାଜି । ମନୁଷ୍ୟ ଶ୍ରମ ସାଧନ ପାଇଁ ଆଉ ନିଜ ହସ୍ତ ଉପରେ ସମ୍ପୂର୍ଣ୍ଣ ନିର୍ଭର ନ କରି ନିର୍ଭର କରୁଛି ସହସ୍ର ସହସ୍ର ଯନ୍ତ୍ର ଉପରେ । ଅବଶେଷରେ ମାନସିକ କାର୍ଯ୍ୟ ସଂପନ୍ନ କରିବା ଦିଗରେ ତାହାକୁ ସାହାଯ୍ୟ କରିବା ନିମିତ୍ତ ସେ ଉଦ୍ଭାବନ କରିଛି ଗୋଟିଏ ବିଚିତ୍ର ଯନ୍ତ୍ର । ଏହାରି ନାମ 'କମ୍ପ୍ୟୁଟର' । ସରଳତାରୁ ଜଟିଳତାକୁ ଗତି କରିବା ବିକାଶର ଲକ୍ଷଣ । ପ୍ରଥମେ ନିର୍ମିତ ହେଲା ସରଳ କମ୍ପ୍ୟୁଟର । କ୍ରମେ ତା'ର ଜଟିଳତା ବୃଦ୍ଧି ପାଇଲା ।

ଗୋଟିଏ ସରଳ କମ୍ପ୍ୟୁଟର କଥା ବିଚାର କରାଯାଉ । ଜଣେ ଗରାଖ ଗୋଟିଏ ଦୋକାନରୁ କେତେକ ଜିନିଷପତ୍ର କିଣିଲେ ଦୋକାନୀ କିମ୍ବା ତାଙ୍କ ସହକାରୀ ଗୁମାସ୍ତା ଅଙ୍କ କଷି ସେଗୁଡ଼ିକର ମୋଟ ଦାମ୍ ହିସାବ କରନ୍ତି । ଏହି କାର୍ଯ୍ୟ କରିବା ପାଇଁ ତାଙ୍କୁ ନିଶ୍ଚୟ କେତେ ସମୟ ଲାଗିବ । ମାତ୍ର ଅତି ଅଳ୍ପ ସମୟ ମଧ୍ୟରେ କମ୍ପ୍ୟୁଟର ସାହାଯ୍ୟରେ ନିର୍ଭୁଲ ଭାବରେ ଏହି ହିସାବ କରିହେବ । ତେଣୁ ଆଜିକାଲି ବିଭିନ୍ନ ଦୋକାନ ଓ ବ୍ୟବସାୟ ସଂସ୍ଥାରେ ହିସାବପତ୍ର କରିବା ପାଇଁ କମ୍ପ୍ୟୁଟର ରଖାଯାଇଛି । ତେବେ ଏଭଳି କମ୍ପ୍ୟୁଟର ଉଚ୍ଚ ସ୍ତରର ନୁହେଁ; ସାଧାରଣ ସ୍ତରର । କାରଣ ଦୋକାନରେ କି ହୋଟେଲରେ ହିସାବପତ୍ର କରିବା, ବିଲ୍ ପ୍ରସ୍ତୁତ କରିବା ପ୍ରଭୃତି ତ ମାମୁଲି କଥା । ଏଥିପାଇଁ ଅତି ଉଚ୍ଚକୋଟୀର କମ୍ପ୍ୟୁଟରର ଆବଶ୍ୟକତା ନଥାଏ ।

ଏବେ ଭାରତବର୍ଷରେ କମ୍ପ୍ୟୁଟରର ବହୁଳ ବ୍ୟବହାର ହେଲାଣି । କମ୍ପ୍ୟୁଟରଦ୍ୱାରା ମଧ୍ୟ ଏବେ ପିଲାମାନେ ପରୀକ୍ଷା ଦେଉଛନ୍ତି। ପିଲାଙ୍କ ପରୀକ୍ଷା ଖାତା ଦେଖାଯାଉଛି, ପରୀକ୍ଷାଫଳ ବାହାର କରାଯାଉଛି, ବୈଜ୍ଞାନିକ ତଥ୍ୟାବଳୀର ହିସାବ ହୋଇପାରୁଛି । ଭାରତରେ ଦ୍ରୁତ ଶିଳ୍ପାୟନ ହେବା ସଙ୍ଗେସଙ୍ଗେ କମ୍ପ୍ୟୁଟରର ପ୍ରଭୂତ ସାହାଯ୍ୟ ନିଆଯାଉଛି ।

କମ୍ପ୍ୟୁଟର ବ୍ୟବହାରରେ ଆଉ ଗୋଟିଏ ଉଦାହରଣ ନିଆଯାଉ । ଜଣେ ଇଂଜିନିୟର ଗୋଟିଏ ବଡ଼ ନଦୀରେ ବନ୍ଧ ନିର୍ମାଣ ପାଇଁ ନକ୍ସା ଆଙ୍କି ଆବଶ୍ୟକ ଉପକରଣ ସବୁର ଅଟକଳ ତିଆରିରେ ଲାଗିଛନ୍ତି । ବନ୍ଧଟିର ନିର୍ମାଣ ପାଇଁ ବହୁ ପରିମାଣର ସିମେଣ୍ଟ, ଗୋଡ଼ି, ଇଟା, ବାଲି, ଲୁହାଛଡ଼ ପ୍ରଭୃତି ଅନେକ ଜିନିଷ ଦରକାର; ବହୁ ପୁଞ୍ଜିର ବିନିଯୋଗ ଆବଶ୍ୟକ । ପୁଣି ପ୍ରତ୍ୟେକ ଜିନିଷ କେତେ ପରିମାଣରେ ଲାଗିବ, ସର୍ବମୋଟ କେତେ ଅର୍ଥ ଖର୍ଚ୍ଚ ହେବ, ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ - ଏସବୁର ଟିକିନିଖି ହିସାବ ମଧ୍ୟ ଦରକାର । ଏହି ହିସାବ କରିବା ପାଇଁ ଇଞ୍ଜିନିୟରଙ୍କୁ ବହୁଦିନ ଲାଗିବ । କଠିନ ପରିଶ୍ରମ ମଧ୍ୟ କରିବାକୁ ପଡ଼ିବ । ଶେଷରେ ତାଙ୍କର ଅଟକଳ ଯେ ସମ୍ପୂର୍ଣ୍ଣ ନିର୍ଭୁଲ ହେବ ଏହା ମଧ୍ୟ ନିଶ୍ଚିତ ଭାବେ କହି ହେବନାହିଁ । କିନ୍ତୁ ଏବେ ଏଭଳି କମ୍ପ୍ୟୁଟର ବାହାରିଲାଣି ଯେ ଯାହା ସାହାଯ୍ୟରେ ସମୁଦାୟ ଉପକରଣ, ଶ୍ରମ ପରିମାଣ ଇତ୍ୟାଦିର ନିର୍ଭୁଲ ହିସାବ ଅଳ୍ପ ସମୟ ମଧ୍ୟରେ ହୋଇପାରୁଛି ।

ଆନାଲୋଗ୍ କମ୍ପ୍ୟୁଟର ସାହାଯ୍ୟରେ ରୋଗର ନିଦାନ ଏବଂ ଚିକିତ୍ସା ସମ୍ବନ୍ଧରେ ସିଦ୍ଧାନ୍ତ ଗ୍ରହଣ କରାଯାଉଛି । ଏଥିରେ ପ୍ରତ୍ୟେକ ରୋଗର ଲକ୍ଷଣ ଓ ତା'ର ଚିକିତ୍ସାବିଧି ସାଙ୍କେତିକ ଭାବରେ ରହିଥାଏ । ଡାକ୍ତରଖାନାରେ କିମ୍ବା ଔଷଧ ଦୋକାନରେ ଥିବା ଏହି କମ୍ପ୍ୟୁଟରକୁ ଶାରୀରିକ ଅସୁସ୍ଥତାର ଲକ୍ଷଣମାନ ଜଣାଇଦେଲେ, ତାହା ସଙ୍ଗେସଙ୍ଗେ ରୋଗୀ ପାଇଁ କି ଔଷଧ ଲୋଡ଼ା, ତା'ର ସେବନ ବିଧି କ'ଣ, ଏସବୁ ରୋଗୀକୁ ଅବଗତ କରାଇ ଦିଆଯାଉଛି ।



କମ୍ପ୍ୟୁଟର ସାହାଯ୍ୟରେ ପ୍ରଶ୍ନର ଉତ୍ତର ମିଳିବା ସମ୍ଭବ ହେଉଛି କିପରି ? କେତେଗୁଡ଼ିଏ କାର୍ଡରେ ପ୍ରଶ୍ନ ଓ ଉତ୍ତରଗୁଡ଼ିକୁ ଟାଇପ୍ କରାଯାଇ ସେଗୁଡ଼ିକୁ କମ୍ପ୍ୟୁଟରରେ ଖଞ୍ଜି ଦିଆଯାଉଛି । ଯାନ୍ତ୍ରିକ କୌଶଳ ଅନୁଯାୟୀ ଗୋଟିଏ ପ୍ରଶ୍ନର ଠିକ୍ ଉତ୍ତର ମିଳିପାରୁଛି । ଜଣେ ଗୋଟିଏ ପ୍ରଶ୍ନ ପଚାରିଲେ କମ୍ପ୍ୟୁଟର ପ୍ରଥମେ ସେ ପ୍ରଶ୍ନଟିକୁ ଗ୍ରହଣ କରି ପରୀକ୍ଷା କରି ଦେଖୁଛି, ପ୍ରଶ୍ନଟି ଠିକ୍ ଅଛି କି ନାହିଁ । ପ୍ରଶ୍ନ ଠିକ୍ ନଥିଲେ କିଛି ସମୟ ପରେ ସେ ଜଣାଇଦେଉଛି- "ନା, ମାଫ୍ କରିବେ । ପ୍ରଶ୍ନ ଠିକ୍ ନାହିଁ ବା ମୁଁ ଏ ପ୍ରଶ୍ନର ଉତ୍ତର ଦେବାକୁ ଅସମର୍ଥ ।"

କୌଣସି ସମସ୍ୟାର ସମାଧାନ ପାଇଁ କେତେକ ଶକ୍ତିଶାଳୀ ଆନାଲୋଗ୍ କମ୍ପ୍ୟୁଟର ପ୍ରଶ୍ନ ଗ୍ରହଣ କରିବା, ବିଶ୍ଳେଷଣ କରିବା ଆଦି କାର୍ଯ୍ୟରେ ବହୁ ସଂଖ୍ୟକ ଉପଯନ୍ତ୍ରର ସାହାଯ୍ୟ ନେଉଛି । ଏବେ ବିଶେଷଜ୍ଞମାନେ ଚେଷ୍ଟା କରି କଥାକୁହା କମ୍ପ୍ୟୁଟର ନିର୍ମାଣ କରିବାରେ ସମର୍ଥ ହୋଇଛନ୍ତି । ବାସ୍ତବରେ ଏ ଯୁଗକୁ 'କମ୍ପ୍ୟୁଟର ଯୁଗ' କହିଲେ ଅତ୍ୟୁକ୍ତି ହେବନାହିଁ ।

କମ୍ପ୍ୟୁଟର ଏହିଭଳି ଭାବରେ ମାନବ ସମାଜର ଅଶେଷ କଲ୍ୟାଣ ସାଧନରେ ଲାଗୁଛି । ମାନବ ଜାତିର ମାନସିକ ପରିଶ୍ରମକୁ ଅନେକ ପରିମାଣରେ ଲାଘବ କରୁଛି । ତଥାପି କମ୍ପ୍ୟୁଟର ହେଉଛି ଏକ ଯନ୍ତ୍ର । ମନୁଷ୍ୟ ହିଁ ଏହାକୁ ସକ୍ରିୟ ଓ ନିୟନ୍ତ୍ରଣ କରିଥାଏ । ଏହାର ସୁପରିଚାଳନା ମଣିଷର ଦାୟିତ୍ୱକୁ ଯେଉଁଳି ଲାଘବ କରିଦିଏ, କୁପରିଚାଳନା ଠିକ୍ ସେହିଭଳି ଭାବରେ ତା' ପାଇଁ ଅନେକ ସମସ୍ୟା ଠିଆ କରି ଦେଇଥାଏ । ଏଥିପାଇଁ ଏହାର ବ୍ୟବହାରରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବାକୁ ହେବ ।



DRAFT



## ଆସ, ନୂଆ ଶବ୍ଦ ଜାଣିବା

| | | |
|---|---|---|
| ବିଚିତ୍ର | ପୁଞ୍ଜି | ଗୁମାସ୍ତା |
| କମ୍ପ୍ୟୁଟର | ଅସମର୍ଥ | ମାମୁଲି |
| ଶିକ୍ଷାୟନ | ଉଦ୍ଭାବନ | ଉପଯନ୍ତ୍ର |
| ଅଟକଳ | ସମ୍ପନ୍ନ | ପ୍ରଭୃତ |



## ଆସ କଥା ହେବା

(କ) ଦୈନନ୍ଦିନ ଜୀବନରେ କିଏ ଆମର ବନ୍ଧୁ ଭାବରେ ଛିଡ଼ା ହେଉଛି ?

(ଖ) କେଉଁସବୁ ସ୍ଥାନରେ କମ୍ପ୍ୟୁଟରକୁ ବ୍ୟବହାର କରାଯାଉଛି ?

(ଗ) ଆଧୁନିକ ବିଜ୍ଞାନର ସର୍ବଶ୍ରେଷ୍ଠ ଦାନ କ'ଣ ?

(ଘ) କମ୍ପ୍ୟୁଟର ଆମର କେଉଁ କାମରେ ଆସେ ?

(ଙ) ତୁମେ କମ୍ପ୍ୟୁଟର ଦେଖିଛ କି ? କେଉଁଠାରେ ଦେଖିଛ ?



## ଆସ ଉତ୍ତର ଲେଖିବା

୧. (କ) କମ୍ପ୍ୟୁଟରକୁ ଆମର ବନ୍ଧୁ ବୋଲି କାହିଁକି କହିବା ?

---------------------------------------------------------------

(ଖ) ବର୍ତ୍ତମାନର ଯୁଗକୁ କମ୍ପ୍ୟୁଟର ଯୁଗ ବୋଲି କାହିଁକି କହିବା ?

---------------------------------------------------------------

(ଗ) କମ୍ପ୍ୟୁଟରର ଆବଶ୍ୟକତା କ'ଣ ?

---------------------------------------------------------------

(ଘ) ଆନାଲୋଗ କମ୍ପ୍ୟୁଟର ଦ୍ୱାରା କି କାର୍ଯ୍ୟ କରାଯାଏ ?

---------------------------------------------------------------

(ଙ) ଦୈନନ୍ଦିନ ଜୀବନରେ କମ୍ପ୍ୟୁଟର ଆମର କେଉଁ କାମରେ ଆସେ ?

---------------------------------------------------------------

୨. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର ।

- ଉଦ୍ଭାବନ :- ......................................................................................
- ବିଚିତ୍ର :- ......................................................................................
- ଆଧୁନିକ :- ......................................................................................
- କମ୍ପ୍ୟୁଟର :- ......................................................................................
- ବହୁଳ :- ......................................................................................


୩. ଯେପରି 'ପିଲା'ର ବହୁବଚନ 'ପିଲାମାନେ', ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକର ବହୁବଚନ କ'ଣ ହେବ ଆସ ଲେଖିବା ।

- ମଣିଷ
- ସେ
- ଲୋକ
- ମୁଁ
- ତୁମେ



## ଭାଷାର କଥା ପଢ଼, ବୁଝ ଓ ଲେଖ

୧. ଆସ ଚିହ୍ନିବା ଓ ଲେଖିବା ।



DRAFT

## ୨. ଶବ୍ଦ ସହ ଚିତ୍ର ।

'କ' ସ୍ତମ୍ଭରେ ଲେଖାଥିବା ଶବ୍ଦ ସହ 'ଖ' ସ୍ତମ୍ଭରେ ସମ୍ପର୍କ ଥିବା ଚିତ୍ରକୁ ଗାର ଟାଣି ଯୋଡ଼ ।

**'କ' ସ୍ତମ୍ଭ** | **'ଖ' ସ୍ତମ୍ଭ**



କୀ-ବୋର୍ଡ



ମାଉସ୍



ସି.ପି.ୟୁ



ପ୍ରିଣ୍ଟର



ମନିଟର



ସ୍କାନର



DRAFT



## ଚିନ୍ତା କରି କହିବା ଓ ଲେଖିବା

୧. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ କେଉଁଟି କାର୍ଯ୍ୟକୁ ଓ କେଉଁଟି ଗୁଣକୁ ବୁଝାଉଛି ବାଛି ପାଖ କୋଠରିରେ ଲେଖିବା ।

ସାଧୁତା, ଧାଇଁବା, ସରଳତା, ପଢ଼ିବା, ସେବା, ଦୟା, ଭୋଜନ, ଭ୍ରମଣ

| କାର୍ଯ୍ୟ | ଗୁଣ |
| --- | --- |
| | |

୨. କମ୍ପ୍ୟୁଟରର ଉପକାରିତା ବିଷୟରେ ପାଞ୍ଚଧାଡ଼ି ଲେଖ ।

.....................................................................................................

.....................................................................................................

.....................................................................................................


.....................................................................................................

.....................................................................................................

DRAFT

୩. ନିମ୍ନ କୋଠରିରେ କିଛି ବର୍ଣ୍ଣ ଓ ମାତ୍ରା ଦିଆଯାଇଛି । ଏହାକୁ ପ୍ରୟୋଗ କରି ନୂଆ ନୂଆ ଶବ୍ଦ ଗଠନ କର । ବର୍ଣ୍ଣ ଓ ମାତ୍ରାକୁ ଏକାଧିକ ଥର ବ୍ୟବହାର କରିପାରିବ ।

ଯେପରି - ବାପା, ବୋର୍ଡ




୧. ....................................

୨. ....................................

୩. ....................................

୪. ....................................



## ତୁମ ପାଇଁ କାମ

ଶିକ୍ଷକ ଓ ପିଲାମାନେ କମ୍ପ୍ୟୁଟର ବିଷୟରେ ଦଳଗତ ଆଲୋଚନା କରିବେ ।

DRAFT

ପଠନ ନିମନ୍ତେ

# ଆସ କମ୍ପ୍ୟୁଟରର ବିଭିନ୍ନ ଯନ୍ତ୍ରପାତିକୁ ଚିହ୍ନିବା

DRAFT

## ମନିଟର-



(କ) ମନିଟର ଦୁଇ ପ୍ରକାରର । ଗୋଟିଏ କଳାଧଳା ଓ ଅନ୍ୟଟି ରଙ୍ଗୀନ୍ ।

(ଖ) ଏହା ଦେଖିବାକୁ ଟି.ଭି ପରି ।

(ଗ) ଏଥିରେ ଆମେ ବିଭିନ୍ନ ଛବି, ତଥ୍ୟ, ଘଟଣାବଳୀକୁ ଦେଖିପାରୁ ।

## ସି.ପି.ୟୁ-



(କ) ଏହା ଏକ ଚାରିକୋଣିଆ ବାକ୍ସ ସଦୃଶ ।

(ଖ) ଏହା କମ୍ପ୍ୟୁଟରର ମୁଖ୍ୟ ଅଙ୍ଗ ।

(ଗ) କମ୍ପ୍ୟୁଟରରେ ଗୋଟିଏ ମସ୍ତିଷ୍କ ରହିଛି । ଯାହା କମ୍ପ୍ୟୁଟରକୁ ବିଭିନ୍ନ ତଥ୍ୟ ସଂଚୟ ଓ ହିସାବ କରି ରଖିବାରେ ସାହାଯ୍ୟ କରେ । ଏହା ସି.ପି.ୟୁ ନାମରେ ପରିଚିତ ।



## କୀ-ବୋର୍ଡ-

(କ) କୀ-ବୋର୍ଡ କମ୍ପ୍ୟୁଟର ସହିତ ବ୍ୟବହାରରେ ସିଧାସଳଖ ଯୋଗଯୋଗ ସ୍ଥାପନ କରିଥାଏ ।

(ଖ) କୀ-ବୋର୍ଡରେ ଯାହା ଆମେ ଟାଇପ କରିବା ତାହା ଆମକୁ ମନିଟରରେ ଦେଖାଇବ ।

(ଗ) ଏଥିରେ ଅନେକଗୁଡ଼ିଏ କୀ (key) ରହିଥାଏ । ଗୋଟିଏ ସାଧାରଣ କୀ-ବୋର୍ଡରେ ୧୦୮ଟି ବା ତା'ଠାରୁ ଅଧିକ କୀ (key) ରହିଥାଏ ।

(ଘ) ଏଥିରେ ଅକ୍ଷର କୀ-ଯଥା - A ରୁ Z ପର୍ଯ୍ୟନ୍ତ ଅକ୍ଷର ଡାହାଣ ପାର୍ଶ୍ୱରେ ରହିଥାଏ ।

(ଙ) ଏଠାରେ 0(ଶୂନ) ରୁ 9 ପର୍ଯ୍ୟନ୍ତ ସଂଖ୍ୟା ରହିଥାଏ । ତଳକୁ ଏକ ଧାଡ଼ି ସଂଖ୍ୟା କୀ (key) ଏବଂ ତିନୋଟି ଲକ୍ (Lock) ରହିଅଛି ।

ଏହା ବ୍ୟତୀତ କମ୍ପ୍ୟୁଟରରେ କିଛି ସହଯୋଗୀ ଅଂଶ ରହିଅଛି ଯଥା –

(୧) ମାଉସ୍

(୨) ପ୍ରିଣ୍ଟର

(୩) ସ୍କାନର







**ମାଉସ୍ –**

(କ) କମ୍ପ୍ୟୁଟରକୁ ନିର୍ଦ୍ଦେଶ ଦେବାପାଇଁ ଗୋଟିଏ ଯନ୍ତ୍ର (ଡିଭାଇସ୍) ଏହାକୁ ଘୁଞ୍ଚାଇ ଘୁଞ୍ଚାଇ କାମ କରାଯାଏ ।

(ଖ) ମୂଷା ପରି ଦେଖା ଯାଉଥିବାରୁ ମଜାରେ ଏହାକୁ ମାଉସ ବୋଲି କୁହାଯାଇଥାଏ

**ପ୍ରିଣ୍ଟର –**


(କ) ଏହା କମ୍ପ୍ୟୁଟରର ଏକ ଗୁରୁତ୍ୱପୂର୍ଣ୍ଣ ବାହ୍ୟଅଂଶ ।

(ଖ) ଏହା ସାହାଯ୍ୟରେ ଆମେ ଲେଖା, ଚିତ୍ର ଏବଂ ବିଭିନ୍ନ ତଥ୍ୟକୁ କାଗଜରେ ଛାପିପାରୁ ବା ପ୍ରିଣ୍ଟ୍ କାଢ଼ିପାରୁ ।

**ସ୍କାନର –**

(କ) ଏହା ସାହାଯ୍ୟରେ କୌଣସି ବସ୍ତୁର ପ୍ରତିରୂପ ତିଆରି କରି କମ୍ପ୍ୟୁଟର ମଧ୍ୟରେ ପ୍ରବେଶ କରାଯାଇଥାଏ ।

DRAFT




# ୯

# ମୁଁ ନିମ୍ବ ଗଛ

ମୁଁ ନିମ୍ବଗଛ । ଗାଁ ମୁଣ୍ଡରେ, ତଳ ବାଡ଼ିରେ, ରାସ୍ତାକଡ଼ରେ ମୁଁ ଛିଡ଼ା ହୋଇ ରହିଥାଏ । ଦ୍ରୁମ ଜାତୀୟ ବୃକ୍ଷ ହେତୁ ମୁଁ ଭାରତର ପ୍ରାୟ ସବୁସ୍ଥାନରେ ଦୃଷ୍ଟିଗୋଚର ହୋଇଥାଏ । ମୁଁ ପିତା ଗଛଟିଏ ହୋଇଥିବାରୁ ମୋତେ କେହି ଆଦର କରନ୍ତି ନାହିଁ । ମୋର ଏହି ପିତା ଦେହରେ ଈଶ୍ୱର ଅନେକ ସୁଗୁଣ ଭରିଦେଇଛନ୍ତି । ମୋ ବିଷୟରେ ପ୍ରବୀଣ ଆୟୁର୍ବେଦାଚାର୍ଯ୍ୟ ମହାମୁନି ଅତ୍ରେୟ ତାଙ୍କର ପ୍ରିୟଶିଷ୍ୟ ଜୀବକଙ୍କୁ ଦେଇଥିବା ଉପଦେଶ କଥା ଆଜିକାଲି ଲୋକେ ଭୁଲିଗଲେଣି ।

ମୁଁ ହିନ୍ଦୁମାନଙ୍କର ଆରାଧ୍ୟ ଦେବତା ବଡ଼ ଠାକୁର ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହ ଭାବେ ଏବେବି ପୂଜାପାଏ । ପୂର୍ବରୁ ମୋତେ ଦେବବୃକ୍ଷ କହି କାଟୁନଥିଲେ । ମୋର କାଠକୁ ଲୋକେ ଜାଳେଣି ରୂପେ ବ୍ୟବହାର କରୁନଥିଲେ । ଲୋକମାନେ ମୋତେ ଆଉ ପୂର୍ବପରି ସମ୍ମାନ ଦେଉନାହାନ୍ତି, କିମ୍ବା ମୋର ସୁରକ୍ଷା ପାଇଁ ମଧ୍ୟ ଯତ୍ନବାନ ହେଉନାହାନ୍ତି । କୌଣସି ଶୋଚନା ନକରି ଲୋକେ ମୋର ଗଣ୍ଡିକୁ କାଟି ବିଭିନ୍ନ ପ୍ରକାର କାର୍ଯ୍ୟରେ ଲଗାଉଛନ୍ତି । ମୋ' କାଠକୁ ଚିରି ଜାଳେଣି ଭାବେ ବ୍ୟବହାର କରିବାକୁ ମଧ୍ୟ ପଛାଉ ନାହାନ୍ତି ।



ମୁଁ କିନ୍ତୁ ଲୋକମାନଙ୍କର ଉପକାରକୁ ଜୀବନର ବ୍ରତରୂପେ ଗ୍ରହଣ କରିନେଇଛି । ମୋର ଫୁଲ, ଫଳ, ଡାଳ, ପତ୍ର ଓ ଛାଲି ସବୁକୁ ବିଭିନ୍ନ ରୋଗର ଔଷଧ ରୂପେ ବ୍ୟବହାର କରି ମଣିଷ ବହୁ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତିଲାଭ କରିପାରୁଛି । ମୋ’ ପତ୍ରର ରସ ସହିତ ମହୁ ମିଶାଇ ପ୍ରତିଦିନ ସକାଳେ ସେବନ କଲେ କୃମି, କାଛୁ, କୁଣ୍ଡିଆ ଇତ୍ୟାଦି ରୋଗ ଭଲ ହୋଇଥାଏ । ମୋ’ ପତ୍ର ଓ ଛାଲିକୁ ପାଣିରେ ସିଝାଇ ସେହି ପାଣିରେ ଗାଧୋଇଲେ ଦେହରେ ହୋଇଥିବା କ୍ଷତ ଓ ଘା’କୁ ଧୋଇଲେ ସମସ୍ତ ପ୍ରକାର ବିଷଦୋଷ ନଷ୍ଟ ହୁଏ । କୁଷ୍ଠଭଳି ଭୟାନକ ରୋଗପାଇଁ ମୁଁ ମଧ୍ୟ ବହୁ ଉପକାରରେ ଆସିଥାଏ । ତଥାପି ଲୋକମାନେ ମୋତେ ଚିହ୍ନି ମଧ୍ୟ ନ ଚିହ୍ନିଲାପରି ହତାଦର କରୁଛନ୍ତି ।

ଆଗକାଳରେ ଲୋକେ ରାତି ପାହିଲେ ମୋ’ ଦେହରୁ ଡାଳ ଖଣ୍ଡେ ସଂଗ୍ରହ କରି ଦାନ୍ତ ଘଷୁଥିଲେ । ଯାହାଦ୍ୱାରା ମୁଖର ଦୁର୍ଗନ୍ଧ ଦୂର ହେବା ସହିତ ଦାନ୍ତ ଓ ମାଢ଼ି ମଜବୁତ୍ ହେଉଥିଲା । ଆଜିକାଲି ଆଉ ସେକଥା ନାହିଁ । ଲୋକମାନେ ବ୍ରସ୍, ପେଷ୍ଟ ଓ ପାଉଡ଼ର ପାଇବା ଦିନଠାରୁ ମୋତେ ସମ୍ପୂର୍ଣ୍ଣ ଭାବେ ଭୁଲିଗଲେଣି । କେବଳ ବସନ୍ତ, ମିଳିମିଳା ଓ ହାଡ଼ଫୁଟି ପରି ସଂକ୍ରାମକ ରୋଗ ହେଲେ, ମୁଁ ଲୋକଙ୍କର ମନେପଡ଼େ । ରୋଗୀର ବିଛଣାରେ ମୋ’ ପତ୍ର ବିଛାଇ ଶୁଆଇଲେ, ରୋଗରୁ ଉପଶମ ମିଳିଥାଏ । ମୋ’ ପତ୍ରକୁ ନିଆଁରେ ପକାଇ ଧୂଆଁଦେଲେ ବାୟୁମଣ୍ଡଳରୁ ବସନ୍ତ ଭୂତାଣୁମାନେ ମରିଯାଆନ୍ତି । ମୋ’ ପତ୍ରରେ ଜୀବାଣୁ ପ୍ରତିରୋଧକ ଶକ୍ତି (ଆଣ୍ଟିମାଇକ୍ରୋ ବ୍ୟାକ୍ଟେରିଆ) ଗୁଣ ରହିଛି । ଯାହା ଅନେକ ବଡ଼ବଡ଼

ରୋଗ ଭଲ କରିଦିଏ । ମଧୁମେହ ରୋଗରୁ ରକ୍ଷା ପାଇବାପାଇଁ ଲୋକମାନେ ପ୍ରତିଦିନ ମୋର ପତ୍ର ସେବନ କରନ୍ତି । ମୋର ଫୁଲ ଓ ପତ୍ରକୁ ଚାଉଳ ସହିତ ମିଶାଇ ବାଟି ପିଠା କରି ଖାଇଲେ ପେଟର କୃମି-ରୋଗ ନାଶ ହୋଇଥାଏ । ଆୟୁର୍ବେଦ ବିଶାରଦ ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ରଙ୍କ ମତରେ "ନିମ୍ବପତ୍ରକୁ ବିଷୁବ ସଂକ୍ରାନ୍ତି ଦିନ ସେବନ କଲେ ବର୍ଷସାରା ଚର୍ମରୋଗ ହେବାର ଭୟ ରହେନାହିଁ" ।

ମୁଁ ସମାଜର ଅନେକ ଉପକାର କରୁଥିଲେ ମଧ୍ୟ ମୋର ଉପକାରିତା ବିଷୟରେ କେହି ସଚେତନ ହେଉନାହାନ୍ତି । ହେଲେ ମୋର ବିଶ୍ୱାସ ତୁମେମାନେ ମୋ' କଥା ନିଶ୍ଚିତଭାବେ ଶୁଣିବ, ମୋ' ଗୁଣ ଜାଣିବ ଓ ମୋର ବଂଶ ରକ୍ଷା ବିଷୟରେ ଯତ୍ନବାନ ହେବ । ଆଜି ତୁମମାନଙ୍କ ନିକଟରେ ମୋର ଏତିକି ନିବେଦନ ।



DRAFT



## ଆସ ନୂଆ ଶବ୍ଦ ଜାଣିବା

| | | |
|---|---|---|
| ଦ୍ରୁମ | ବିଗ୍ରହ | ଯତ୍ନବାନ |
| ପୁରାତନ | ଦୂରାରୋଗ୍ୟ | ସେବନ |
| ପ୍ରବୀଣ | ବ୍ୟାଧି | ହତାଦର |
| ନିର୍ମିତ | ଶୋଚନା | ଯାବତୀୟ |



## ଆସ କଥା ହେବା

(୧) ନିମ୍ବଗଛ କେଉଁ ସ୍ଥାନରେ ଦେଖିବାକୁ ମିଳେ ?

(୨) ଏହା କେଉଁ ଜାତୀୟ ଉଦ୍ଭିଦ ?

(୩) ପ୍ରବୀଣ ଆୟୁର୍ବେଦାଚାର୍ଯ୍ୟ କିଏ ?


(୪) ପୂର୍ବେ ନିମ୍ବକାଠକୁ ଲୋକମାନେ କାହିଁକି ଜାଳୁନଥିଲେ ?

(୫) ସକାଳେ କେଉଁ ଗଛର ପତ୍ର ଖାଇଲେ କୃମିଦୋଷ ଓ କାଛୁକୁଣ୍ଡିଆ ରୋଗ ଭଲହୁଏ ?

(୬) ନିମ୍ବପତ୍ରରେ କେଉଁ ଗୁଣ ରହିଛି ?


(୭) ନିମ୍ବଗଛ କ'ଣ ନିବେଦନ କରିଛି ?

DRAFT



## ଆସ ଉତ୍ତର ଲେଖିବା

**୧. ନିମ୍ବଗଛ ପରି ଆଉ କେଉଁ ଉପକାରୀ ଗଛ ଆମ ବାଡ଼ି ବଗିଚାରେ ଦେଖିବାକୁ ମିଳିଥାଏ, ନିମ୍ନରେ ଦିଆଯାଇଥିବା କୋଠରିରେ ଲେଖ ।**



୨. ତଳେ ଦିଆଯାଇଥିବା ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ବେଲୁନ୍ ମଧ୍ୟରେ ରହିଛି । ଚାଲ, ତାକୁ ଖୋଜିଆଣି ଯୋଡ଼ିବା ।

ଆଦର ......................

ଉପକାର ......................

ସୁଗୁଣ ......................

ଦୁର୍ଗନ୍ଧ ......................

ଟାଣ ......................

ନୂତନ ......................






## ଭାଷାର କଥା ପଢ଼, ବୁଝ, ଲେଖ

୧. ତଳେ ଗୋଟିଏ କୋଠରିରେ ପ୍ରଶ୍ନ ଓ ଅନ୍ୟ ଏକ କୋଠରିରେ ଉତ୍ତର ଲେଖାଯାଇଛି, କେଉଁ ପ୍ରଶ୍ନ ପାଇଁ କେଉଁ ଉତ୍ତର ତାହାକୁ ଯୋଡ଼ ।

| (୧) | (୨) |
|---|---|
| (କ) ନିମ୍ବପତ୍ରର ସ୍ୱାଦ କିପରି ? | ଜଗନ୍ନାଥ |
| (ଖ) ଅତ୍ରେୟଙ୍କ ପ୍ରିୟ ଶିଷ୍ୟ କିଏ ? | ଜୀବକ |
| (ଗ) ହିନ୍ଦୁମାନଙ୍କ ଆରାଧ୍ୟ ଦେବତା କିଏ ? | ଦାରୁବିଗ୍ରହ |
| (ଘ) ନିମ୍ବପତ୍ର ଧୂଆଁରେ କେଉଁ ରୋଗର ଭୂତାଣୁ ମରିଯାଆନ୍ତି ? | ପିତା |
| (ଙ) ଜଗନ୍ନାଥ ନିମ୍ବର କେଉଁ ରୂପରେ ପୂଜା ପାଆନ୍ତି । | ବସନ୍ତ |

୨. ତଳେ କେତେଗୁଡ଼ିଏ ରୋଗର ନାମ ଦିଆଯାଇଛି । ସେଗୁଡ଼ିକମଧ୍ୟରୁ କେଉଁଗୁଡ଼ିକ ନିମ୍ବଦ୍ୱାରା ଭଲହୁଏ, ତାହାକୁ ବାଛି ଲେଖିବା –

ରିକେଟ୍ସ, ହଇଜା, କାଛୁକୁଣ୍ଡିଆ, ଯକ୍ଷ୍ମା, ହାଡ଼ଫୁଟି, ମିଳିମିଳା, ବ୍ରଣ, ମଧୁମେହ, କୁଷ୍ଠ

DRAFT



## ଆସ ଚିନ୍ତା କରି କହିବା ଓ ଲେଖିବା

୧. ନିମ୍ବଗଛଟି କାହିଁକି ମନଦୁଃଖ କରିଛି, ତାହାକୁ ପାଞ୍ଚୋଟି ଧାଡ଼ିରେ ଲେଖ ।

ଉ :- ------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

୨. ନିମ୍ବଗଛର ଉପକାରିତା ନିଜ ଭାଷାରେ ଲେଖ ।

DRAFT



## ତୁମ ପାଇଁ କାମ

ବିଭିନ୍ନ ଔଷଧୀୟ ଗଛ ସଂଗ୍ରହ କର ଏବଂ ତାର ଉପକାରିତା ସଂପର୍କରେ ଲେଖି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଦେଖାଅ ।

ପଠନ ନିମନ୍ତେ

# ଗଛର ପତର ଦିଅଇ ଛାଇ





ପତର ଭିତରେ ପାନପତର
ପାନପତରଟି ଭାରି ସୁନ୍ଦର ।

ବର ଓସ୍ତ ପତ୍ର ଆମ ଜୀବନ
ଜଗତକୁ ଦିଏ ଅମଳଜାନ ।





ସାନ ଅଟଇ ତୁଳସୀ ପତର
ଦୂର କରେ ସେ ଥଣ୍ଡା, କାଶ, ଜ୍ୱର ।





ସାରୁ ଗଛ ମୂଳେ ବେଙ୍ଗୁଲୀ ରାଣୀ
ଟୁପୁରୁ ଟାପୁରୁ ବରଷା ପାଣି ।

କଦଳୀ ପତରେ ଭାତ ତର୍କାରି
ଖାଇଲେ ଲାଗଇ ଆନନ୍ଦ ଭାରି ।





ଆମ୍ବ ଗଛ ଡାଳେ କୋଇଲି ଗାଏ
ମଳୟ ପବନ ଆନନ୍ଦ ଦିଏ ।

ଗଛର ପତର ଦିଅଇ ଛାଇ
ତା' ତଳେ ନାଚିବା ଥେଇକି ଥେଇ ।



DRAFT

୧୦

# ଗଛ ଓ କାଠୁରିଆ

ରହ ଆରେ କାଠୁରିଆ ନ ପକାଅ ହାଣି,
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।
ନ ଫୁଟୁ ପଛକେ ବାସଫୁଲ ଗଛ ଦେହେ,
ନ ଉଡୁ ପଛକେ ମଧୁମକ୍ଷିକା ସେନେହ ।
ବସି କୁହୁକୁହୁ ତାନେ ନବ ମଧୁକାଳେ,
ନ ଗାଉ କୋକିଳ ପଛେ ଫୁଲଭରା ଡାଳେ ।
ନ ଫଳୁ ପଛେ ଏ ଗଛେ ମିଠାମିଠା ଫଳ,
ଖରାବେଳେ ବାଟୋଇ ତ ବସେ ଏହା ତଳ ।





ଛାଡ଼ି ଯାଅ କାଠୁରିଆ ନ ପକାଅ ହାଣି,
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।
କାଠୁରିଆ ନ ହାଣ ସେ ଗଛ, ରହରହ,
ତାହାକୁ ଲଗାଇ ଗଲେ ପିତୃପିତାମହ ।
କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ଭର,
କେତେ ଝିଅପୁଅ କେତେ ଯାତ ବିଭାଘର ।
ମନେପଡ଼େ ପିଲାଦିନ ଏହାରି ମୂଳରେ,
ଖେଳୁଥିଲି ମୁହିଁ ଖେଳସାଥୀ ଗହଳରେ ।



ଏବେ ବାଲ୍ୟକାଳେ ପୋଥି ଧରି ଛାଇତଳେ,
ପଢ଼ଇ ବସି ମୁଁ ସଞ୍ଜ ସକାଳେ ନିଷ୍ଫଳେ ।
କାଠୁରିଆ ନ ହାଣ ସେ ଗଛ, ରହରହ,
ଦେଖିଅଛି ଏ ଗଛ ମୋ ପିତୃପିତାମହ ।
ନ ହାଣ ଏ ଗଛ ଶୁଣଶୁଣ ମୋର ବାଣୀ,
ଆଉ ମୁଁ ଜୀବନେ ଗଛ ନ ପାରିବ ହାଣି ।

DRAFT

ପୂରୁବ ଆକାଶେ ସୂର୍ଯ୍ୟ ଉଦେ ପ୍ରଭାତରେ,
ଉଠନ୍ତି ପକ୍ଷୀଏ ରାବି ଏହାରି ଡାଳରେ ।
ଯାଅ ଯାଅ କାଠୁରିଆ ଏ ଗଛ ନ ହାଣି,
ରଖିବି ଏ ଗଛ ମୁହିଁ ସତ୍ୟ ମୋର ବାଣୀ ।

● ନନ୍ଦ କିଶୋର ବଳ





## ଆସ ନୂତନ ଶବ୍ଦ ଜାଣିବା

ବାଲ୍ୟକାଳ, ବାସ, ପ୍ରଭାତ, ପିତୃପିତାମହ, ମଧୁମକ୍ଷିକା, ନିଷ୍ଫଳ, ବାଣୀ ।



## ଆସ କଥା ହେବା

(କ) ଗଛ ଆମକୁ କ'ଣ ଦିଏ ?

(ଖ) କାଠୁରିଆକୁ ଗଛ ନ ହାଣିବାପାଇଁ ପିଲାଟି ମନାକଲା କାହିଁକି ?

(ଗ) ମିଠା ଫଳ ଫୁଲ ନଥିଲେ ମଧ୍ୟ ଗଛକୁ ନ କାଟିବାର କାରଣ କ'ଣ ?

(ଘ) ଗଛମୂଳେ ବସି ପିଲାଟି ବାଲ୍ୟକାଳରେ କ'ଣ କରିଥିଲା ?

(ଙ) ଗଛ କି କି ଘଟଣା ସବୁ ଦେଖିଛି ବୋଲି କବିତାରେ ଲେଖା ଯାଇଛି ?



## ଆସ ଉତ୍ତର ଲେଖିବା

୧. **କବିତାର କେତୋଟି ଧାଡ଼ି ତଳେ ଲେଖାଯାଇଛି । ଆସ ସେଗୁଡ଼ିକୁ ଗଦ୍ୟ ଆକାରରେ ଲେଖିବା ।**

(କ) ନ ହାଣ ଏ ଗଛ ଶୁଣ ଶୁଣ ମୋର ବାଣୀ,

-------------------------------------------

(ଖ) ପୂରୁବ ଆକାଶେ ସୂର୍ଯ୍ୟ ଉଦେ ପ୍ରଭାତରେ,

-------------------------------------------

(ଗ) କେତେ ଝିଅ ପୁଅ କେତେ ଯାତ ବିଭାଘର ।

---

(ଘ) ତାହାକୁ ଲଗାଇ ଗଲେ ପିତୃପିତାମହ ।

---

(ଙ) ଖରାବେଳେ ବାଟୋଇ ତ ବସେ ଏହା ତଳେ ।

---

୨. ଫୁଲର ପାଖୁଡ଼ାରେ ଥିବା ଶବ୍ଦଗୁଡ଼ିକ ସହିତ ବାମ ପାଖ କୋଠରିରେ ଥିବା ଶବ୍ଦଗୁଡ଼ିକର ସଂପର୍କ ଅଛି । ବାମପାର୍ଶ୍ୱ କୋଠରିରୁ ଉପଯୁକ୍ତ ଶବ୍ଦ ଆଣି ଫୁଲର ଉପର ପାଖୁଡ଼ାରେ ଆସ ଲେଖିବା ।


(କ) ମିଠାମିଠା

(ଖ) ଗଛ

(ଗ) ସଞ୍ଜ

(ଘ) ପୂରୁବ

(ଙ) କୁହୁକୁହୁ






## ଭାଷାର କଥା ପଢ଼, ବୁଝ ଓ ଲେଖ

୧. (କ) ରାସ୍ତାକଡ଼ରେ ଗଛ ଲଗାଇବା କାହିଁକି ?

---

(ଖ) ଦୁଇଟି ଔଷଧୀୟ ଗଛର ନାମ କୁହ ।

---

(ଗ) କେଉଁ ଗଛର ପତ୍ର ପିତା ଲାଗେ ?

---

(ଘ) କେଉଁ ଗଛର ପତ୍ରକୁ ବାଟି ନଖକୁ ରଙ୍ଗ କରାଯାଏ ?

---

(ଙ) କେଉଁ ଗଛର ଫୁଲ ରାତିରେ ଫୁଟି ସକାଳୁ ଝଡ଼ିପଡ଼େ ?

---

**୨. କବିତାର ଗୋଟିଏ ଧାଡ଼ି ଦିଆଯାଇଛି । ତା'ର ଅନ୍ୟ ଧାଡ଼ିଟି ମନେ ପକାଇ ଲେଖ ।**

(କ) ବସି କୁହୁକୁହୁ ତାନେ ନବ ମଧୁକାଳେ,

---

(ଖ) ନ ଫଳୁ ପଛେ ଏ ଗଛେ ମିଠାମିଠା ଫଳ,

---

(ଗ) ମନେପଡ଼େ ପିଲାଦିନେ ଏହାରି ମୂଳରେ,

---

(ଘ) ପୂରୁବ ଆକାଶେ ସୂର୍ଯ୍ୟ ଉଦେ ପ୍ରଭାତରେ,

---

(ଙ) କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ଭର,

---

**୩. ଗଛର ଉପକାରିତା ସମ୍ପର୍କରେ ଆସ ଆଲୋଚନା କରିବା ଓ ପାଞ୍ଚଧାଡ଼ି ଲେଖିବା ।**

---

---

---

---

---

DRAFT



## ଚିନ୍ତାକରି କହିବା ଓ ଲେଖିବା

୧. ଏଠାରେ 'ବାସ' ଶବ୍ଦଟି ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଛି । କେଉଁ ବାକ୍ୟରେ କେଉଁ ଅର୍ଥ ବୁଝାଉଛି ପାଖ କୋଠରିରେ ଲେଖ ।

(କ) ଗରିବ ପିଲାଟିର ପିନ୍ଧିବାକୁ ବାସ ଖଣ୍ଡିଏ ବି ନାହିଁ ।

(ଖ) ଚମ୍ପାଫୁଲର ବାସ ଭାରି ମଧୁର ।

(ଗ) ସନ୍ଧ୍ୟାବେଳେ କୃଷକ ତା' ବାସକୁ ଫେରିଲା ।

୨. ଅକ୍ଷରଗୁଡ଼ିକୁ ସଜାଡ଼ି ଠିକ୍ ଶବ୍ଦ ଲେଖିବା

ଲସଫୁବା –

କ୍ଷିମଧୁମକା –

ଆକାଠୁରି –

ଧୁଳେକାମ –

ଭାବିଘର –

୩. ଗଦ୍ୟରୂପ ଲେଖିବା –

ସେନେହ

ପୂରୁବ

ପରାଣ

ଶରଧା

ସରଗ

DRAFT

## ୪. ସରଳ ଭାଷାରେ ବୁଝାଇ ଲେଖିବା ।

(କ) ଛାଡ଼ି ଯାଅ କାଠୁରିଆ ନ ପକାଅ ହାଣି
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।

(ଖ) କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ଭର
କେତେ ଝିଅପୁଅ କେତେ ଯାତ ବିଭାଘର ।




## ତୁମ ପାଇଁ କାମ

(କ) ଗଛ ବିଷୟରେ କବିତାଟିଏ ଲେଖି ଶ୍ରେଣୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଦେଖାଇବ ।

(ଖ) ବିଦ୍ୟାଳୟର ବଗିଚାରେ ଗଛଟିଏ ଲଗାଇବା ।
(ଦଳଗତ କାର୍ଯ୍ୟ)

(ଗ) ନିମ୍ନ ଅଙ୍କିତ ଗଛର ବିଭିନ୍ନ ଅଂଶକୁ ଚିହ୍ନାଅ ।



ପଠନ ନିମନ୍ତେ

# ଦୁଇଟି ହାତ କାମ ବହୁତ

ଆସ ଜାଣିବା ହାତର କାମ
କେତେ ଯେ ଉପକାରୀ
ପାଠ ପଢ଼ିବା ଖାଦ୍ୟ ଖାଇବା
ଭାତକୁ ତରକାରି ॥୧॥

ଆମ ହାତର ପାଞ୍ଚ ଆଙ୍ଗୁଠି
ଆଙ୍ଗୁଠି ଅଗେ ନଖ
ଦେହ ଅଳିଆ କରଇ ସଫା
ଏହାକୁ ସଫା ରଖ ॥୨॥

ବାମ ଡାହାଣ ହାତ ଦୁଇଟି
ଅଲଗା ଅଟେ କାମେ
ହାତ ଦୁଇକୁ ରଖିଲେ ସଫା
ସୁସ୍ଥ ରହିବା ଆମେ ॥୩॥

ଦୁଇ ହାତରେ ଲଗାଉ ଗଛ
ବଜାଉ ଆମେ ତାଳି
ଗଛରୁ ଫଳ ନିଇତି ଖାଉ
ଦୁଇ ହାତରେ ତୋଳି ॥୪॥

ମୁଣ୍ଡିଆ ମାରୁ ଗୁରୁଜନଙ୍କୁ
ଦୁଇ ଆଣ୍ଠୁକୁ ମାଡ଼ି
ସକାଳ ସଞ୍ଜେ ପ୍ରାର୍ଥନା କରୁ
ଦୁଇ ହାତକୁ ଯୋଡ଼ି ॥୫॥



DRAFT

୧୧

# ନିବେଦନ

## ପ୍ରଥମ ଦୃଶ୍ୟ

ବଣ ପାହାଡ଼ ଘେରା ପରିବେଶ । କାନ୍ଧରେ ବ୍ୟାଗ୍, ହାତରେ ଡାଏରି ଓ କଲମ ଧରି ପ୍ରବେଶ କଲେ ଜଗନ ।



ଜଗନ – ବାଃ ! କି ସୁନ୍ଦର ବଣଜଙ୍ଗଲ । ନୀଳ ଆକାଶକୁ ମଥାଟେକି ରହିଅଛି ପାହାଡ଼ ପର୍ବତ । କୁଳୁକୁଳୁ ନାଦରେ ବହିଯାଉଛି ପାହାଡ଼ି ଝରଣା । ମୃଦୁ ପବନରେ ଦେହମନ ଉଲ୍ଲସିତ ହୋଇ ଉଠୁଛି । ବାସ୍ତବରେ ମାନବ ସମାଜ ପାଇଁ ପ୍ରକୃତିର ଏ ବରଦାନ ।

ଗଛ – (ପ୍ରବେଶି) ତୁମେ କ'ଣ ଦେଖି-ପାରୁନ, ତୁମ ମଣିଷମାନେ କିପରି ଜଙ୍ଗଲରୁ ଗଛ କାଟି ସଫା କରି ଦେଉଛନ୍ତି । ମୋତେ ଟିକେ ଦେଖ । ମୋର ଶାଖା ପ୍ରଶାଖାକୁ କାଟି ମଣିଷ କିପରି ମୋତେ ଥୁଣ୍ଟା କରି ଦେଇଛି ।

ଜଗନ – (ଆଶ୍ଚର୍ଯ୍ୟ ହୋଇ) ତୁମେ... ?

ଗଛ – ମୁଁ ହେଉଛି ତୁମମାନଙ୍କର ବନ୍ଧୁ । ମୋର ଡାଳ, ପତ୍ର, ଚେର ପ୍ରଭୃତିରେ ଭରି ରହିଛି ଔଷଧୀୟ ଗୁଣ । ମୁଁ ମାନବ ସମାଜ ବଞ୍ଚିବା ପାଇଁ ଶୁଦ୍ଧ ଅମ୍ଳଜାନ ବାୟୁ ଦେଇଥାଏ । କେବଳ ସେତିକି ନୁହେଁ : ଖାଦ୍ୟ, ବସ୍ତ୍ର ମଧ୍ୟ ଦେଇଥାଏ ।

ଜଗନ – ଧନ୍ୟବାଦ ବନ୍ଧୁ । ତୁମର ଉପକାରକୁ ମଣିଷ ଭୁଲିଯିବା ଅନୁଚିତ । ସେମାନଙ୍କୁ ଏହିକଥା ବୁଝାଇବାକୁ ଚେଷ୍ଟା କରିବି ।

ନଦୀ – (ପ୍ରବେଶି) ମଣିଷମାନଙ୍କୁ କ'ଣ ବୁଝାଇବ । ମଣିଷ ପରା ପୃଥିବୀର ବୁଦ୍ଧିଆ ପ୍ରାଣୀ । ସେ କ'ଣ ଜାଣିପାରୁ ନାହିଁ କି, ଜଳ ହେଉଛି ଜୀବନ । ମୋ' ଦେହରେ ଅଳିଆ ଆବର୍ଜନା ପକାଇବା ସହିତ କଳ

କାରଖାନାର ବର୍ଜ୍ୟବସ୍ତୁକୁ ନଦୀତଟବାସୀ ଛାଡ଼ିଦେଇ ମୋତେ ଦୂଷିତ କରୁଛନ୍ତି । ସେହି ଦୂଷିତ ଜଳ ପାନ କରି ଜ୍ୱର, ଝାଡ଼ା, ବାନ୍ତି, ହଇଜା ପରି ବିଭିନ୍ନ ରୋଗର ଶିକାର ହେଉଛନ୍ତି । ମଣିଷ ନିଜ ହାତରେ ନିଜର ସର୍ବନାଶ କରୁଛି ।

ଜଗନ - ଆରେ, ସତ କଥା ତ ? ମଣିଷମାନଙ୍କୁ ଏ ବିଷୟରେ ନିଶ୍ଚିତ ସଚେତନ କରାଇବି ।

ପବନ - (ପ୍ରବେଶି) କେବଳ ସେତିକି ନୁହେଁ ମଣିଷ ଭାଇ ! ଏଇ ଦେଖ ମୋ ଦେହ କିପରି ଦୁର୍ଗନ୍ଧଯୁକ୍ତ ହୋଇ ପଡ଼ିଛି । କଳକାରଖାନାର ଧୂଆଁ, ଗାଡ଼ି ମଟର ଧୂଆଁ ଓ ମଲାଜୀବଜନ୍ତୁମାନଙ୍କ ଶବର ପଚାଗନ୍ଧରେ ମୋ ଦେହ ଦୂଷିତ ହୋଇ ଯାଇଛି । ସେଥିପାଇଁ ମଣିଷ କାଶ, ଥଣ୍ଡା, ଯକ୍ଷ୍ମା, ଆଦି ରୋଗରେ ପଡୁଛି । କେବେ ଏ ମଣିଷ ସମାଜ ଏ କଥା ବୁଝିବ ?

ଜଗନ - ଏହି କଥା ମଣିଷ ସମାଜକୁ ଅବଗତ କରାଇବାର ସମୟ ଆସିଯାଇଛି ।

ପାହାଡ଼ - (ନିକଟରେ ଥିବା ପାହାଡ଼) ଏମାନଙ୍କ କଥା ସବୁତ ଶୁଣିଲ । ହେଲେ ମଣିଷ ଆଜି ବିକାଶ ନାମରେ ବିନାଶ ଆଡ଼କୁ ଗତି କରୁଛି । ଜଙ୍ଗଲ କାଟି ସଫା କରି ଖଣି ଖାଦାନ ଖୋଲି ମତେ କ୍ଷତାକ୍ତ କରି ଦେଉଛି । ଜଳର ଉତ୍ସ ଧୀରେଧୀରେ ଶୁଖି ଯାଉଛି । ସବୁଜିମା ହରାଇ ମୁଁ ଟାଙ୍ଗରା ପାହାଡ଼ରେ ପରିଣତ ହୋଇଛି । ଏଣୁ ବର୍ଷା କିପରି ହେବ ? ମଣିଷ ସମାଜ କିପରି ବଞ୍ଚିବ ?

ସମସ୍ତେ - (ଗଛ, ନଦୀ, ପବନ, ପାହାଡ଼ ଏକସ୍ୱରରେ କହିଲେ) ଆମମାନଙ୍କ ଉପରେ ମଣିଷର ଅତ୍ୟାଚାର ଆଉ ସହି ହେଉନାହିଁ । ମଣିଷକୁ ଟିକେ ବୁଝାଅ । ନ ହେଲେ ଏ ସୃଷ୍ଟି ଧ୍ୱଂସ ହୋଇଯିବ ।

ଜଗନ - ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ନିଶ୍ଚୟ ମଣିଷମାନଙ୍କୁ ବୁଝାଇବି । ଦରକାର ପଡ଼ିଲେ ପ୍ରକୃତିର (ତୁମମାନଙ୍କର) ସୁରକ୍ଷାପାଇଁ ମୁଁ ଆନ୍ଦୋଳନ କରିବି ।

(ମଞ୍ଚ ଅନ୍ଧକାର)

## ଦ୍ୱିତୀୟ ଦୃଶ୍ୟ

(ଜଙ୍ଗଲ ରାସ୍ତା । ଜଗନ ଚିନ୍ତିତ ମନରେ ଚାଲୁଥାଏ । ହଠାତ୍ ହାତୀର ଗର୍ଜନ ଶୁଭିଲା)

ଜଗନ - (ହାତୀର ଗର୍ଜନ ଶୁଣି ଚମକି ପଡ଼ିଲା) ହାତୀଟି ଜଗନ ଆଡ଼କୁ ମାଡ଼ି ଆସିଲା । ଆରେ ଆରେ ଗଜରାଜ ତୁମେ... ?



DRAFT

ହାତୀ – ଆଜି ତୁମକୁ ମାରିଦେବି । ତୁମ ମଣିଷମାନଙ୍କ ପାଇଁ ଆମେ ଆମର ବାସସ୍ଥାନ ହରାଇ ସାରିଲୁଣି । ଖାଇବାକୁ... ପିଇବାକୁ କିଛି ପାଉନାହୁଁ ।

ଜଗନ – ମୋତେ କାହିଁକି ମାରିବ ତୁମେ । ମୁଁ ତୁମର କି ଦୋଷ କରିଛି ?

ହାତୀ – ତୁମେ ଦୋଷ ନ କଲେ କ'ଣ ହେଲା ? ତୁମ ମଣିଷ ଜାତି ଗଛ କାଟି ଜଙ୍ଗଲ ସଫାକରି ସାରିଲାଣି । ଏବେ ଆମେ ଖାଇବୁ କ'ଣ ? ରହିବୁ କେଉଁଠି ? ଏହି କଥା କେବେ ଚିନ୍ତା କରିଛ ?

ଜଗନ – ଗଜରାଜ, ମୋତେ ଛାଡ଼ିଦିଅ । ତୁମର ବାର୍ତ୍ତା ମୁଁ ମାନବ ସମାଜରେ ପ୍ରଚାର କରିବି । ଏହି କଲମ ମୁନରେ ମୁଁ ବିପ୍ଲବ ସୃଷ୍ଟି କରି ପ୍ରକୃତିର ସୁରକ୍ଷା ପାଇଁ ମଣିଷମାନଙ୍କୁ ସଚେତନ କରାଇବି ।

(ହାତୀ ଗର୍ଜନ କରି ଚାଲିଯାଇଛି ଓ ପ୍ରବେଶ କରିଛନ୍ତି ମାଙ୍କଡ଼ଦଳ)

ମାଙ୍କଡ଼ଦଳ – (ପ୍ରବେଶି) କୁଆଡ଼େ ଚାଲିଯାଉଛ ମଣିଷଭାଇ ! ଆମ କଥା ଟିକେ ଶୁଣ ।

ଜଗନ – ତୁମର ପୁଣି କି କଥା ?

ମାଙ୍କଡ଼ – ତୁମେମାନେ ତ ଗଛ କାଟି ପଦା କରିଦେଲ ଜଙ୍ଗଲ । କେନ୍ଦୁ, ଆମ୍ବ, ପଣସ ଗଛସବୁ କାଟି ନେଲ । ଏବେ ଆମ୍ଭେମାନେ ଖାଇବୁ କ'ଣ, ବଞ୍ଚିବୁ କେମିତି ?

ଜଗନ – ହେଉ, ଗଛ ନ କାଟିବାପାଇଁ ମଣିଷମାନଙ୍କୁ ବୁଝେଇବା ହେବ ମୋର ପ୍ରଥମ କାମ ।

(ମଞ୍ଚ ଅନ୍ଧକାର)

DRAFT

**ଶେଷ ଦୃଶ୍ୟ**

(ଧରଣୀ ମାଆଙ୍କ ନିକଟରେ ଠିଆ ହୋଇଥାନ୍ତି ଗଛ, ନଦୀ, ପବନ, ପାହାଡ଼, ହାତୀ, ମାଙ୍କଡ଼)

ମାଟିମାଆ – ହେ ମୋର ପ୍ରିୟ ସନ୍ତାନଗଣ । କ'ଣ ପାଇଁ ମୋ' ନିକଟକୁ ଆସିଛ । କାହାରି ମନରେ ମୁଁ ଖୁସିର ଚିହ୍ନ ଦେଖୁନାହିଁ । ତୁମମାନଙ୍କର ଦୁଃଖ କ'ଣ ?

ଗଛ – ହେ ଜନନୀ ! ଏ ମଣିଷ ମୋର ଶାଖା ପ୍ରଶାଖାକୁ ହାଣି ମତେ ପଙ୍ଗୁ କରି ଦେଇଛି ।

ନଦୀ – ମାତା, ମଣିଷମାନେ ମୋ' ଦେହରେ ପ୍ରବାହିତ ଜଳକୁ ବିଷାକ୍ତ କରି ଦେଇଛନ୍ତି ।

ପବନ – ହେ ଜଗତମାତା, ମାନବର ଅତ୍ୟାଚାର ଆଉ ସହି ହେଉନାହିଁ । ମୋର ସମଗ୍ର ଶରୀରକୁ ସେ ବିଭିନ୍ନ ଉପାୟରେ ଦୂଷିତ କରି ସାରିଲାଣି ।

ପାହାଡ଼ – ମାତା, ମଣିଷଜାତି ମୋତେ ଲଣ୍ଡାକରି ଓ ଖୋଳିତାଡ଼ି ମୋର ଶରୀରକୁ କ୍ଷତାକ୍ତ କରିଦେଇଛି ।

ହାତୀ – ମାତା, ମୋର ବାସସ୍ଥାନ ଉପରେ ମାନବଜାତି ଅତ୍ୟାଚାର କରି ଚାଲିଛି ।

ମାଙ୍କଡ଼ – ମାତା, ମଣିଷ ଗଛ କାଟିବା ଯୋଗୁଁ ମୋର ଖାଦ୍ୟ ମିଳିବାରେ ବହୁ ଅସୁବିଧା ହେଉଛି ।

ମାଟି ମାଆ – ଶୁଣ ସନ୍ତାନଗଣ ! ତୁମମାନଙ୍କର ଦୁଃଖର କଥା ଶୁଣିଲି । ହେଲେ ମଣିଷମାନଙ୍କ ଅତ୍ୟାଚାର କଥା କହୁଛି ଶୁଣ – ମଣିଷ କଳଲଙ୍ଗଳରେ ମୋ ଦେହକୁ ତାଡ଼ି ଅଧିକ ଅମଳ ପାଇଁ କୀଟନାଶକ ଔଷଧ ଓ ରାସାୟନିକ ସାର ସବୁ ପ୍ରୟୋଗ କରି ଚାଲିଛି । ମୋର ଦେହ ବିଷାକ୍ତ ହୋଇଯାଇଛି । ଫଳରେ ଦୂବ ଘାସଟିଏ ମଧ୍ୟ କଅଁଳୁନାହିଁ । ମୋର ଶରୀର ଅନୁର୍ବର ହୋଇଗଲାଣି ।

ସମସ୍ତେ – ତେବେ କୁହନ୍ତୁ ମାଆ... ! କେତେ ଦିନ ମଣିଷର ଅତ୍ୟାଚାର ଆଉ ସହିବା ? ଏଥିପାଇଁ କ'ଣ କିଛି ଉପାୟ ନାହିଁ ?

ମାଟି ମାଆ – ଉପାୟ ଅଛି । ମାତ୍ର ମାନବର ସେବା କରିବା ଆମର ଧର୍ମ । ସନ୍ତାନଟିଏ ଯଦି ଦୁଷ୍ଟ ହୁଏ ମାଆ କ'ଣ ତାକୁ ଫିଙ୍ଗିଦିଏ ? ତେଣୁ ଆମେ ଆମର ଧର୍ମ ପାଳନ କରିବା, ଦିନେ ନା ଦିନେ ମଣିଷ ଏକଥା ବୁଝିବ ।

ସମସ୍ତେ – ହଁ ମାତା । ସକଳ କଷଣ ସହି ଆମେ ସମସ୍ତେ ମାନବ ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବୁ ।


ଜଗନ – ହେ ସର୍ବଂସହା ମାଟିମାଆ ! ତୋ' ଚରଣରେ ଅନନ୍ତ କୋଟି ପ୍ରଣାମ ଜଣାଉଛି । ଜଗତର କଲ୍ୟାଣ ପାଇଁ ତୋର ବାର୍ତ୍ତା ମାନବ ସମାଜରେ ପ୍ରଚାର କରିବି । ପରିବେଶ ସୁରକ୍ଷା ପାଇଁ ଆଜିଠାରୁ ମୋର ଯାତ୍ରା ଆରମ୍ଭ ହେଲା ।

ସମସ୍ତେ ଉଚ୍ଚସ୍ୱରରେ ମାଟିମାଆର ଜୟଗାନ କଲେ ।

ଜୟ...

ମାଟି ମା'ର ଜୟ... ।

(ମଞ୍ଚ ଅନ୍ଧକାର)





## ଆସ ନୂଆ ଶବ୍ଦ ଜାଣିବା

ବିପ୍ଳବ, ଭୁବନ, ଅସହାୟ, ନିମଗ୍ନ, ଦୂଷିତ, ଅପରାଧ, ଅନୁର୍ବର



## ଆସ କଥା ହେବା

କ) ମାଟି ଆମକୁ କ'ଣ ଦେଇଛି ?

ଖ) ଗଛର ଉପକାରକୁ କେବେ ଅନୁଭବ କରିଛ ?

ଗ) ତୁମର ଚତୁଃପାର୍ଶ୍ୱର ପରିବେଶ ସଫା ରହିଲେ ତୁମକୁ କିପରି ଲାଗେ ?

ଘ) ମଶା, ମାଛି ଥିବା ସ୍ଥାନରେ ଆମେ ହଠାତ୍ ପହଞ୍ଚିଲେ କିପରି ଲାଗେ ?


ଙ) ପ୍ରକୃତି ରାଗିଲେ କ'ଣ କରେ ?



## ଆସ ଉତ୍ତର ଲେଖିବା

**୧. ନିମ୍ନ ଚିତ୍ରଗୁଡ଼ିକୁ ଦେଖି ଖାଲିଥିବା କୋଠରିଗୁଡ଼ିକୁ ଆସ ପୂରଣ କରିବା ।**

(କ) ମୁଁ ଦୂଷିତ ହେଲେ କ'ଣ ହେବ ?



(ଖ) ମୁଁ ଦୂଷିତ ହେଲେ କ'ଣ ହେବ ?



DRAFT

୨. ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ସମାନ ଅର୍ଥ ପ୍ରକାଶ କରୁଥିବା ଶବ୍ଦ ଲେଖିବା ।

| ଜଳ | ବାୟୁ | ମାଟି | ନଦୀ |
|---|---|---|---|
| | | | |
| | | | |

୩.






## ଭାଷାର କଥା ପଢ଼, ବୁଝ ଓ ଲେଖ

୧. ନିମ୍ନରେ କେତୋଟି ସମାନ ଭାବରେ ଉଚ୍ଚାରିତ ହେଉଥିବା ଶବ୍ଦ ଦିଆଯାଇଛି ସେଗୁଡ଼ିକର ଅର୍ଥ ପ୍ରକାଶ କରି ବାକ୍ୟ ଗଠନ କର ।

| ଶବ୍ଦ | ଅର୍ଥ | ବାକ୍ୟ |
|---|---|---|
| କୁଳ | | |
| କୂଳ | | |
| ଦିନ | | |
| ଦୀନ | | |
| ଚୁଡ଼ା | | |
| ଚୂଡ଼ା | | |

୨. "ପାହାଡ଼ପର୍ବତ" ଏକ ଯୋଡ଼ାଶବ୍ଦ । ଆସ ଏକାଙ୍କିକାଟିକୁ ପଢ଼ିବା, ଏହିପରି ଆଉ କେତୋଟି ଯୋଡ଼ା ଶବ୍ଦ ଅଛି ଖୋଜି ବାହାର କରି ଲେଖିବା ।

| | | | | |
|---|---|---|---|---|
| ପାହାଡ଼ପର୍ବତ | | | | |

୩. ନିମ୍ନ ପ୍ରଶ୍ନଗୁଡ଼ିକରେ ଚାରୋଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯାଇଛି ଠିକ୍ ଉତ୍ତରଟି ବାଛି ଲେଖ ।

- ପବନ କିପରି ଭାବରେ କଥା କହେ ?

  (କ) କ୍ରୂରଭାଷା (ଖ) ମୃଦୁଭାଷା

  (ଗ) କର୍କଶ ଭାଷା (ଘ) ରୁକ୍ଷଭାଷା

- କାହାର ଶରୀର ଔଷଧୀୟ ଗୁଣରେ ଭରି ରହିଛି ?

  (କ) ନଦୀ (ଖ) ପାହାଡ଼

  (ଗ) ବୃକ୍ଷ (ଘ) ମଶା

- ଧୂଆଁ କାହାକୁ ଦୂଷିତ କରେ ?

  (କ) ଜଳ (ଖ) ମାଟି

  (ଗ) ଆଲୋକ (ଘ) ବାୟୁ

- ସମସ୍ତେ କାହା ନିକଟରେ ଅଭିଯୋଗ କରିଛନ୍ତି ?

  (କ) ନଦୀ (ଖ) ବୃକ୍ଷ

  (ଗ) ମାଟି ମା' (ଘ) ପବନ



## ଆସ ଚିନ୍ତାକରି କହିବା ଓ ଲେଖିବା

(କ) ପ୍ରକୃତିକୁ ଧ୍ୱଂସ କରିବାରେ ଅଧିକ ଭୂମିକା କାହାର ?

---------------------------------------------------------------

(ଖ) ବୃକ୍ଷ ମାନବର ବନ୍ଧୁ କିପରି ?

---------------------------------------------------------------

DRAFT

(ଗ) ନଦୀଜଳ ଦୂଷିତ ହେଲେ କ'ଣ ହେବ ?

---

(ଘ) ଜଗନ ମୁହଁରୁ ଝାଳ କାହିଁକି ବାହାରିଲା ?

---

(ଙ) ଜଗନ କିପରି ବିପ୍ଳବ କରିବ ବୋଲି କୁହାଯାଇଛି ?

---

## ତୁମ ପାଇଁ କାମ

ଦଳ ଗଠନ କରି ଏକାଙ୍କିକାଟିକୁ ପ୍ରଥମେ ଶ୍ରେଣୀ ଗୃହରେ ପରେ ବିଦ୍ୟାଳୟରେ ଥିବା ସଭାଗୃହରେ ମଞ୍ଚସ୍ଥ କରାଇବେ । (ସାଧାରଣ ପୋଷାକରେ)

**ପ୍ରକଳ୍ପ କାମ :** ଘରେ ଦଶଧାଡ଼ିର ଗୋଟିଏ ଲେଖାଏଁ କବିତା ଲେଖି ପ୍ରତ୍ୟେକ ପିଲା ଆଣିବେ । ସେମାନେ ଶ୍ରେଣୀ ଗୃହରେ ପାଠ କରିବେ ।



# ଆସ ଲଗାଇବା ଗଛ

ଯାହା ଦେଖୁଅଛ ଚାରିପାଖେ ଆମେ
ତାହା ଆମ ପରିବେଶ
ଯତ୍ନବାନ ଯଦି ହେବା ଆମେ ଟିକେ
ହସୁଥିବା ବାରମାସ ।
ମୂଲ୍ୟବାନ ସଦା ଆମ ଲାଗି ଗଛ
ପରିବେଶ ପାଇଁ ଜାଗ
ନିରାମୟ ହେବ ଆମରି ଜୀବନ
ରହିବା ଆମେ ନିରୋଗ ।
ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦେଉଛି
ଆଜି କାଲିର ମଣିଷ
ଜାଣି ଜାଣି ପୁଣି ଗଛ କାଟିଦିଏ
ନଷ୍ଟ କରେ ପରିବେଶ ।



ଅମ୍ଳଜାନ ଲୋଡ଼ା ସୁସ୍ଥ ସ୍ୱାସ୍ଥ୍ୟ ଲାଗି
କାଟିଦେବା ଯଦି ଗଛ
ରୋଗ ଯନ୍ତ୍ରଣାରେ କଷଣ ଭୋଗିବା
ନୁହଁଇ ଏକଥା ମିଛ ।
ବାୟୁ ପ୍ରଦୂଷଣ ବଢ଼ିବା କାରଣ
କେବଳ ଗଛ ଅଭାବ
ପ୍ରଦୂଷିତ ହୁଏ ସାରା ବିଶ୍ୱ ଆଜି
ଅତିଷ୍ଠ ସକଳ ଜୀବ ।
ପ୍ରଦୂଷିତ ହୁଏ ନଦୀନାଳ ଜଳ
ଭୂପୃଷ୍ଠର ଜଳସ୍ତର
କମିବାରୁ ଏବେ ଚିନ୍ତାର କାରଣ
ମୃତ୍ୟୁ ଛୁଇଁଲାଣି ଦ୍ୱାର ।



ବିଶ୍ୱ ତାପମାନ ଅଣାୟତ୍ତ ଲାଗି
ମଣିଷ କେବଳ ଦାୟୀ
ଆମ ପରିବେଶ ସବୁଜ ସୁନ୍ଦର
କଲେ ହସିବ ଏ ମହୀ ।
ଅମ୍ଳଜାନ ଆଉ ବରଷା ଅଭାବେ
ସୃଷ୍ଟି ହୋଇଯିବ ଧ୍ୱଂସ
ଗଛ ଯଦି ଆମେ ଲଗେଇ ଚାଲିବା
ହସିବ ଏ ପରିବେଶ ।



# ୧୨

# ବୋଇତ ବନ୍ଦାଣ ଓ ବାଲିଯାତ୍ରା



ରାତି ହେବାରୁ କୁନା କୁନି, ମୁନା, ମୁନି, ଦୀପୁ ଓ ଆଶୁ ଅଜାଙ୍କ ପାଖରୁ ଗପ ଶୁଣିବାକୁ ଆସିଲେ । ଅଜା ସେମାନଙ୍କୁ ପାଖରେ ବସାଇ କହିଲେ - "ପିଲାଏ ! ଆଜି କି ଗପ ଶୁଣିବ ?"

ଅଜାଙ୍କ କଥା ଶୁଣି ଦୀପୁ କହିଲା, - "ଅଜା ଆଜି ବାଲିଯାତ୍ରା କଥା ଶୁଣିବୁ ।" ଅଜା କହିଲେ,- "ଆମ ରାଜ୍ୟରେ ପାଳିତ ହେଉଥିବା ବିଭିନ୍ନ ଯାତ୍ରା, ପର୍ବ ଓ ଉତ୍ସବ ଆମର ସାଂସ୍କୃତିକ ପରଂପରାର ପ୍ରତୀକ । ବାଲିଯାତ୍ରା ସହିତ ଆମ ରାଜ୍ୟର ବହୁ ଗୌରବମୟ ଇତିହାସ ଓ କାହାଣୀ ଜଡ଼ିତ ହୋଇ ରହିଛି ।" ସେହ କଥା କହୁଛି ଶୁଣ ।

ପ୍ରାଚୀନ କାଳରେ ଆମ ରାଜ୍ୟର ନାମ ଥିଲା ଉତ୍କଳ ବା କଳିଙ୍ଗ । ଇତିହାସରୁ ଜଣାଯାଏ ଯେ ପ୍ରାଚୀନ କଳିଙ୍ଗର ବୀର ସାଧବପୁଅମାନେ ସାତ ଦରିଆ ପାରି ହୋଇ ଦୂର ବିଦେଶରେ ବାଣିଜ୍ୟ ବ୍ୟବହାର କରୁଥିଲେ । ଏମାନେ ଅଥଳ ସାଗରକୁ ଭ୍ରୂକ୍ଷେପ ନ କରି ବୋଇତ ନେଇ ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ବାଲି, ସିଂହଳ, ଚୀନ, ବ୍ରହ୍ମଦେଶ ପ୍ରଭୃତି ଦେଶକୁ ବାଣିଜ୍ୟ ପାଇଁ ଯାଉଥିଲେ । ଅତି ପ୍ରାଚୀନକାଳରୁ ବୟନ ଶିଳ୍ପରେ କଳିଙ୍ଗ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା । ପାଟବସ୍ତ୍ର, ସୂକ୍ଷ୍ମ କାରୁକାର୍ଯ୍ୟର ସାମଗ୍ରୀ, ତାରକସି କାର୍ଯ୍ୟ, ଝୁଣା, ମହୁ ପ୍ରଭୃତି ପଦାର୍ଥ ପ୍ରଚୁର ପରିମାଣରେ ପ୍ରାଚୀନ ଉତ୍କଳରେ ଉତ୍ପାଦିତ ହେଉଥିଲା ।



ସେହି ଉତ୍ପାଦିତ ଦ୍ରବ୍ୟମାନ ବିକ୍ରୟ କରି ସେଠାରୁ ଅଜସ୍ର ଧନରତ୍ନ ନିଜ ଦେଶକୁ ବୋହି ଆଣୁଥିଲେ । ଫଳରେ ଉତ୍କଳର ଆର୍ଥିକ ଅବସ୍ଥା ଅତ୍ୟନ୍ତ ସ୍ୱଚ୍ଛଳ ଥିଲା । ସାଧବପୁଅମାନେ ନିଜ ଦେଶକୁ ଧନରତ୍ନ ଆଣିବା ସହିତ ସେହି ବିଦେଶ ଭୂମିରେ ଆମ କଳା, ଭାସ୍କର୍ଯ୍ୟ, ସଂସ୍କୃତି ଓ ସାହିତ୍ୟର ପ୍ରସାର କରିଥିଲେ । ଏହାଦ୍ୱାରା ଦେଶ ଦେଶ ଭିତରେ ସ୍ନେହ, ଶ୍ରଦ୍ଧା ଓ ଭ୍ରାତୃଭାବର ପ୍ରତିଷ୍ଠା ହୋଇ ପାରିଥିଲା । ଆମ ଦେଶର ସାଧବପୁଅମାନେ ଦୀର୍ଘଦିନ ଧରି ଜଳଯାତ୍ରା କରି ବାଣିଜ୍ୟ ବ୍ୟବସାୟ କରିବା ସମୟରେ ସେମାନେ ଅସୀମ ଶକ୍ତି, ଧୈର୍ଯ୍ୟ ଓ ସାହସର ପରିଚୟ ଦେଇ ଯାଇଛନ୍ତି ।

କୁନା କହିଲା,- "ଅଜା ସେହି ସାଧବପୁଅ କଥା ଆମକୁ କୁହନ୍ତୁ, ଆମେ ଶୁଣିବୁ ।"

ଅଜା କହିଲେ,- "ପିଲାଏ ପ୍ରାଚୀନ ଯୁଗରେ ଯେଉଁ ବୀର ଯୁବକମାନେ ସାତ ଦରିଆ ପାରି ହୋଇ ବିଦେଶକୁ ବୋଇତ ନେଇ ବାଣିଜ୍ୟ କରିବାକୁ ଯାଉଥିଲେ, ସେମାନଙ୍କୁ ସାଧବ ବା ସୌଦାଗର କୁହାଯାଏ । ସେମାନେ ଧନୀ ଥିଲେ । ସେମାନଙ୍କ ନିକଟରେ ଏକାଧିକ ବୋଇତ ରହିଥିଲା । ସେମାନେ ସଂଘବଦ୍ଧ ହୋଇ ବୋଇତ ଧରି ବାଣିଜ୍ୟ କରିବାକୁ ଯାଉଥିଲେ । ଆମ ରାଜ୍ୟରେ ଏମାନଙ୍କ ବିଷୟରେ ବହୁ କିମ୍ବଦନ୍ତୀ ଓ କାହାଣୀ ପ୍ରଚଳିତ ରହିଛି । ଏବେ ମଧ୍ୟ 'ସାଧବ ଘର' ଓ 'ସାଧବ ବୋହୂ' କଥାମାନ ଆମ ସମାଜରେ ପ୍ରଚଳିତ ଅଛି । ବର୍ତ୍ତମାନର ବଙ୍ଗୋପସାଗରକୁ ପ୍ରାଚୀନ ଉତ୍କଳର ସାଧବମାନେ କଳିଙ୍ଗ ସାଗର ନାମରେ ନାମିତ କରିଥିଲେ । ଇଂରେଜମାନେ ଆମ ଦେଶ ଶାସନ କରିବା ସମୟରେ କଳିଙ୍ଗ ସାଗରର ନାମକୁ ବଙ୍ଗୋପସାଗରରେ ପରିବର୍ତ୍ତନ କରିଛନ୍ତି ।





ସାଧବମାନେ ଦୀପାବଳି ଅମାବାସ୍ୟା ଦିନ ଲକ୍ଷ୍ମୀପୂଜା କରିବା ପରେ ବର୍ଷସାରା ସଂଗ୍ରହ କରିଥିବା ପଣ୍ୟଦ୍ରବ୍ୟ ସବୁକୁ ବୋଇତ ଭିତରେ ରଖୁଥିଲେ । କାର୍ତ୍ତିକ ପୂର୍ଣ୍ଣିମାଦିନ ଏହିସବୁ ଦ୍ରବ୍ୟ ଧରି ବାଣିଜ୍ୟ ଯାତ୍ରାରେ ବାହାରି ଯାଉଥିଲେ । ବୋଇତ ଯାତ୍ରା ପାଇଁ ଏହି ମାସର ପାଗ ବେଶ୍ ଅନୁକୂଳ ରହୁଥିଲା । ଏହି ସମୟରେ ଉତ୍ତରା ପବନ ବହୁଥିଲା । ପାଲଟଣା ବୋଇତମାନ ଉତ୍ତରା ପବନ ଦ୍ୱାରା ସହଜରେ ବିଭିନ୍ନ ଦ୍ୱୀପପୁଞ୍ଜକୁ ଯାତ୍ରା କରିପାରୁଥିଲା ।

ଅତୀତରେ ସାଧବପୁଅମାନଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା ସହିତ ନୌବାଣିଜ୍ୟର ଶୁଭକାମନା କରି କେଉଁ ପ୍ରାଚୀନ କାଳରୁ ବୋଇତ ବନ୍ଦାଣ ଉତ୍ସବ ପାଳନ ହୋଇ ଆସୁଛି । ସେଥିପାଇଁ ସାଧବ ଘରର କୁଳବଧୂମାନେ ପ୍ରତିବର୍ଷ କାର୍ତ୍ତିକ ମାସର ପୂର୍ଣ୍ଣମୀ ତିଥିରେ ସମୁଦ୍ର ଓ ନଦୀକୂଳରେ ଥିବା ବନ୍ଦରମାନଙ୍କରେ ବୋଇତଗୁଡ଼ିକୁ ଧୂପ, ଦୀପ ଓ ଶଙ୍ଖ ଓ ହୁଳହୁଳି ଦେଇ ବନ୍ଦାପନା କରି ମେଲାଣି ଦେଇଥାନ୍ତି । ଏହାକୁ ବୋଇତ ବନ୍ଦାଣ ଉତ୍ସବ କୁହାଯାଏ । ଆମ ଦେଶରେ କେବଳ ବୋଇତ ବନ୍ଦାଣ ଉତ୍ସବ ନୁହେଁ, ଅନେକ ପୌରାଣିକ ଓ ଐତିହାସିକ ଘଟଣାବଳୀକୁ ମନେ ରଖିବା ପାଇଁ ବିଭିନ୍ନ ଉତ୍ସବ, ପୂଜା, ମେଳା, ମହୋତ୍ସବ ଆଦି ପାଳନ କରାଯାଏ । ଅତୀତର ସାଧବପୁଅମାନଙ୍କ ନୌବାଣିଜ୍ୟର ଗୌରବାବହ କୀର୍ତ୍ତିରାଜିକୁ ଜୀବିତ ରଖିବାପାଇଁ ବୋଇତ ବନ୍ଦାଣ ଉତ୍ସବ ପାଳିତ ହେଉଅଛି । ଆମ ରାଜ୍ୟରେ ଏହି ଉତ୍ସବକୁ 'ବାଲିଯାତ୍ରା' କୁହାଯାଏ ।

ଆଶୁ ପଚାରିଲା – "ଅଜା, ବୋଇତ ବନ୍ଦାଣ ଉତ୍ସବକୁ 'ବାଲିଯାତ୍ରା' କାହିଁକି କୁହାଯାଏ ?"

ଅଜା କହିଲେ, – "ଆମ ରାଜ୍ୟର ସାଧବ ପୁଅମାନେ ବିଭିନ୍ନ ଦ୍ୱୀପକୁ ବାଣିଜ୍ୟ ପାଇଁ ଯାଉଥିଲେ । ଅତୀତରେ ବାଲିଦ୍ୱୀପ ସହିତ, ଆମର ନୌବାଣିଜ୍ୟ ତଥା କଳା, ସାହିତ୍ୟ ଓ ସଂସ୍କୃତିର ସମ୍ପର୍କ ନିବିଡ଼ ଥିଲା । ଆମ ସାଧବମାନେ

ସେଠାରେ ମଧ୍ୟ ବସବାସ କରୁଥିଲେ । ତେଣୁ ବାଣିଜ୍ୟ ପାଇଁ ବାଲିଦ୍ୱୀପକୁ ଯାତ୍ରା କରିବାକୁ 'ବାଲିଯାତ୍ରା' କୁହାଗଲା । 'ବାଲିଯାତ୍ରା' ନାମକରଣ ବିଷୟରେ ଲୋକମୁଖରେ ଅନ୍ୟ ଏକ କଥା ରହିଛି । କଥାଟି ହେଉଛି ଅତୀତରେ କଟକର ମହାନଦୀ କୂଳର ବାଲୁକାପୂର୍ଣ୍ଣ ତଟ ଦେଶରେ ସାଧବବୋହୂମାନେ ହୁଳହୁଳି ଦେଇ ବୋଇତ ବନ୍ଦାଇ ସାଧବମାନଙ୍କର ମଙ୍ଗଳ ମନାସି ଶୁଭ ମେଲାଣି ଦେଉଥିଲେ । ପୁଣି ବୋଇତ ପ୍ରତ୍ୟାବର୍ତ୍ତନ କାଳରେ ବନ୍ଦାପନା କରି ସାଧବମାନଙ୍କୁ ଗୃହକୁ ପାଛୋଟି ନେଉଥିଲେ । ଏହି କାର୍ଯ୍ୟ ନଦୀକୂଳର ବାଲିଶଯ୍ୟା ଉପରେ କରାଯାଉଥିବାରୁ ଏହାକୁ ବାଲିଯାତ୍ରା କୁହାଯାଏ ।

ବୋଇତବନ୍ଦାଣ ଉତ୍ସବ ବା 'ବାଲିଯାତ୍ରା' ଉତ୍ସବ ସମଗ୍ର ଦେଶରେ ବେଶ୍ ପ୍ରସିଦ୍ଧି ଲାଭ କରିଛି । ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ବିଷୟରେ ଏହି ଉତ୍ସବ ଆମକୁ ମନେ ପକାଇଦିଏ । ଅତୀତର ଇତିହାସକୁ ମନେ ରଖିବା ପାଇଁ ଆଜି ଓଡ଼ିଆ ଘରର ପୁଅବୋହୂ ଓ ଝିଅମାନେ ବୋଇତବନ୍ଦାଣ ଉତ୍ସବକୁ ବହୁ ଆଡ଼ମ୍ବର ସହକାରେ ପାଳନ କରୁଛନ୍ତି । କଦଳୀ ଗଛର ବାହୁଙ୍ଗା, ସୋଲ ଓ କାଗଜରେ ଡଙ୍ଗା ତିଆରି କରି ତହିଁରେ ଧୂପଦୀପ ଜଳାଇ ପାନ, ଗୁଆ, ଯଅ ରଖି ବନ୍ଦାପନା ପୂର୍ବକ ସେହି ଡଙ୍ଗାକୁ ପାଣିରେ ଭସେଇ ଦିଅନ୍ତି । ଡଙ୍ଗା ଭସାଇବା ସମୟରେ କହିଥାନ୍ତି–

"ଆ-କା-ମା-ବୈ
ପାନଗୁଆ ଥୋଇ
ପାନଗୁଆ ତୋର
ମାସକ ଧରମ ମୋର ।"





ଏହି ପର୍ବ ଓଡ଼ିଶାର ଏକ ସାର୍ବଜନୀନ ପର୍ବଭାବେ ସ୍ୱୀକୃତି ଲାଭ କରିଛି । ଏହା କେବଳ ଏକ ପର୍ବ ନୁହେଁ, ବରଂ ବୋଇତ ବନ୍ଦାଣ ଉତ୍ସବଟି ପ୍ରାଚୀନ ଉତ୍କଳ ନୌବାଣିଜ୍ୟର ହଜିଲା ସ୍ମୃତିକୁ ମନେ ପକାଇ ଦେବାର ଏକ ପରମ୍ପରା ।

ଶେଷରେ ଅଜା କହିଲେ,- "ପିଲାମାନେ ପ୍ରାଚୀନ ଉତ୍କଳର ଗରିମାମୟ ଇତିହାସର ମୂକସାକ୍ଷୀ ହେଉଛି ଆମର ବୋଇତ ବନ୍ଦାଣ ଉତ୍ସବ ବା ବାଲିଯାତ୍ରା । ତୁମ୍ଭେମାନେ ଏହି କଥାକୁ ମନେରଖି ଆମ ଓଡ଼ିଶାକୁ ଏକ ସମୃଦ୍ଧଶାଳୀ ରାଜ୍ୟରେ ପରିଣତ କରିବାକୁ ଯତ୍ନଶୀଳ ହେବ ।



## ଆସ ନୂଆ ଶବ୍ଦ ଜାଣିବା

| | | | | | |
|---|---|---|---|---|---|
| ସାଂସ୍କୃତିକ | ପରମ୍ପରା | ପ୍ରସିଦ୍ଧି | ତାରକସି | ଘରକରଣା | କିମ୍ବଦନ୍ତୀ |
| ଉତ୍ସବ | ସାର୍ବଜନୀନ | ପ୍ରାଚୀନ | ଯତ୍ନଶୀଳ | ବାହୁଙ୍ଗା | ସ୍ମୃତି |



## ଆସ, କଥା ହେବା

(କ) ତୁମେ କାହାଠାରୁ ଗପ ଶୁଣ ?

(ଖ) ତୁମକୁ ଗାଁରେ ଯାତ୍ରା ଦେଖିବାକୁ କେମିତି ଲାଗେ ?

(ଗ) ତୁମେ କେଉଁଦିନ ଡଙ୍ଗା ଭସାଇବା ପାଇଁ ନଦୀ କିମ୍ବା ପୋଖରୀ କୂଳକୁ ଯାଅ ?

(ଘ) ସାଧବପୁଅ ଓ ତଅପୋଇ କଥା ତୁମକୁ କିପରି ଲାଗେ ?

(ଙ) ତୁମ ଅଞ୍ଚଳରେ ହେଉଥିବା ଯାତ୍ରାକୁ ବୁଲିଗଲାବେଳେ ତୁମେ କ'ଣ ସବୁ ଦେଖ ?

DRAFT



## ଆସ ଉତ୍ତର ଲେଖିବା

୧. (କ) ଉତ୍କଳ ନୌବାଣିଜ୍ୟ ପରମ୍ପରାର ସଙ୍କେତ ରୂପେ କେଉଁ ଯାତ୍ରା ହେଉଛି ?

(ଖ) "ବାଲିଯାତ୍ରା" ନାମକରଣର ତାତ୍ପର୍ଯ୍ୟ ବୁଝାଇ ଲେଖ ।

(ଗ) ଝୁଣା, ମହୁ କେଉଁଠାରୁ ପାଉ ଓ ଏହା କେଉଁ ଜାତୀୟ ପଦାର୍ଥ ?

(ଘ) ବାଣିଜ୍ୟ କାରବାର ହେଉଥିବା ଦ୍ୱୀପମାନଙ୍କ ମଧ୍ୟରୁ କେଉଁ ଦ୍ୱୀପ ସହିତ ଆମ ସାଂସ୍କୃତିକ ସମ୍ବନ୍ଧ ଥିଲା ?

(ଙ) "ଆ କା ମା ବୈ" କେଉଁ କେଉଁ ମାସ ସହିତ ସଂପର୍କିତ ?
(ଶିକ୍ଷକଙ୍କ ସହିତ ଆଲୋଚନା କରି ଉତ୍ତର ଲେଖିବେ)

(ଚ) ବିଷୟଟିରୁ ଆମେ କ'ଣ ଶିଖିଲେ ?

୨. **ଓଡ଼ିଶାର ନୌବାଣିଜ୍ୟ ସଂପର୍କରେ ପାଞ୍ଚଟି ଶବ୍ଦ ବାଛିବା ଏବଂ ତାହାକୁ ବାକ୍ୟରେ ବ୍ୟବହାର କରିବା ।**

| ଶବ୍ଦ | ବାକ୍ୟ |
|---|---|
| ସାଧବ | ଉତ୍କଳର ସାଧବ ପୁଅମାନେ ବିଦେଶରେ ବାଣିଜ୍ୟ ବ୍ୟବସାୟ କରି ଦେଶକୁ ଧନ ରତ୍ନ ବୋହି ଆଣୁଥିଲେ । |
| | |
| | |
| | |
| | |
| | |

DRAFT

୩. ପ୍ରତ୍ୟେକ ପ୍ରଶ୍ନର ନିମ୍ନରେ ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତା' ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।

- ବାଲିଯାତ୍ରା କେଉଁ ପରମ୍ପରାର ପ୍ରତୀକ ?

  (କ) ସାମାଜିକ (ଖ) ସାଂସ୍କୃତିକ

  (ଗ) ନୈତିକ (ଘ) ପାରିବାରିକ

- ପାଟବସ୍ତ୍ର କେଉଁ ଶିଳ୍ପ ଅନ୍ତର୍ଗତ ?

  (କ) ତାରକସି (ଖ) ଖଣିଜ ଶିଳ୍ପ

  (ଗ) ହସ୍ତଶିଳ୍ପ (ଘ) ବୟନ ଶିଳ୍ପ

- କେଉଁ ବୀରଯୁବକମାନେ ସାତ ଦରିଆ ପାରିହୋଇ ବିଦେଶକୁ ବଣିଜ କରିବାକୁ ଯାଉଥିଲେ ?

  (କ) ସୌଦାଗର (ଖ) କାରିଗର

  (ଗ) ଜମିଦାର (ଘ) ଜମାଦାର

- ବାଣିଜ୍ୟ ପାଇଁ କେଉଁ ଦିନ ପଣ୍ୟଦ୍ରବ୍ୟ ସାଇତି ରଖିବାର ଶୁଭାରମ୍ଭ କରୁଥିଲେ ?

  (କ) ମହାଳୟା (ଖ) କାର୍ତ୍ତିକପୂର୍ଣ୍ଣମୀ

  (ଗ) ମାଘସପ୍ତମୀ (ଘ) ଦୀପାବଳି

- 'ବୋଇତ ବନ୍ଦାଣ' ଉତ୍ସବ କେଉଁ ଯାତ୍ରା ନାମରେ ପରିଚିତ ?

  (କ) ଧନୁଯାତ୍ରା (ଖ) ମକରଯାତ୍ରା

  (ଗ) ବାଲିଯାତ୍ରା (ଘ) ଛତରଯାତ୍ରା

- ବାଲିଯାତ୍ରା ଆମକୁ କ'ଣ ମନେପକାଇଦିଏ ?

  (କ) ରାଜନୈତିକ ପରମ୍ପରା (ଖ) ସାଂସ୍କୃତିକ ପରମ୍ପରା

  (ଗ) ସାମାଜିକ ପରମ୍ପରା (ଘ) ନୈତିକ ପରମ୍ପରା



## ଭାଷାର କଥା ପଢ଼, ବୁଝ ଓ ଲେଖ

୧. ତଳେ ଦିଆଯାଇଥିବା ବିଷୟ ପଢ଼ି ଉପଯୁକ୍ତ ବାକ୍ୟ ଲେଖ ।

| ସମୟ | ବାକ୍ୟ |
|---|---|
| (କ) ଯେଉଁ କାର୍ଯ୍ୟ ଅତୀତ କାଳରେ ହୋଇଥିଲା | ଗତବର୍ଷ ମୁଁ ପୁରୀ ବୁଲିବାକୁ ଯାଇଥିଲି । |
| (ଖ) ଯେଉଁ କାର୍ଯ୍ୟ ବର୍ତ୍ତମାନ କରାଯାଉଛି | |
| (ଗ) ଯେଉଁ କାର୍ଯ୍ୟ ଆସନ୍ତାକାଲି କରାଯିବ | |

୨. ସାଧବ ପୁଅମାନେ ଆମ ଦେଶରୁ କେଉଁ ସବୁ ଜିନିଷ ବିଦେଶରେ ନେଇ ବିକ୍ରୟ କରୁଥିଲେ ଏବଂ କେଉଁ ଦ୍ରବ୍ୟ ବିଦେଶରୁ ଆଣୁଥିଲେ ତାହାର ଏକ ଚିଠା ପ୍ରସ୍ତୁତ କର ।

| ବିକ୍ରି ଦ୍ରବ୍ୟ | କ୍ରୟ ଦ୍ରବ୍ୟ |
|---|---|
| ପାଟଲୁଗା | ସୁନା |

DRAFT

୩. ନିମ୍ନଲିଖିତ ଶବ୍ଦମାନଙ୍କର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

| ବୋଇତ | ଦରିଆ | ନଦୀ |
|---|---|---|
| | | |
| | | |

୪. ଓଡ଼ିଶାର ନିମ୍ନଲିଖିତ ଯାତ୍ରା କେଉଁ ଓଡ଼ିଆ ମାସରେ ପାଳନ କରାଯାଏ କୋଠରି ମଧ୍ୟରେ ଲେଖ ।

| ଯାତ୍ରା | ମାସ | ଯାତ୍ରା | ମାସ |
|---|---|---|---|
| ରଥଯାତ୍ରା | | ଗଜଲକ୍ଷ୍ମୀ ପୂଜା | |
| ଦୋଳଯାତ୍ରା | | ଶୀତଳଷଷ୍ଠୀ | |
| ଧନୁଯାତ୍ରା | | କୁମାରୋତ୍ସବ | |
| ଦଣ୍ଡଯାତ୍ରା | | ଚଡ଼କଯାତ୍ରା | |
| ଝୁଲଣଯାତ୍ରା | | ମକରମେଳା | |

DRAFT

## ଶ୍ରେଣୀ ପ୍ରକୋଷ୍ଠରେ ଶିକ୍ଷଣ କାର୍ଯ୍ୟ

### ବ୍ୟକ୍ତିଗତ କାର୍ଯ୍ୟ

ଶ୍ରେଣୀ ପ୍ରକୋଷ୍ଠରେ ଶିକ୍ଷକ ଦତ୍ତ ରେଖାଚିତ୍ର ବିଷୟରେ ଆଲୋଚନା କରିବେ ଏବଂ ରଙ୍ଗ ଦେବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବେ ।



### ସାମୂହିକ କାର୍ଯ୍ୟ

ଶିକ୍ଷକ, ସେହି ଅଞ୍ଚଳର ଏକଯାତ୍ରା ବିଷୟରେ ଆଲୋଚନା କରାଇବେ ଏବଂ ଏହାର କଥୋପକଥନକୁ ପିଲାମାନଙ୍କୁ ଲିପିବଦ୍ଧ କରି ଦଶଧାଡ଼ିରେ ସଂଳାପ ପ୍ରସ୍ତୁତ କରାଇବେ ।

### ଦଳଗତ କାର୍ଯ୍ୟ

ଶିକ୍ଷକ ପୃଥିବୀର ମାନଚିତ୍ରଟିଏ କାନ୍ଥରେ ଟାଣି ପିଲାମାନଙ୍କୁ ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ସିଂହଳ ଓ ଚୀନ ଦେଶକୁ ଚିହ୍ନାଇ ଲେଖିବା ପାଇଁ କହିବେ ।

### ଗୃହକର୍ମ (ପ୍ରକଳ୍ପ)

ଖୁଦୁରୁକୁଣୀ କଥାବସ୍ତୁକୁ ନେଇ ଦଶଧାଡ଼ି ଲେଖିବେ ଏବଂ ମଙ୍ଗଳାକୋଠିର ଚିତ୍ର ପ୍ରସ୍ତୁତ କରିବେ ।

ପଠନ ନିମନ୍ତେ

# ଆମ ପର୍ବପର୍ବାଣି





ମୁହିଁ ଓଡ଼ିଆ    ଭାରି ବଡ଼ିଆ
ଓଡ଼ିଶା ମୋର ଦେଶ
ଯାନି ଯାତରା    ପାଳନ କରି
ହେଉଛୁ ଆମେ ତୋଷ ।।୧।।

ପଣା ସଂକ୍ରାନ୍ତି    ଉତ୍ସବ ଆମ
ନବାତ ବେଲ ପଣା
ବୈଶାଖ ଶୁକ୍ଳ    ତୃତୀୟା ଦିନ
ହୁଏ ବିହନ ବୁଣା ।।୨।।



ଶହେ ଆଠ    କଳସୀ ଜଳେ
ସ୍ନାନ ଉତ୍ସବ ବେଳେ
ଜଗା ଆମର    ସ୍ନାହାନ କରେ
ଭକତ ଜନ ମେଳେ ।।୩।।



ଆଷାଢ଼ ଶୁକ୍ଳ    ଦ୍ୱିତୀୟା ତିଥି
ବିଖ୍ୟାତ ରଥଯାତ
ଜଗତ ସାରା    ପଡ଼ଇ ହୁରି
ରଥେ ଜଗତ ନାଥ ।।୪।।



ଜାଗରଯାତ    ରାକ୍ଷୀ ପୂର୍ଣ୍ଣିମା
ପାଳୁ ଆନନ୍ଦ ମନେ
ନୂଆଖାଇରେ    ନୂଆ ଫସଲ
ମାଆଙ୍କ ଆଗେ ଲାଗେ ।।୫।।



କାର୍ତ୍ତିକ ମାସ    ବଡ଼ ଓଷାଟି
ମନେ ଭରଇ ଖୁସି
ବଡ଼ି ଭୋଅରୁ    ଡଙ୍ଗା ଭସାନ୍ତି
ସଭିଏଁ ମିଳିମିଶି ।।୬।।

DRAFT



ମାର୍ଗଶୀରରେ ଧନର ଦେବୀ
ଲକ୍ଷ୍ମୀ ମା'ଙ୍କ ପୂଜା
ମକରପର୍ବ ଆନନ୍ଦ ଭରେ
ସଭିଙ୍କ ମନେ ମଜା ॥ ୭ ॥



ଶୀତଳଷଷ୍ଠୀ ପୂଜା ଆମର
ଦେବଦମ୍ପତି ଶ୍ରେଷ୍ଠ
ମା' ଗଉରୀ ଶିବଙ୍କୁ ସ୍ତୁତି
ଜୀବନ ଲଭେ ମୋକ୍ଷ ॥ ୮ ॥




ବସନ୍ତ ଶେଷେ ଦୋଳ ପୂର୍ଣ୍ଣିମା
ହୋଲି ଖେଳ ତା'ନାମ
ଅବିର ଖେଳ ମିଠେଇ ଖାଇ
ଭୁଲିବା ଭେଦ ଭାବ ॥ ୯ ॥



ଖ୍ରୀଷ୍ଟଧର୍ମର ବିବିଧ ପର୍ବ
ପାଳିତ ହୁଏ ଏଠି
ଗୀର୍ଜାଘରେ ଆଲୋକ ସଜା
ଝଲସି ଯାଏ ଆଖି ॥ ୧୦ ॥

ମୁସଲମାନ ଭାଇ ଭଉଣୀ
ମସ୍‌ଜିଦ୍‌ରେ ମିଶି
ଆନନ୍ଦ ମନେ ନମାଜ ପଢ଼ି
ପର୍ବପାଳନ୍ତି ବସି ॥ ୧୧ ॥



DRAFT

୧୩

# କବାଡ଼ି ଖେଳର ମଜା

ପିଲାମାନେ ହେଉଛନ୍ତି ଖେଳପ୍ରିୟ । ଖେଳିବାକୁ ସାଙ୍ଗ ମିଳିଗଲେ ପିଲାମାନେ ଭୋକଶୋଷ ଭୁଲିଯାଆନ୍ତି । ପୁରାଣ ଯୁଗରୁ ଖେଳର ବର୍ଣ୍ଣନା ମଧ୍ୟ ଦେଖିବାକୁ ମିଳେ । ମହାଭାରତରେ ପାଣ୍ଡବ ଓ କୌରବ ଭାଇମାନଙ୍କ ଭିତରେ ଝିମାଣି ଖେଳ ଖେଳାଯାଇଥିବାର ଦେଖାଯାଏ । ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ଓ ଦୁର୍ଯ୍ୟୋଧନ ଦୁଃଶାସନ ପ୍ରଭୃତି ଭାଇମାନେ ଗୁରୁ ଦ୍ରୋଣଙ୍କଠାରୁ ଆଖଡ଼ା ଘରେ ଅସ୍ତ୍ରବିଦ୍ୟା ଶିକ୍ଷା କରୁଥାନ୍ତି । ଦିନେ ସେମାନେ ଝିମାଣି ଖେଳ ଖେଳିବାକୁ ମନସ୍ଥ କଲେ ।

ଗୋଟିଏ ପଟେ ପାଣ୍ଡବ ପାଞ୍ଚଭାଇ ଓ ଅନ୍ୟପଟେ କୌରବ ଭାଇମାନେ ରହିଲେ । ପଡ଼ିଆ ମଝିରେ ଗାରଟିଏ ଟାଣି ପୂର୍ବପଟେ ପାଣ୍ଡବଭାଇମାନେ ଓ ପଶ୍ଚିମପଟେ କୌରବ ଭାଇମାନେ ରହିଲେ । ଖେଳ ଆରମ୍ଭ ହେଲା । ପ୍ରଥମେ ଦୁଃଶାସନ ରାହା ଧରି ପାଣ୍ଡବ ପକ୍ଷକୁ ଯାଇ ଯୁଧିଷ୍ଠିରଙ୍କୁ ଚାପୁଡ଼ା ମାରିବାରୁ ସେ ଅଚେତ ହୋଇ ପଡ଼ିଗଲେ । ତାହାପରେ ପାଣ୍ଡବମାନଙ୍କ ପକ୍ଷରୁ ଭୀମସେନ ରାହା ଧରି କୌରବ ପକ୍ଷକୁ ଯାଇ ଦୁର୍ଯ୍ୟୋଧନ ସମେତ ସମସ୍ତଙ୍କୁ ଚାପୁଡ଼ାଏ ଚାପୁଡ଼ାଏ ମାରି ଅଚେତ କରି ପକାଇଦେଲା । ଏହି ଖେଳଠାରୁ ପ୍ରକୃତରେ କୌରବ ଓ ପାଣ୍ଡବ ଭାଇମାନଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି ହେଲା । ଏହି ଝିମାଣି ଖେଳ ପ୍ରାଚୀନ କାଳରେ ଭାରତ ବର୍ଷରେ ଖେଳା ଯାଉଥିଲା । ଯାହାକୁ କି ଆମେ ଏବେ କବାଡ଼ି ଖେଳ ବୋଲି କହୁଛେ ।



ପ୍ରାଚୀନ କାଳରେ ଗୁରୁକୁଳମାନଙ୍କରେ ଶିଷ୍ୟମାନଙ୍କୁ ଶିକ୍ଷାଦାନ ସହିତ ସେମାନଙ୍କ ଶାରୀରିକ ବିକାଶ ପାଇଁ ଖେଳକୁଦର ଅଭ୍ୟାସ କରାଯାଉଥିଲା । ଏବେବି ଆମ ଗାଁମାନଙ୍କରେ ପିଲାମାନେ ଡାବରପୁଆ, ଡୁଡୁ, ବୋହୂଚୋରୀ, କବାଡ଼ି, ବାଗୁଡ଼ି, ଫୁଟବଲ୍, ଭଲିବଲ୍, କ୍ରିକେଟ୍, ହକି ଆଦି ଖେଳ ଖେଳୁଛନ୍ତି ।

DRAFT

ଖେଳକୁଦ ଶିଶୁମାନଙ୍କର ମାନସିକ ଓ ଶାରୀରିକ ବିକାଶ କରିବା ସହିତ ଶୃଙ୍ଖଳା ଶିକ୍ଷା ମଧ୍ୟ ଦେଇଥାଏ । ପରସ୍ପର ମଧ୍ୟରେ ଏକତା, ସ୍ନେହ, ଶ୍ରଦ୍ଧା ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିବା ସହିତ ବିଜୟୀଭାବର ଉଦ୍ରେକ କରିବା ଖେଳକୁଦର ଉଦ୍ଦେଶ୍ୟ ।

ଖେଳକୁଦ ଆମ ପରମ୍ପରା ଓ ସଂସ୍କୃତିକୁ ମନେ ପକାଇ ଦେଇଥାଏ । ରଜପର୍ବ ହେଉଛି ଆମ ରାଜ୍ୟର ଏକ ପ୍ରମୁଖ ପର୍ବ । ରଜରେ ଝିଅପିଲାମାନେ ପୁଚି ଓ ଦୋଳି ଖେଳ ଖେଳିଥାନ୍ତି । ପୁଅପିଲାମାନେ ବାଗୁଡ଼ି, କବାଡ଼ି, ଡୁଡୁ ଆଦି ଖେଳ ଖେଳନ୍ତି । ଆମର ଜାତୀୟ ଖେଳ ହେଉଛି ହକି । ବିଭିନ୍ନ ଉତ୍ସବ ଅନୁଷ୍ଠାନ ସମୟରେ ଆମ ରାଜ୍ୟରେ ହକି, କ୍ରିକେଟ୍ ଓ କବାଡ଼ି ଖେଳର ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥାଏ । ଆମ ଦେଶ ତଥା ରାଜ୍ୟରେ ହକି ଓ କ୍ରିକେଟ୍ ଖେଳର ଲୋକପ୍ରିୟତା ଅଧିକ ହେଲେ ବି କବାଡ଼ି ଖେଳର ମହତ୍ତ୍ୱ ଏବେବି ରହି ଅଛି । ଆଜି ଆସ କବାଡ଼ି ଖେଳ ବିଷୟରେ ଜାଣିବା ।

କବାଡ଼ି ଭାରତର ବିଭିନ୍ନ ଅଂଚଳରେ ଖେଳାଯାଉଥିବା ଏକ ଲୋକପ୍ରିୟ ଖେଳ । ଏହା ପ୍ରଥମେ ଭାରତରେ ବିଭିନ୍ନ ପର୍ବପର୍ବାଣି ପାଳନ ସମୟରେ ଆମୋଦ ପାଇଁ ଖେଳା ଯାଉଥିଲା । ଏବେ ଏହି କବାଡ଼ି ଖେଳର ଲୋକପ୍ରିୟତା ବିଶ୍ୱର ଅନେକ ଦେଶରେ ଦେଖିବାକୁ ମିଳୁଛି । ବର୍ତ୍ତମାନ ଏସୀୟ କ୍ରୀଡ଼ାରେ ଏହାକୁ ମଧ୍ୟ ସାମିଲ କରାଯାଇଛି । କେବଳ ସେତିକି ନୁହେଁ ୨୦୦୪ ମସିହାରୁ "କବାଡ଼ି ବିଶ୍ୱକପ୍" ଆରମ୍ଭ ହୋଇ ୨୦୧୦ ମସିହାରୁ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଛି । ଆମ ଦେଶରେ କବାଡ଼ିଖେଳ କେବଳ ପୁରୁଷମାନଙ୍କ ମଧ୍ୟରେ ସୀମିତ ନ ରହି ମହିଳାମାନେ ମଧ୍ୟ ଏହି କବାଡ଼ି ଖେଳରେ ନିଜର ଦକ୍ଷତା ପ୍ରଦର୍ଶନ କଲେଣି । ୨୦୧୨ ମସିହାରେ ଭାରତର ପାଟନାଠାରେ ଅନୁଷ୍ଠିତ ପ୍ରଥମ ମହିଳା କବାଡ଼ି ବିଶ୍ୱକପ୍ ଖେଳା ଯାଇଥିଲା । ଏହି ବିଶ୍ୱକପ୍‌ରେ ଭାରତୀୟ ମହିଳା କବାଡ଼ି ଦଳ ଇରାନ୍ ମହିଳା କବାଡ଼ି ଦଳକୁ ହରାଇ ବିଜୟୀ ହୋଇଥିଲେ ।



ଆମ ଭାରତରେ ଚାରି ପ୍ରକାରର କବାଡ଼ି ଖେଳ ଦେଖିବାକୁ ମିଳିଥାଏ । ଯଥା ସଞ୍ଜିବନୀ କବାଡ଼ି, ଜେମିନି କବାଡ଼ି, ଅମର କବାଡ଼ି, ପଞ୍ଜାବୀ କବାଡ଼ି । ଏହି ଖେଳ ପାଇଁ ଏକ ପଡ଼ିଆର ଆବଶ୍ୟକତା ରହିଥାଏ । ସାଧାରଣତଃ ପଡ଼ିଆଟିର ଆକାର ୧୩ ×୧୦ ମିଟର ପୁରୁଷ କବାଡ଼ି ଖେଳପାଇଁ ରହିଥିବା ବେଳେ



ମହିଳା କବାଡ଼ିଖେଳ ପାଇଁ ୧୨×୮ ମିଟର ପଡ଼ିଆ ରହିଥାଏ ।

ଏହି ଖେଳ ଖେଳିବା ପାଇଁ ପ୍ରଥମେ ଦୁଇଦଳ ପଡ଼ିଆର ଦୁଇପାଖରେ ଠିଆ ହୋଇ ରୁହନ୍ତି । ପଡ଼ିଆ ମଝିରେ ଗୋଟିଏ ଗାର ପକା ଯାଇଥାଏ । ଖେଳର ନିୟମ ଅନୁସାରେ ଗୋଟିଏ ଦଳରୁ ଜଣେ ଖେଳାଳି ମଝିଗାରକୁ ଟପି କବାଡ଼ି କବାଡ଼ି ବୋଲି ଏକା ନିଃଶ୍ୱାସରେ ଡାକି ଅନ୍ୟ ଦଳର ଖେଳାଳିମାନଙ୍କୁ ଛୁଇଁବା ପାଇଁ ଚେଷ୍ଟା କରନ୍ତି । ଯେଉଁ ଖେଳାଳିଙ୍କୁ ସେ ଛୁଇଁଦିଏ ସେହି ଖେଳାଳି ପଡ଼ିଆ ଛାଡ଼ି ବାହାରକୁ ଚାଲିଯାଏ ଏବଂ ଅନ୍ୟମାନେ ଖେଳ ଜାରିରଖନ୍ତି । କିନ୍ତୁ ଯଦି ପ୍ରଥମ ଦଳର ଖେଳାଳିଟି ରାହା ଛାଡ଼ିଦିଏ, ଗାର ପାଖକ ଫେରି ଆସି ପାରେ ନାହିଁ କିମ୍ବା ପ୍ରତିପକ୍ଷ ଖେଳାଳିଙ୍କ ହାତରେ ଧରାପଡ଼େ, ତେବେ ସେ ପଡ଼ିଆରୁ ବାହାରକୁ ଯାଏ । ତାହାକୁ କୁହାଯାଏ ସେ ଖେଳାଳିଟି ମରିଗଲା । ଫଳରେ ସେହି ଦଳ ଗୋଟିଏ ପଏଣ୍ଟ ହରାଇଲା ବୋଲି ଧରାଯାଏ । ତାହାପରେ ପ୍ରତିପକ୍ଷ ଦଳରୁ ଜଣେ ରାହା ଧରି ଦ୍ୱିତୀୟ ଦଳ ପଟକୁ ଆସି ଖେଳ ଜାରି ରଖେ । ପ୍ରତିଦଳରେ ସାତଜଣ ଲେଖାଏଁ ଖେଳାଳି ରହିଥାନ୍ତି । ଶେଷରେ ଯେଉଁ ଦଳ ଅଧିକ ପଏଣ୍ଟ ପାଏ ସେ ବିଜୟୀ ଘୋଷିତ ହୋଇଥାଏ ।

ଆମ ଦେଶରେ କବାଡ଼ି ଖେଳର ଲୋକପ୍ରିୟତା ତଥା ଆଦୃତିକୁ ଦୃଷ୍ଟିରେ ରଖି ପ୍ରଥମ କରି ୧୯୫୦ ମସିହାରେ "କବାଡ଼ି ଫେଡେରେସନ ଅଫ୍ ଇଣ୍ଡିଆ" ଗଠନ କରାଯାଇଥିଲା । ବର୍ତ୍ତମାନ ଏହି ଖେଳ ଇଂଲଣ୍ଡ, ଇରାନ୍, ବଙ୍ଗଳାଦେଶ, ଆମେରିକା, ଜାପାନ ଓ କାନାଡ଼ା ଆଦି ଦେଶରେ ବେଶ୍ ଲୋକପ୍ରିୟତା ଅର୍ଜନ କରିପାରିଛି ।

DRAFT



## ଆସ ନୂଆ ଶବ୍ଦ ଶିଖିବା

| | | |
|---|---|---|
| ଶାରୀରିକ | ଅନୁଷ୍ଠାନ | ଗୁରୁକୁଳ |
| ଶୃଙ୍ଖଳା | ଝିମାଣିଖେଳ | ପାରଦର୍ଶିତା |
| ପରମ୍ପରା | ପ୍ରାଚୀନ | ପ୍ରତିପକ୍ଷ |



## ଆସ କଥା ହେବା

(କ) ତୁମେ ଖେଳିବାକୁ ଭଲପାଅକି ?

(ଖ) ତୁମେ ସାଙ୍ଗମାନଙ୍କ ସହିତ ତୁମେ କେଉଁ ସବୁ ଖେଳ ଖେଳିବାକୁ ଭଲପାଅ ?

(ଗ) ଆମ ଦେଶରେ କେଉଁ ଖେଳ ସବୁ ଲୋକପ୍ରିୟ ?

(ଘ) ନିର୍ଦ୍ଦିଷ୍ଟ ପର୍ବପର୍ବାଣିରେ ତୁମ ଅଞ୍ଚଳରେ କେଉଁ ସବୁ ଖେଳ ଖେଳାଯାଏ ?

(ଙ) ଆମ ଦେଶର ଜାତୀୟ ଖେଳର ନାମ କ'ଣ କୁହ ?

(ଚ) ଆମ ଦେଶରେ ହକି, କ୍ରିକେଟ୍ ଖେଳ ପରି ଆଉ କେଉଁ ଖେଳ ଅଧିକ ଲୋକପ୍ରିୟ ?



## ଆସ ଉତ୍ତର ଲେଖିବା

**୧. ପାର୍ଶ୍ୱରେ ଦିଆଯାଇଥିବା କୋଠାରିରୁ ଶବ୍ଦ ସଂଗ୍ରହ କରି ଖାଲିସ୍ଥାନ ପୂରଣ କରିବା ।**

(କ) ................ ଖେଳାଳି

(ଖ) ଶାରୀରିକ ................

(ଗ) ................ ବାର୍ତ୍ତା

(ଘ) ................ ପ୍ରମୁଖ ପର୍ବ

(ଙ) ପାଣ୍ଡବ ଓ କୌରବମାନେ ................ ଘରେ ଅସ୍ତ୍ରବିଦ୍ୟା ଶିକ୍ଷା କରୁଥିଲେ

(ଚ) ପ୍ରଥମ କବାଡ଼ି ବିଶ୍ୱକପ୍ ................ ମସିହାରୁ ଆରମ୍ଭ ହେଲା

(ଛ) ଭାରତର ଓ ............ ଦଳ କବାଡ଼ି ଖେଳରେ ପାରଦର୍ଶିତା ଦେଖାଇଛନ୍ତି ।

| |
|---|
| ଭାଇଚାରାର |
| ରଜ |
| ଆଖଡ଼ା |
| ୨୦୦୪ |
| ୨୦୦୮ |
| ପିଲାମାନେ |
| ମହିଳା |
| ବିକାଶ |
| ମହାନ |

DRAFT

## ୨.   ତଳେ ଦିଆଯାଇଥିବା ଛବି ଦେଖି ଖେଳର ନାମ ଲେଖ ।

(କ)  ______________________________



(ଖ)  ______________________________

(ଗ)  ______________________________

(ଘ)  ______________________________

(ଙ)  ______________________________

(ଚ)  ______________________________

(ଛ)  ______________________________

(ଜ)  ______________________________

DRAFT

୩. 'କ' ସ୍ତମ୍ଭରେ ଦିଆଯାଇଥିବା ଶବ୍ଦର ଅର୍ଥ 'ଖ' ସ୍ତମ୍ଭରେ ଦିଆଯାଇଛି । ଆସ ଶବ୍ଦ ଗୁଡ଼ିକର ଉପଯୁକ୍ତ ଅର୍ଥ ସହିତ ଯୋଡ଼ିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (୧) ପ୍ରାଚୀନ | ଆନନ୍ଦ |
| (୨) ଶୃଙ୍ଖଳା | ମନର ଭାବନା |
| (୩) ସମେତ | ଅଭେଦଭାବ |
| (୪) ମାନସିକ | ପ୍ରଧାନ |
| (୫) ଏକତା | ସହିତ |
| (୬) ପ୍ରମୁଖ | ପୁରୁଣା |
| (୭) ଆମୋଦ | ନିୟମ |



## ଭାଷାର କଥା ପଢ଼, ବୁଝ ଓ ଲେଖ

୧. ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ ।

(କ) ଭାଇ ______ (ଖ) ଘର ______

(ଗ) ଶରୀର ______ (ଘ) ଏକତା ______

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।

(କ) ପ୍ରାଚୀନ ______ (ଖ) ପୂର୍ବ ______

(ଗ) ପଢ଼ିଆ ______ (ଘ) ଗ୍ରାମ ______

(ଙ) ବାହାର ______

DRAFT

୩. ନିମ୍ନଲିଖିତ ଶବ୍ଦକୁ ବ୍ୟବହାର କରି ବାକ୍ୟ ଗଠନ କର ।

(କ) ଖେଳକୁଦ : ..............................................................................

(ଖ) ଭାଇଚାରା : ..............................................................................

(ଗ) ବିଜୟୀ : ..............................................................................

(ଘ) କବାଡ଼ି : ..............................................................................



## ଆସ ଚିନ୍ତାକରି କହିବା ଓ ଲେଖିବା

(୧) କୌରବ ଓ ପାଣ୍ଡବଭାଇମାନେ କି ଖେଳ ଖେଳୁଥିଲେ ?

(୨) ଗୁରୁକୁଳରେ ଶିକ୍ଷାଦାନ ସହିତ ଆଉ କେଉଁ ବିଷୟରେ ଅଭ୍ୟାସ କରିବାକୁ ପଡୁଥିଲା ?

(୩) ଆମ ଗାଁ ଗହଳିରେ ପିଲାମାନେ କି କି ଖେଳ ଖେଳନ୍ତି ?

(୪) ଭାରତୀୟ ମହିଳା କବାଡ଼ି ଦଳ କେଉଁ ମସିହାରେ ଇରାନ୍ କବାଡ଼ି ଦଳକୁ ପରାସ୍ତ କରିଥିଲା ?

(୫) କେତେଜଣ ଲେଖାଏଁ ଖେଳାଳି ଗୋଟିଏ କବାଡ଼ି ଦଳରେ ରହିଥାନ୍ତି ?

(୬) କବାଡ଼ି ଖେଳର ପଡ଼ିଆର ଆକାର କିପରି ବର୍ଣ୍ଣନା କର ।

DRAFT



## ତୁମ ପାଇଁ କାମ

ସାଙ୍ଗମାନଙ୍କ ସହିତ ମିଶି ଖେଳଗୁଡ଼ିକର ତାଲିକା ପ୍ରସ୍ତୁତ କର ।

১৪

# ଆବେଦନ ପତ୍ର

## ଦରଖାସ୍ତ ଲିଖନ

ମାନନୀୟ,

ଶ୍ରୀଯୁକ୍ତ ପ୍ରଧାନଶିକ୍ଷକ, ଖମାରବେଲରପା ପ୍ରାଥମିକ ବିଦ୍ୟାଳୟ, କେନ୍ଦ୍ରାପଡ଼ା, ମହୋଦୟ ସମୀପେଷୁ ।

**ବିଷୟ :** ଦେହ ଖରାପ ହେତୁ ଛୁଟି ନିମନ୍ତେ ପ୍ରାର୍ଥନାପତ୍ର

(ଶ୍ରେଣୀ ଶିକ୍ଷକଙ୍କ ଜରିଆରେ)

ମହାଶୟ,

ନିବେଦନର କାରଣ ଏହିକି ଯେ, ମୁଁ ଆପଣଙ୍କ ଅବଗତି ନିମନ୍ତେ ଜଣାଉ ଅଛିକି, ଗତକାଲି ବିଦ୍ୟାଳୟରୁ ଫେରିବା ସମୟରେ ଅତ୍ୟଧିକ ଖରା ଯୋଗୁଁ ମୁଁ ଅସୁସ୍ଥ ହୋଇ ପଡ଼ିଲି । ମୁଣ୍ଡ ବ୍ୟଥା ହେବା ସହିତ ହଠାତ୍ ଜ୍ୱର ମଧ୍ୟ ଆସିଲା । ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଖାଇବାରୁ ମୁଁ ବର୍ତ୍ତମାନ କିଛିଟା ସୁସ୍ଥ ଅନୁଭବ କରୁଛି । କିନ୍ତୁ ବିଦ୍ୟାଳୟକୁ ଯିବା ସ୍ଥିତିରେ ନାହିଁ । ଡାକ୍ତର ମଧ୍ୟ ମୋତେ ଆଜି ଦିନ, ଅର୍ଥାତ୍ ୧୦.୦୬.୨୦୨୫ରେ ସମ୍ପୂର୍ଣ୍ଣ ବିଶ୍ରାମ ନିମନ୍ତେ ପରାମର୍ଶ ଦେଇଛନ୍ତି ।

ଏଣୁ ବିନୀତ ଅନୁରୋଧ କରେକି, ଆପଣ ଦୟାପୂର୍ବକ ଆଜି ଦିନକ ପାଇଁ ଛୁଟି ପ୍ରଦାନ କଲେ ମୁଁ ଚିରୋପକୃତ ହେବି ।

(ଇତି)

ସ୍ଥାନ- ..................

ତାରିଖ ..................

ଆପଣଙ୍କର ଆଜ୍ଞାବହ ଛାତ୍ର
**ମହାପ୍ରସାଦ ରାଉତ**
ଶ୍ରେଣୀ ଚତୁର୍ଥ
ରୋଲ ନଂ-୫

**ଶିକ୍ଷକଙ୍କ ପାଇଁ ସୂଚନା :** ପିଲାମାନଙ୍କୁ ଲିଖନ କୌଶଳ ଶିଖାଇବେ । ଏଠାରେ ଦରଖାସ୍ତ ଲିଖନର କେତୋଟି ନମୂନା ପ୍ରଦାନ କରାଯାଇଛି । ଦରଖାସ୍ତ ବିଭିନ୍ନ ବିଷୟରେ ଲେଖାଯାଇପାରେ । ବିଭିନ୍ନ ବିଷୟକୁ ନେଇ ଛାତ୍ରଛାତ୍ରୀମାନଙ୍କୁ ଲେଖିବାପାଇଁ ଶିକ୍ଷକ ଉତ୍ସାହିତ କରିବେ ।

DRAFT

## ନମୁନା-୧

ମାନନୀୟ,

ଶ୍ରୀଯୁକ୍ତ ପ୍ରଧାନଶିକ୍ଷକ, (ବିଦ୍ୟାଳୟର ନାମ)______, (ଜିଲ୍ଲାର ନାମ)______, ମହୋଦୟ ସମୀପେଷୁ ।

**ବିଷୟ :** ଦେହ ଖରାପ ହେତୁ ଛୁଟି ନିମନ୍ତେ ।

(ଶ୍ରେଣୀ ଶିକ୍ଷକଙ୍କ ଜରିଆରେ)

ମହାଶୟ,

ସବିନୟ ନିବେଦନ ଏହି କି ଯେ, ମୁଁ, ଗତ ସପ୍ତାହରୁ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଅଛି । ଏହି କାରଣରୁ ମୁଁ ଅତିଶୟ ଦୁର୍ବଳ ଏବଂ ଅସୁସ୍ଥ ହୋଇପଡ଼ିଛି । ବାନ୍ତି, ଝାଡ଼ା, ମୁଣ୍ଡବ୍ୟଥା ଯୋଗୁଁ ମଧ୍ୟ ବହୁତ ଅସୁସ୍ଥ ଅନୁଭବ କରୁଛି ।

ଏବେ ଡାକ୍ତରଖାନାରେ ମୋର ଚିକିତ୍ସା ଚାଲୁଅଛି । ଆଉ ଅଳ୍ପଦିନ ଭିତରେ ମୁଁ ଆରୋଗ୍ୟ ଲାଭ କରିବି ବୋଲି ଆଶା ରଖିଛି ।

ଏଣୁ ବିନୀତ ଅନୁରୋଧ କରେକି, ଆପଣ ଦୟାପରବଶ ହୋଇ ମୋର ଛୁଟି ପ୍ରଦାନ କଲେ ମୁଁ ଚିରୋପକୃତ ହେବି ।

(ଇତି)

ସ୍ଥାନ- ..................

ତାରିଖ ..................

ଆପଣଙ୍କର ଆଜ୍ଞାବହ ଛାତ୍ର/ଛାତ୍ରୀ

**(ଆବେଦନକାରୀଙ୍କ ନାମ)........**

ଶ୍ରେଣୀ ..................

ରୋଲ ନଂ-.............

DRAFT

## ନମୁନା-୨

## ଖେଳ ସାମଗ୍ରୀ ଉପଲବ୍ଧ ହେବା ନିମନ୍ତେ ପ୍ରଧାନ ଶିକ୍ଷକଙ୍କୁ ନିବେଦନ ପତ୍ରର ନମୁନା ।

ମାନନୀୟ,

ଶ୍ରୀଯୁକ୍ତ ପ୍ରଧାନଶିକ୍ଷକ, (ବିଦ୍ୟାଳୟର ନାମ), (ବ୍ଲକ୍‌ର ନାମ), (ଜିଲ୍ଲାର ନାମ), ମହୋଦୟ ସମୀପେଷୁ ।

**ବିଷୟ :** ଖେଳ ସାମଗ୍ରୀ ଯୋଗାଇ ଦେବା ସମ୍ବନ୍ଧେ ।

(ଶ୍ରେଣୀ ଶିକ୍ଷକଙ୍କ ଜରିଆରେ)

ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ, ଆମ୍ଭ ବିଦ୍ୟାଳୟ ବିଗତ ତିନିବର୍ଷ ଧରି ଖେଳକୁଦ ପ୍ରତିଭା ବିକାଶ ଦିଗରେ ଉତ୍ତମ ଯୋଗ୍ୟତା ଲାଭ କରିବା ସହ ଜିଲ୍ଲାରେ ସୁନାମ ଅର୍ଜନ କରିଛି । ଏପରି ଗୌରବ ନିମନ୍ତେ ଆପଣଙ୍କର ଅକୁଣ୍ଠ ସାହାଯ୍ୟ ଓ ସହାନୁଭୂତି ସର୍ବଦା ଗ୍ରହଣୀୟ ରହିବ ।

ଆଜିକାଲି କ୍ରିକେଟ ଖେଳ ଆନ୍ତଃରାଷ୍ଟ୍ରୀୟ ଖ୍ୟାତି ଲାଭ କରିଅଛି, ଆମ୍ଭ ବିଦ୍ୟାଳୟର ଛାତ୍ରମାନେ ଏଥିରେ ଅଗ୍ରସର ହେବା ନିମନ୍ତେ, କ୍ରିକେଟ ଖେଳ ସାମଗ୍ରୀର ଉପଲବ୍ଧ ବ୍ୟବସ୍ଥା ନିହାତି ଦରକାର ଅଛି । ଆଶା କରୁଛୁ ଯେ, ଉତ୍ତମ କୋଚ୍ ଓ କ୍ରୀଡ଼ା ସାମଗ୍ରୀର ଯୋଗ୍ୟତା ଫଳରେ ଆମ୍ଭ ବିଦ୍ୟାଳୟ ଏ କ୍ଷେତ୍ରରେ ଉତ୍ତମ ସ୍ଥାନ ପ୍ରାପ୍ତ କରି ପାରିବ ।

ଏଣୁ ବିନୀତ ଅନୁରୋଧ କରୁକି ଆପଣ ଦୟା ପରବଶ ହୋଇ ଖେଳ ସାମଗ୍ରୀ ଯୋଗାଇଦେବାର ସୁବନ୍ଦୋବସ୍ତ କଲେ ଆମ୍ଭେମାନେ ଚିରୋପକୃତ ହେବୁ ।

(ଇତି)

ଆପଣଙ୍କର ଆଜ୍ଞାଧୀନ ଛାତ୍ରଛାତ୍ରୀବୃନ୍ଦ

**ଆବେଦନକାରୀମାନଙ୍କ ନାମ..........**

ସ୍ଥାନ- ..................

ତାରିଖ ..................

x ____________________

x ____________________

x ____________________

x ____________________




DRAFT



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

DRAFT



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ମୁଦ୍ରଣ : ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧